

‘ମନ୍ଦୋଦରୀ’
କାଜଲ
▸ପୃଷ୍ଠା ୧୨ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-322 ♦BHUBANESWAR ♦WEDNESDAY ♦21 MAY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୨୨ ♦ଭୁବନେଶ୍ୱର ♦ବୁଧବାର ♦୨୧ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



GROWTH DEEPLY ROOTED | FALCON AGRIFRIZ FOODS

# A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

## Rooted in Gujarat, Ready for the World.
















FALCON AGRIFRIZ FOODS (A PART OF FALCON GROUP)

**FALCON AGRIFRIZ FOODS PVT. LTD.**

Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India
Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India
Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India
E-mail: info@falconagrifriz.com | Website: www.just-crave.com

ସକାଳ
THE SAKALA



# ସରକାର ସ୍ପଷ୍ଟ କରନ୍ତୁ 'ପୋଲାଭରମ୍' ଆଭିମୁଖ୍ୟ: ବିଜେଡି

## ପ୍ରକଳ୍ପ ଦ୍ୱାରା ମାଲକାନଗିରିର ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହେବ



**ଭୁବନେଶ୍ୱର,୨୦।୫(ସମିସ):** ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବୈଠକରେ ଓଡିଶା ସରକାର ତାଙ୍କର ପକ୍ଷ ରଖିବେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛି ବିଜେଡି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇଛି। ମାତ୍ର ଏହି ପ୍ରକଳ୍ପ ଦ୍ୱାରା ଓଡିଶାର ମାଲକାନଗିରି ଜିଲ୍ଲା ଉପରେ କ'ଣ ପ୍ରଭାବ ପଡିବ ତାହାର ଆକଳନ କରାଯାଇ ନାହିଁ। ପ୍ରତିବାଦରେ ଓଡ଼ିଶା ସରକାର ୨୦୦୭ରେ ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ ଓ ଅଦାଲତ ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ପରାମର୍ଶ ଏଯାଏ କାର୍ଯ୍ୟକାରୀ କରାଯାଇ ନାହିଁ। ଆଇଆଇଟି ରୁର୍କୀର ରିପୋର୍ଟ ଅନୁଯାୟୀ ବର୍ଦ୍ଧିତ କ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣିର ଉଚ୍ଚତା ୨୩୨.୨ ମିଟର ହେବ ବୋଲି ଆକଳନ କରାଯାଇଛି। ବିଡ଼ମ୍ବନା ହେଉଛି ଏ ପ୍ରସଙ୍ଗରେ ବିଜେପି ସରକାର ସମ୍ପୂର୍ଣ୍ଣ ନିରବ ଥିବାବେଳେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହାସ୍ୟାସ୍ପଦ ମନ୍ତବ୍ୟ ଦେଇଛନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଚାଲିଥିବା ବେଳେ ବିଜେପି ଏହି ପ୍ରସଙ୍ଗରେ ବଧୀର ପାଲଟି ଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ବିଜେଡି ନେତା ଭୃଗୁ ବକ୍ସିପାତ୍ର କହଛନ୍ତି ଯେ ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ନିରନ୍ତର ଲଢେଇ କରିଆସୁଛି। ସରକାରରେ ଥିଲାବେଳେ ନବୀନ ପଟ୍ଟନାୟକ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଦୃଢ଼ ଦାବି ରଖିଥିଲେ। ଏବେ ବିରୋଧୀଦଳ ଭାବେ ମଧ ଦଳ ଦୃଢ଼ ପ୍ରତିବାଦ କରିଆସୁଛି ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରଦୀପ ମାଝୀ କହିଛନ୍ତି ଯେ ଏହି ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ପ୍ରଭାବିତ କରିବ ଓ ମାଲକାନଗିରି ଜିଲ୍ଲାର ଆଦିବାସୀ ମାନଙ୍କ ଜୀବନ ଜୀବିକା ଉପରେ ଏହାର କ'ଣ ପ୍ରଭାବ ପଡିବ, ତାହାର କୌଣସି ଆକଳନ କରାଯାଇନାହିଁ। ଫେବୃଆରୀ ମାସରେ ମୋଟୁ ଠାରେ ହୋଇଥିବା ସମାବେଶରେ ହଜାର ହଜାର ଆଦିବାସୀମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିବା ପାଇଁ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜେ ଜଣେ ଆଦିବାସୀ ହୋଇଥିବାରୁ, ଏହି ପ୍ରସଙ୍ଗରେ ସେ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ। ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଜନ ଶୁଣାଣି କରାଯାଇ ନାହିଁ ଉଲ୍ଲେଖ କରି ସ୍ଥାନୀୟ ବିଜେପି ବିଧାୟକ ଦେଇଥିବା ମନ୍ତବ୍ୟ ମାଲକାନଗିରି ଜିଲ୍ଲାର ସ୍ୱାର୍ଥର ପରିପନ୍ଥୀ ବୋଲି କହିଛନ୍ତି।

# ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି

**କଟକ,୨୦।୫(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫-ମାଟ୍ରିକ୍ ସପ୍ଲିମେଣ୍ଟାରି ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତା ଜୁଲାଇ ୧ରୁ ଆରମ୍ଭ ହୋଇ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷା ଗୋଟିଏ ସିଟିଂରେ ହେବ। ସେହିଭଳି ଉଭୟ ପରୀକ୍ଷାର ପ୍ରଶ୍ନପତ୍ର ସମାନ ରହିବ। ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷାରେ ସମୟ ନିର୍ଘଣ୍ଟ ଅତିରିକ୍ତ ୧୫ମିନିଟ୍ ରହିବ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ଏବଂ ଅନୁପସ୍ଥିତ ରହିଥିବା ପରୀକ୍ଷାର୍ଥୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ପ୍ରଥମ ଦିନ ଜୁଲାଇ ୧ତାରିଖରେ ସାହିତ୍ୟ ପରୀକ୍ଷା, ୨ ତାରିଖରେ ସାମାଜିକ ବିଜ୍ଞାନ, ୪ ତାରିଖରେ ଗଣିତ, ୭ ତାରିଖରେ ଇଂରାଜୀ, ୯ ତାରିଖରେ ସାଧାରଣ ବିଜ୍ଞାନ, ୧୦ ତାରିଖରେ ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜୁନ୍ ୧ ଯାଏଁ ବଢ଼ିଲା +୩ ଆବେଦନ

**ଭୁବନେଶ୍ୱର, ୨୦।୫(ସମିସ):** +୩ ନାମଲେଖା ଅବଧି ବୃଦ୍ଧି ପାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଆଜି ଆବଦେନ କରିବାର ଶେଷ ଦିନ ଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ୧୦ଦିନ ବଢ଼ାଯାଇଛି। ପୂର୍ବରୁ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ଆବେଦନରେ କୌଣସି ତ୍ରୁଟି ଥିଲେ, ଆସନ୍ତାକାଲି ଅର୍ଥାତ୍ ୨୧ତାରିଖ ଅପରାହ୍ଣ ୪ଟାରୁ ଜୁନ୍ ୧ ମଧ୍ୟରେ ସଂଶୋଧନ କରିପାରିବେ। ସେହିପରି ଆବେଦନ କରିସାରିଥିବା ପିଲାମାନେ ଜୁନ୍ ୧ତାରିଖ ମଧ୍ୟରେ +୨ ମାର୍କ ଅପଡେଟ୍ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ, ସାମାଜିକ ପଛୁଆବର୍ଗ (ଓବିସି)ଙ୍କୁ ଚଳିତ ଶିକ୍ଷାବର୍ଷଠାରୁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାକୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପ୍ରକ୍ରିୟା ମଧ୍ୟରେ ଏସ୍‌ଇବିସି ପ୍ରମାଣପତ୍ର ଦାଖଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଚଳିତ ଶିକ୍ଷାବର୍ଷରେ ସମୁଦାୟ ୧୦୫୩ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୨ଲକ୍ଷ ୭୩ ହଜାର ୭୮୯ଟି ସିଟ୍ ଉପଲବ୍ଧ ରହିଛି। ହେଲେ ମାତ୍ର ୧ଲକ୍ଷ ୪୮ ହଜାର ୫୮୭ ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୧ଲକ୍ଷ ୪୪ହଜାର ୪୫୬ ପିଲା ନିର୍ଦ୍ଧାରିତ ଫି' ଦାଖଲ କରିଛନ୍ତି। ଅର୍ଥାତ୍ ସିଟ୍ ତୁଳନାରେ ମାତ୍ର ୫୩ପ୍ରତିଶତ ପିଲା ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷାବର୍ଷରେ ସନ୍ତୁଳନ ତଥା ଠିକ୍ ସମୟରେ ଆଣିବାକୁ +୨ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ କରାଯାଇଛି। ହେଲେ ଆଶାନୁରୂପ ଆବେଦନ ହୋଇପାରିନି।

# ଲାଞ୍ଚ ନେଇ ଡେପୁଟି ରେଞ୍ଜର ଗିରଫ

**ରାଉରକେଲା, ୨୦।୫(ସମିସ):** ଭଡ଼ାରେ ଲାଗିଥିବା ଏକ ଗାଡ଼ିର ବିଲ୍ ପାସ୍ କରାଇଦେବା ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବିଶ୍ରା ରେଞ୍ଜ କାର୍ଯ୍ୟାଳୟର ଡେପୁଟି ରେଞ୍ଜର୍ ଅସିତ ପଟ୍ଟନାୟକଙ୍କୁ ରାଉରକେଲା ଭିଜିଲାନ୍ସ ବିଭାଗ ଗିରଫ କରିଛି। ବିଶ୍ରା ରେଞ୍ଜର କାର୍ଯ୍ୟାଳୟରେ ଭଡ଼ାରେ ଲାଗିଥିବା ଏକ



ଗାଡ଼ିର ଏପ୍ରିଲ ମାସର ବିଲ୍ ପାସ୍ କରାଇବା ଏବଂ ମେ' ୧ ତାରିଖରୁ ପୁନଃ ଭଡ଼ାରେ ଲଗାଇବା ପାଇଁ ଡେପୁଟି ରେଞ୍ଜର୍ ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କୁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଗାଡ଼ି ମାଲିକ ଏନେଇ ରାଉରକେଲା ଭିଜିଲାନ୍ସ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ମଙ୍ଗଳବାର ଡେପୁଟି ରେଞ୍ଜର୍ ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କଠାରୁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅଧିକାରୀମାନେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଏକାଧିକ ଟିମ୍ ଶ୍ରୀ ପଟ୍ଟନାୟକଙ୍କ କାର୍ଯ୍ୟାଳୟ, ବାସଭବନ ସମେତ ୪ଟି ସ୍ଥାନରେ ଚଢ଼ଉ ଜାରି ରଖିଛି।

■ ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲା

# ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାଲେଶ୍ୱର, ୨୦।୫ (ସମିସ):** ୨୦୨୦ ମସିହାରେ ଖଇରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲାର ଆଜି ରାୟ ପ୍ରକାଶ ପାଇଛି। ବାଲେଶ୍ୱର ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଏଫ୍‌ଟିଏସ୍‌ସି) ଅନୀତା ସାହୁ ଏହି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଲେଖାଏଁ ଜେଲ୍ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ଖଇରା ଥାନା ପାଳସାହିର ମନୋରଞ୍ଜନ ଶିଅଳ, ବରପଦାର ସଞ୍ଜୟ ସାହୁ ଓ ମୋହନ ସାହୁ। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୦୨୦ ଜୁଲାଇ ୨୦ରେ ମହିଳାଙ୍କ ସ୍ୱାମୀ କୌଣସି କାମରେ ଭଦ୍ରକ ଯାଇଥିଲେ। ମହିଳାଜଣଙ୍କ ସନ୍ଧ୍ୟା ସମୟରେ ସ୍ଥାନୀୟ ଏକ ଦୋକାନକୁ ଯାଉଥିବା ବେଳେ ଗାଁ ପୋଲ ନିକଟରେ ଦୁଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ବରପଦା ସ୍କୁଲକୁ ନେଇଯାଇଥିଲେ। ସେଠାରେ ସ୍କୁଲ ଘର ମଧ୍ୟରେ ୩ ଜଣ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେହି ସମୟରେ ପୀଡ଼ିତାଜଣକ ଅଭିଯୁକ୍ତ ମନୋରଞ୍ଜନକୁ ଚିହ୍ନିପାରିଥିଲେ। ପରେ ସେ ପିନ୍ଧିଥିବା ସୁନାରୁପା ଅଳଙ୍କାର ଆଦିକୁ ଅଭିଯୁକ୍ତମାନେ ଲୁଟିନେଇ ପଳାଇଥିଲେ। ଘଟଣା ପରଦିନ, ୨୧ ତାରିଖରେ ମହିଳାଜଣଙ୍କ ଖଇରା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଦୀପକ କୁମାର ଦାସ ପରିଚାଳନା କରୁଥିଲେ।

**ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

## ଚିଟଫଣ୍ଡ ଅର୍ଥ ଫେରସ୍ତ ପ୍ରସଙ୍ଗ

# ୨୪ ଘଣ୍ଟା କହିଥିଲେ, ୧୧ ମାସ ବିତିଲାଣି

■ ଚିଟ୍‌ଫଣ୍ଡ କାଗଜପତ୍ର ଖୋଜୁଛନ୍ତି ବିଜେପି ସଭାପତି
■ କାଗଜ ମିଳିବା ପରେ ଜମାକାରୀଙ୍କୁ ଅର୍ଥ ଫେରସ୍ତ
■ ବିଜେପି ସଭାପତିଙ୍କ ମନ୍ତବ୍ୟକୁ ବିଜେଡିର ସମାଲୋଚନା

**ଭୁବନେଶ୍ୱର,୨୦।୫(ସମିସ):** ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ଆଣି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ । ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ବିଜେପିର ନେତା ଓ ନିଜେ ସଭାପତି ମନମୋହନ ସାମଲ ଏପରି ମନ୍ତବ୍ୟ ଦେଇଥିଲେ। ଇତିମଧ୍ୟରେ ୧୧ ମାସ ବିତିଲାଣି, ମାତ୍ର ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ପାଉଣା ମିଳିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସଭାପତି ଏବେ ଆଉ ଏକ ଆଶ୍ଚର୍ଯ୍ୟଜନକ ମନ୍ତବ୍ୟ ଦେଇଛନ୍ତି। ବର୍ତ୍ତମାନ ଚିଟଫଣ୍ଡର ସମସ୍ତ କାଗଜପତ୍ର ଖୋଜା ଚାଲିଛି; ଯେଉଁଦିନ ସମସ୍ତ କାଗଜପତ୍ର ମିଳିଯିବ, ସେଦିନ ଜଣେ ମଧ୍ୟ ଜମାକାରୀ ନିଜର ଅର୍ଥ ଫେରିପାଇବାରୁ ବଞ୍ଚିତ ହେବେନାହିଁ ବୋଲି କହିଛନ୍ତି ମନମୋହନ। ତାଙ୍କର ଏହି ବୟାନକୁ ନେଇ ଏବେ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ରାଜରେ ବିଜେପିର ସରକାର ଅଛି। ସବୁ ଏଜେନ୍ସି, ତଦନ୍ତକାରୀ ସଂସ୍ଥା ସରକାରଙ୍କ ହାତରେ ଅଛି। ସରକାରଙ୍କୁ କାଗଜ ଖୋଜିବାକୁ ଆଉ କେତେଦିନ ଲାଗିବ ସେନେଇ ମନମୋହନ କିମ୍ବା ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ ଚିଟଫଣ୍ଡ ଟଙ୍କା ଫେରସ୍ତ ନେଇ ମତ ରଖିଥିଲେ। ଶ୍ରୀ ସାମଲ କହିଥିଲେ ଯେ ସରକାରକୁ ଆସିବାର ପ୍ରଥମ ଦିନଠାରୁ ଚିଟ୍‌ଫଣ୍ଡ ବିଷୟରେ ପ୍ରକ୍ରିୟା ଚାଲିଛି। ଆପଣଙ୍କ ନିକଟରେ ଏନେଇ ଧୈର୍ଯ୍ୟ ରହିବା ଆବଶ୍ୟକ। ସରକାରଙ୍କୁ ମାତ୍ର ୧୧ ମାସ ପୂରିଛି। ଆହୁରି ୪ ବର୍ଷ ୧ ମାସ ବାକି ଅଛି। ୪୦ ଲକ୍ଷ ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷେ ଶ୍ରୀ ସାମଲଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ। ବର୍ଷେ ହେଲାଣି ରାଜ୍ୟରେ ତାଙ୍କ ସରକାର ଅଛି। ତେଣୁ ନିଜ କାନ୍ଧରୁ ଜୁଆଳି ଖସାଇ ଅନ୍ୟ ଉପରକୁ ଠେଲିଦେବା ଠିକ୍ ନୁହେଁ। କାଗଜପତ୍ର ଖୋଜିବା ଦାୟିତ୍ୱ ସେମାନଙ୍କର। ସରକାର କାଗଜପତ୍ର ଖୋଜି ବାହାର କରନ୍ତୁ। ମାତ୍ର ସବୁକଥାରେ ୨୪ ବର୍ଷର ସରକାରଙ୍କୁ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରିବା ଦୁଃଖଦାୟକ। ଯାହା କରିପାରୁନାହଁ, ସେଥିରେ ୨୪ ବର୍ଷର ସରକାରଙ୍କୁ ଦୋଷ ଠେଲିଦେଉଛ। ଏମରି ମନ୍ତବ୍ୟ ଦେଇ ସରକାର କେବଳ ନିଜର ଅକ୍ଷମତା ପ୍ରଦର୍ଶିତ କରୁଛନ୍ତି ବୋଲି ଡ. ସାହୁ କହିଛନ୍ତି। ସେହିପରି ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ କହିଛନ୍ତି ଯେ ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ଜରିଆରେ ଜମାକାରୀଙ୍କୁ ଅର୍ଥ ଫେରସ୍ତ ନେଇ ବିଜେପି ପ୍ରତିଶ୍ରୁତି ପ୍ରଦାନ କରିଥିଲା। ସରକାରଙ୍କୁ ବର୍ଷେ ପୂରିବାକୁ ଯାଉଛି। ତେଣୁ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ନିର୍ଦ୍ଦିଷ୍ଟ ଯୋଜନା କଣ ଅଛି ସରକାର ସର୍ବସାଧାରଣରେ ଘୋଷଣା କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

**ସରକାରରେ ଅବିଶ୍ୱାସର ବାତାବରଣ**

# ସଚିବଙ୍କୁ ମନା କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୨୦।୫(ସମିସ):** ସରକାରରେ ସବୁକିଛି ଠିକ୍ ଚାଲିନାହିଁ । ଜଣେ ଜଣେ ମନ୍ତ୍ରୀଙ୍କ ହାତରେ ଏକାଧିକ ବିଭାଗ ଥିବାବେଳେ ସେମାନେ ବିଭାଗଗୁଡ଼ିକୁ ସମୟ ଦେଇ ପାରୁନାହାନ୍ତି। ଅନ୍ୟପକ୍ଷରେ ବିଭାଗୀୟ ନିଷ୍ପତ୍ତି ନେବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିଭିନ୍ନ କାର୍ଯ୍ୟ ବିଳମ୍ବିତ ହେଉଛି। ଏପରିକି କିଛି ବିଭାଗର ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ତାଳମେଳ ନାହିଁ ବୋଲି କୁହାଯାଉଛି। ଯାହାକୁ ନେଇ ସରକାରରେ ଏକ ଅବିଶ୍ୱାସ ବାତାବରଣ ସୃଷ୍ଟି ହୋଇଛି ଓ ସଚିବମାନଙ୍କ ପ୍ରଭାବ ହ୍ରାସ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି ଓ ଢ଼ାଞ୍ଚାଗତ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ବୈଠକରେ ବିଭାଗର ସଚିବମାନଙ୍କ ଉପସ୍ଥିତି ଉପରେ ସରକାର କଟକଣା ଲଗାଇଛନ୍ତି। ଏ ସଂକ୍ରାନ୍ତରେ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଏବଂ ସଚିବଙ୍କୁ ସୂଚନା ଦିଆଯାଇଛି।

ନୂଆ ବ୍ୟବସ୍ଥା ଅନୁସାରେ ଏଣିକି ଅନ୍ୟୂନ ୫ ଦିନ ଆଗରୁ କ୍ୟାବିନେଟ୍ ବୈଠକ ନିଷ୍ପତ୍ତି ନିଆଯିବ । କୌଣସି ଜରୁରୀ ଆବଶ୍ୟକତା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଶେଷ ମୁହୂର୍ତ୍ତରେ ଏହି ସମୟକୁ ପପରିବର୍ତ୍ତନ କରିପାରିବେ। ପୁନଶ୍ଚ କ୍ୟାବିନେଟ୍ ବୈଠକର ପ୍ରସଙ୍ଗ ନିର୍ଦ୍ଧାରଣ ୭୨ ଘଣ୍ଟା ପୂର୍ବରୁ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ କ୍ୟାବିନେଟ୍ ବୈଠକରେ କୌଣସି ପ୍ରସଙ୍ଗ ଉପସ୍ଥାପନ ହୋଇପାରିବ ନାହିଁ। ବିଭାଗଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବଗୁଡ଼ିକ ପଠାଇବେ ଓ ଏହା ଅନୁମୋଦନ ପାଇବା ପରେ ତାହା କ୍ୟାବିନେଟ୍ ବୈଠକରେ ଉପସ୍ଥାପନ ହେବ। ପୁନଶ୍ଚ ପ୍ରସ୍ତାବ ସଂକ୍ରାନ୍ତରେ ବିଭାଗୀୟ ଟିପ୍ପଣୀ ଅନିବାର୍ଯ୍ୟ ଓ ଏହା ପରେ ଅନ୍ୟ ମନ୍ତ୍ରୀମାନେ ଏ ସମ୍ପର୍କରେ ମତମନ୍ତବ୍ୟ ଦେଇ ପାରିବେ। ବିଭାଗୀୟ ସଚିବମାନେ କ୍ୟାବିନେଟ ବୈଠକ ଚାଲିଥିବା ବେଳେ ଉକ୍ତ କୋଠରୀରେ ପ୍ରବେଶ କରିବେ ନାହିଁ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ବୈଠକ କୋଠରୀକୁ ଡ଼କାଯିବ। ସଚିବମାନେ ମିଟିଂ ସ୍ଥଳକୁ ଯାଇ ବୈଠକରେ ଭାଗ ନେବେ। ବୈଠକରେ କେବଳ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ନିୟମିତ ଭାବେ ଭାଗ ନେବେ ବୋଲି ଜଣାପଡ଼ିଛି। କ୍ୟାବିନେଟରେ ଯେଉଁ ପ୍ରସ୍ତାବକୁ ଅନୁମୋଦନ କରାଯିବ, ତାହା ଯେପରି ତ୍ୱରିତ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ହେବ ତାହାର ଦାୟିତ୍ୱ ବିଭାଗୀୟ ମନ୍ତ୍ରୀମାନଙ୍କ ଉପରେ ରହିବ ।

# ଅନଲାଇନ୍ ଟ୍ରେଡିଂ ଆଳରେ ୪୭ ଲକ୍ଷ ଠକେଇ

## ହାଇଦ୍ରାବାଦରୁ ସାଇବର ଠକ ଗିରଫ



**କଟକ, ୨୦।୫ (ସମିସ):** ଅନଲାଇନ୍ ଟ୍ରେଡିଂ ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୪୭ ଲକ୍ଷ ୨୦ ହଜାର ଟଙ୍କା ଠକେଇ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ହାଇଦ୍ରାବାଦ ବାହାଦରପୁରା କିସାନବାଗ ଅଞ୍ଚଳରୁ ଜଣେ ସାଇବର୍ ଠକକୁ ଗିରଫ କରିଛି। ସେ ହେଲା, ସୟଦ ଇକବାଲ ହୁସେନ (୪୫)। କ୍ରାଇମବ୍ରାଞ୍ଚ ଆଜି ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କଟକ ଜେଏମ୍‌ଏଫ୍‌ସି-୩ ଅଦାଲତରେ ହାଜର କରାଇଛି। ତା' ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାରକାର୍ଡ, ପ୍ୟାନ୍ କାର୍ଡ ଆଦି ଜବତ କରାଯିବା ସହ ତା'ର ଏକାଧିକ ବ୍ୟାଙ୍କ ଜମା ଖାତାକୁ ଅଚଳ କରିଦିଆଯାଇଛି। କଟକର ଜଣେ ଯୁବକଙ୍କ ସହ ହୁସେନ୍‌ର ବନ୍ଧୁତା ହୋଇଥିଲା। ଅନ୍‌ଲାଇନ୍ ଟ୍ରେଡିଂ ମାଧ୍ୟମରେ କମ୍ ସମୟରେ ଅଧିକ ଅର୍ଥ ରୋଜଗାର ପାଇଁ ହୁସେନ୍ ତାଙ୍କୁ ପ୍ରଲୋଭିତ କରିଥିଲା। ଏପରିକି, ଏପରି କରି କିଛି ଲୋକ ରାତାରାତି କୋଟିପତି ହୋଇଥିବାର ପ୍ରମାଣ ମଧ୍ୟ ସେ ଦେଖାଇଥିଲା। ତା' କଥାରେ ବିଶ୍ୱାସ କରି ଯୁବକଜଣଙ୍କ ପର୍ଯ୍ୟାୟକ୍ରମେ ୪୭ଲକ୍ଷ ୨୦ହଜାର ଟଙ୍କା ନିବେଶ କରିଥିଲେ। ଏହି ଟଙ୍କା ସେ ସିଧାସଳଖ ନିବେଶ କରିବା ପରିବର୍ତ୍ତେ ହୁସେନ୍ ଦେଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। କିନ୍ତୁ କିଛି ଦିନ ପରେ ସେ ଟଙ୍କା ଉଠାଇବାକୁ ଚାହିଁଥିଲେ ହେଁ କରିପାରିନଥିଲେ। ଏପରିକି, ହୁସେନ୍ ମଧ୍ୟ ଆଉ ଧରାଛୁଆଁ ଦେଇନଥିଲା। ତେଣୁ, ଠକାମିର ଶିକାର ହୋଇଥିବା ଜାଣିବା ପରେ ଏ ସଂପର୍କରେ ସେ ଗତ ୨୧ ତାରିଖରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଏସ୍‌ପି କଳ୍ପନା ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଅଭିଯୁକ୍ତକୁ ଟ୍ରାକ୍ କରି ହାଇଦ୍ରାବାଦରେ ଚଢ଼ଉ କରିଥିଲେ। ସେଠାରୁ ଅଭିଯୁକ୍ତକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ବେଳେ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

## ପଦାରେ ପଡ଼ିଲା ବିଜେପିର ଗୋଷ୍ଠୀକନ୍ଦଳ

# ଉପମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଭାଙ୍ଗିଲା ଫଳକ

**ଗୋପ,୨୦।୫(ସମିସ):** ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀରେ ବିଜେପିର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସମୀର ରଞ୍ଜନ ଦାଶଙ୍କ ମଧ୍ୟରେ ଏକପ୍ରକାର ଶକ୍ତି ପ୍ରଦର୍ଶନ ଆରମ୍ଭ ହୋଇଥିବା ବେଳେ ଦୁଇ ନେତାଙ୍କୁ ନେଇ କର୍ମୀ ଦୋଛକିରେ



**ତରବରିଆ ଭାବେ ନିର୍ମାଣ ହୋଇ କରାଗଲା ଉଦ୍‌ଘାଟନ**

ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଏବେ ବିଜେପିର ନେତା କିଏ ବୋଲି ସେମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଭାତୀ ଓ ସମୀର ଅଲଗା ଅଲଗା ତ୍ରିରଙ୍ଗା ଶୋଭାଯାତ୍ରା କରି ସେମାନଙ୍କ ମଧ୍ୟରେ ଥିବା ବିଭେଦକୁ ସ୍ପଷ୍ଟ କରିଥିବା ବେଳେ ଆଜି ପୁଣି ଏକ ଘଟଣା ଦୁହିଁଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ ବୋଲି ପ୍ରମାଣିତ କରିଛି। ଆଜି ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ମହାପାତ୍ର ସାହିଠାରେ ପ୍ରାୟ ୧୩ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟ ନିମନ୍ତେ ଶିଳାନ୍ୟାସର କିଛି ସମୟ ପୂର୍ବରୁ ଫଳକ ଭଙ୍ଗା ଯିବା ଭଳି ଅପ୍ରୀତିକର ଘଟଣା ଘଟିଛି। ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପୂର୍ବରୁ ଦୁର୍ବୃତ୍ତମାନେ ଫଳକକୁ ଭାଙ୍ଗି ଦେଇଛନ୍ତି। ଶେଷରେ, ସେଇ ଭଙ୍ଗା ଫଳକକୁ ତରବରିଆ ଭାବେ ଯୋଡ଼ାଯାଇ ଉଦ୍‌ଘାଟନ କରାଯାଇଛି। ଏହି ଘଟଣାକୁ ନେଇ ଆଜି ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଛି।

ଗୋପ ବ୍ରାଞ୍ଚ କେନାଲରୁ ସଂଯୋଗ ହୋଇଥିବା ଶାଖା କେନାଲର ମହାପାତ୍ର ସାହିଠାରୁ ଉଦୟଗିରି ସାହି ପର୍ଯ୍ୟନ୍ତ ପ୍ରାୟ ୧୩ଲକ୍ଷ ଟଙ୍କାର ଏକ ରାସ୍ତା କାର୍ଯ୍ୟ ପାଇଁ ମଙ୍ଗଳବାର ଥିଲା ଶିଳାନ୍ୟାସ କାର୍ଯ୍ୟକ୍ରମ। ସୋମବାର ରାତିରେ ନିର୍ମାଣ ହୋଇଥିଲା ଫଳକ। ମଙ୍ଗଳବାର ଅପରାହ୍ଣ ୪ଟାରେ ଉପମୁଖ୍ୟମନ୍ତ୍ରୀ ଏଠାରେ ଶିଳାନ୍ୟାସ କରିଥା'ନ୍ତେ। କିନ୍ତୁ କେହି ଦୁର୍ବୃତ୍ତ ରାତିରେ ଏହି ଫଳକଟିକୁ ଭାଙ୍ଗି ଦେଇଛି। ଏହି ଘଟଣା ମଙ୍ଗଳବାର ସକାଳୁ ଚାରିଆଡ଼େ ପ୍ରଚାର ହୋଇଯାଇଥିଲା। ଫଳରେ ପୁନର୍ବାର ତରବରିଆ ଭାବେ ଫଳକ ନିର୍ମାଣ କରାଯାଇଥିଲା ଏବଂ ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଘଟଣାକୁ ରାଜନୈତିକ ଦଳର କର୍ମୀମାନେ ବିଭିନ୍ନ ଢଙ୍ଗରେ ଦେଖୁଥିବା ବେଳେ ଗୋଷ୍ଠୀ କନ୍ଦଳରୁ ଏଭଳି ହୋଇଛି ବୋଲି ଚର୍ଚ୍ଚା ହେଉଛି। ଏହି ରାସ୍ତାଟି ନିର୍ମାଣ ହେଲେ ଗୋପ ପଞ୍ଚାୟତର ୫/୬ଟି ଗାଁର ଲୋକଙ୍କ ଯାତାୟାତରେ ସୁବିଧା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

# ଭୂତ ଖାଇଗଲା ପରୀକ୍ଷାଫଳ !

## ବାହାରିନି ୬ ବିଦ୍ୟାଳୟର ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ରେଜଲ୍ଟ

■ ଅନ୍ଧାରରେ ୫୦୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ!
■ କାର୍ଯ୍ୟାଳୟରୁ ଲୋକ ପ୍ରତିନିଧିଙ୍କ ପାଖକୁ ଦୌଡ଼ୁଛନ୍ତି ଅଭିଭାବକ
■ ଉପଜିଲ୍ଲାପାଳଙ୍କୁ ଭେଟି ଦେଲେ ଅନଶନ ଚେତାବନୀ

**ଭୁବନେଶ୍ୱର/ପଦ୍ମପୁର/ପାଇକମାଳ, ୨୦।୫(ସମିସ):** ସାରା ଦେଶରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଗତ ୧୩ ତାରିଖରେ ପ୍ରକାଶ ପାଇଛି। ହେଲେ, ବଲାଙ୍ଗିର ଜିଲ୍ଲା ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟର ପରୀକ୍ଷାଫଳ ଏଯାଏ ବାହାରିନାହିଁ। କେଉଁ କାରଣରୁ ପରୀକ୍ଷାଫଳ ବାହାରିନି ଓ କେବେ ପ୍ରକାଶ ପାଇବ; ସେନେଇ ମଧ୍ୟ କେହି ମୁହଁ ଖୋଲୁନାହାନ୍ତି। ସଂପୃକ୍ତ ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଉପଜିଲ୍ଲାପାଳ ଓ ସାଂସଦଙ୍କୁ ଫେରାଦ ହୋଇଥିଲେ ମଧ୍ୟ ଫଳ ଶୂନ। ଫଳରେ, ୫ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ତାଙ୍କ ସହ କିଏ ଓ କି' ଖେଳ ଖେଳୁଛି, ତାହା ସେମାନେ ଜାଣପାରୁନାହାନ୍ତି ବୋଲି କିଛି ଛାତ୍ରଛାତ୍ରୀ କହିଛନ୍ତି।

ସୂଚନାନୁଯାୟୀ, ପଦ୍ମପୁର ଉପଖଣ୍ଡର ପାଇକମାଳ, ପଦ୍ମପୁର, ସୋହେଲା ଓ ଗାଇସିଲେଟ୍ ବ୍ଲକ୍‌ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପଦ୍ମପୁର ପବ୍ଲିକ ସ୍କୁଲ ଓ ପଦ୍ମପୁରସ୍ଥିତ ଜେନିଥ୍ ଲାୟନ୍ସ ଗୁରୁକୁଳ ବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶ ପାଇନି। ଗତ ୧୫ତାରିଖରେ ଅଭିଭାବକମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଏ ସଂପର୍କରେ ଜଣାଇବା ସହ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ପୁରୋହିତ ଏ ବାବଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଏହାକୁ ୫ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି, ଆଜି ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ତ୍ୱରିତ ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ଦାବି କରିଛନ୍ତି। ଅନ୍ୟଥା ବ୍ୟାପକ ଆନ୍ଦୋଳନ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପରୀକ୍ଷାଫଳ ପ୍ରକାଶ ପାଉନଥିବାରୁ ଛାତ୍ରଛାତ୍ରୀଙ୍କୁ ମାନସିକ ଚିନ୍ତା ଘାରିଛି। ଠିକ୍‌ରେ ଖାଇବା ପିଇବା କରୁନାହାନ୍ତି। ଘରେ ବି ସେମାନଙ୍କ ଚୁଲି ଜଳୁନି। ଜଣେ ଅଭିଭାବକଙ୍କ କହିବା କଥା, ପରୀକ୍ଷାଫଳ ନ ବାହାରିବା କାରଣରୁ ପିଲାଙ୍କ ମଧ୍ୟରେ ଦୁଶ୍ଚିନ୍ତା ବଢୁଛି। ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାର ଭୟ ଘାରୁଥିବାରୁ ସେ ତାଙ୍କ ପିଲାଙ୍କୁ ସବୁବେଳେ ଜଗୁଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାରୁ ସାଂସଦ ଭାବେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପରୀକ୍ଷାଫଳ ପ୍ରକାଶ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



ରାତି ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ


▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-322 ♦BHUBANESWAR ♦WEDNESDAY ♦21 MAY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୨୨ ♦ଭୁବନେଶ୍ୱର ♦ବୁଧବାର ♦୨୧ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଦେଶରେ ୨୫୭ ନୂଆ ସଂକ୍ରମିତ; ମୁମ୍ବାଇରେ ଦୁଇ ମୃତ



**ଏସିଆରେ କୋଭିଡ୍ ଲହର**

■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି) :** କୋଭିଡ୍-୧୯ର ନୂଆ ଭାରିଆଣ୍ଟକୁ ନେଇ ଏସିଆର ବିଭିନ୍ନ ଦେଶରେ ସଂକ୍ରମଣ ବ୍ୟାପିବାରେ ଲାଗିଛି । ଓମିକ୍ରନ୍‌ର ଉପ ଭାରିଆଣ୍ଟ ଜେଏନ୍.୧ ଏବଂ ଏହା ପରେପରେ ଉତ୍ପନ୍ନ ହୋଇଥିବା ସବ୍ ଭାରିଆଣ୍ଟ ଏଲଏଫ.୭ ଏବଂ ଏନବି.୧.୮ ଏବେ ସିଙ୍ଗାପୁର, ହଂକଂ ଏବଂ ଥାଇଲାଣ୍ଡ ଭଳି ବହୁ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଆତଙ୍କ ଖେଳାଇଛି । ଭାରତରେ ମଧ୍ୟ ସ୍ଥିତି ଚିନ୍ତାଜନକ ଆଡ଼କୁ ଗତି କରୁଛି । ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୨୫୭ ନୂଆ ମାମଲା ଚିହ୍ନ ହୋଇଥିଲା ବେଳେ ଏଥିମଧ୍ୟରୁ କେରଳରେ ସର୍ବାଧିକ ମାମଲା ଦେଖାଯାଇଛି । ଏଠାରେ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେରଳ ପରେ ମହାରାଷ୍ଟ୍ରରେ ୪୪ ଏବଂ ତାମିଲନାଡୁରେ ୩୪ଟି ମାମଲା ସାମ୍ନାକୁ ଆସିଛି । ସେହିପରି କର୍ଣ୍ଣାଟକରେ ୮, ଗୁଜରାଟରେ ୬, ଦିଲ୍ଲୀରେ ୩ ଏବଂ ହରିୟାଣା, ରାଜସ୍ଥାନ ଓ ସିକିମ୍‌ରେ ଗୋଟିଏ ଲେଖାଏଁ ମାମଲା ଚିହ୍ନଟ ହୋଇଛି । ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତଙ୍କ ଅବସ୍ଥା ସେତେଟା ଗୁରୁତର ନ ଥିବା ଏବଂ ହସ୍ପିଟାଲରେ ଭର୍ତ୍ତି ହେବା ଜରୁରୀ ନଥିବା କୁହାଯାଇଥିଲେ ହେଁ ମୁମ୍ବାଇରେ ଦୁଇ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ତେବେ ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ କିଡନୀ ଏବଂ ଆଉ ଜଣେ କ୍ୟାନ୍ସର ରୋଗର ପୀଡ଼ିତ ଥାଇ କରୋନା ସଂକ୍ରମିତ ହୋଇଥିଲେ ବୋଲି କୁହାଯାଇଛି ।

# ବୟସ ମାତ୍ର ୨୩; ସାତ ମାସରେ କଲେଣି ୨୫ ବିବାହ



■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି):** ପୁରୁଷଙ୍କ ଠାରୁ ଲୁଟ୍ କରି କିଛି ଦିନ ଅୟସ କରିବା ଏବଂ ପରେ ପରେ ଅନ୍ତର୍ଦ୍ଧାନ ହୋଇଯିବା ଅଭିଯୋଗରେ ରାଜସ୍ଥାନ ପୁଲିସ ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଭୋପାଳରୁ ଗିରଫ କରିଛି । ଅନୁରାଧା ପାଶୱାନ ନାମ୍ନୀ ଏହି ୨୩ ବର୍ଷୀୟା ମହିଳା ଜଣକ ଏକ ବଡ଼ ଧରଣର ବିବାହ ର୍‌ୟାକେଟ୍ ଚଳାଇ ଏଭଳି କରୁଥିଲେ ।ସେ ଗତ ୭ ମାସ ମଧ୍ୟରେ ବିଭିନ୍ନ ରାଜ୍ୟର ୨୫ ଜଣଙ୍କୁ ବିବାହ କରିଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା । ଶେଷରେ ଭୋପାଳରେ ରାଜସ୍ଥାନର ମାଧୋପୁର ପୁଲିସ ହାତରେ ଅନୁରାଧା ଧରାପଡ଼ିଛନ୍ତି । ମିଳିଥିବା ସୂଚନା ଅନୁସାରେ ଅନୁରାଧ ଏକ ସୁଚିନ୍ତିତ ଉପାୟରେ ବିବାହ ପାଇଁ ବ୍ୟାକୁଳ ଥିବା ପୁରୁଷମାନଙ୍କୁ ନିଜ ଜାଲରେ ଫସାଇବାକୁ ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିଲେ । ସେ ନିଜକୁ ଅବିବାହିତ ବୋଲି ଆଇନଗତ ପ୍ରମାଣ ଦେଇ ଜଣଙ୍କୁ ବିବାହ କରିବା ପରେ ତାଙ୍କ ନିକଟରେ କିଛି ଦିନ ବିତାଉଥିଲେ । ହେଲେ ଅଚାନକ ଭାବେ ସୁନାଗହଣା, ଟଙ୍କା ଏବଂ ମୂଲ୍ୟବାନ ଇଲେକଟ୍ରୋନିକ୍ସ ସାମଗ୍ରୀ ଧରି ଅନ୍ତର୍ଦ୍ଧାନ ହୋଇଯାଉଥିଲେ । ଏହିକ୍ରମରେ ସେ ରାଜସ୍ଥାନର ସ୍ୱାୟାଇ ମାଧୋପୁର ଅଞ୍ଚଳର ବିଷ୍ଣୁ ଶର୍ମାଙ୍କୁ ବିବାହ କରିଥିଲେ । ବିଷ୍ଣୁ ନିଜ ପାଇଁ ଜଣେ ଉପଯୁକ୍ତ ପାତ୍ରୀ ଖୋଜୁଥିଲା ବେଳେ ଦୁଇ ଜଣ ଏଜେଣ୍ଟ ତାଙ୍କୁ ଅନୁରାଧାଙ୍କ ▶ପୃଷ୍ଠା-୭

# ଆଗୁଆ କେରଳ ଛୁଇଁବ ମୌସୁମୀ

## ଜୁନ ଆରମ୍ଭରୁ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

■ **ଭୁବନେଶ୍ୱର, ୨୦।୫ (ସମିସ):** କେରଳମୁହାଁ ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଯଦିଓ ଆସନ୍ତା ୪ରୁ ୫ଦିନ ଭିତରେ ମୌସୁମୀ ବାୟୁ କେରଳ ଛୁଇଁବା ନେଇ ଆଇଏମ୍‌ଡି କହୁଛି, ହେଲେ ଏହାପୂର୍ବରୁ ମୌସୁମୀ କେରଳ ଛୁଇଁଯିବାର ଯଥେଷ୍ଟ ସମ୍ଭାବନା ରହିଛି । ମୌସୁମୀ କେରଳ ଛୁଇଁବା ପୂର୍ବରୁ ବର୍ତ୍ତମାନ ଦକ୍ଷିଣ ଭାରତର କର୍ଣ୍ଣାଟକ ସମେତ କେରଳ ଓ ତାମିଲନାଡୁରେ ପ୍ରବଳ ବର୍ଷା ହେଉଛି । ଏହାକୁ ପ୍ରାକ୍ ମୌସୁମୀ ବର୍ଷା କୁହାଯାଉଛି । ତେଣୁ ମୌସୁମୀ କେରଳ ଛୁଇଁବା ପାଇଁ ପାଗ ଅନୁକୂଳ ଥିବା ପରିଲକ୍ଷିତ ହୋଇଛି । ସୋମବାରଠାରୁ କେରଳର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି । ଏହାସହିତ କେରଳ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୬ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ତ୍ରିସୁର, ମାଲାପୁରମ, କୋଜିକୋଡ୍, ୱାଇନାଡ୍, କନୁର ଓ କାସାରାଗୋଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

**କର୍ଣ୍ଣାଟକ, ତାମିଲନାଡୁ, କେରଳରେ ବର୍ଷାର ତାଣ୍ଡବ**

ସାଧାରଣତଃ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ । ଏଥର କିନ୍ତୁ ଆଗୁଆ କେରଳ ଛୁଇଁବା ନେଇ ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିସାରିଛି । ତେବେ ମୌସୁମୀ କେରଳ ଛୁଇଁବାର ୧୦ ଦିନ ଭିତରେ ଓଡ଼ିଶା ଛୁଇଁଥାଏ । ଯଦି ମୌସୁମୀ ଆଗୁଆ କେରଳ ଛୁଇଁବ, ତେବେ ଓଡ଼ିଶାରେ ମଧ୍ୟ ମୌସୁମୀ ବର୍ଷା ଆଗୁଆ ହେବା ନେଇ ଅନୁମାନ କରାଯାଉଛି । ମୌସୁମୀ କେବେ ଓଡ଼ିଶା ଛୁଇଁବ ସେନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ମାତ୍ର ମାସ ଶେଷ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଏହା ପ୍ରଭାବରେ ରାଜ୍ୟରେ ଜୁନ୍ ଆରମ୍ଭରୁ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଉଛି । ସୂଚନାଯୋଗ୍ୟ, ମେ' ୧୩ ତାରିଖରେ ଅର୍ଥାତ ୬ ଦିନ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁଥିଲା । ଏହାର ଦୁଇ ସପ୍ତାହ ପରେ ମୌସୁମୀ ମେ' ୨୭ରେ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରିଯାଇଛି । ତେବେ ନିର୍ଦ୍ଧାରିତ ତାରିଖର ୪ ଦିନ ପୂର୍ବ କିମ୍ବା ପରେ ମୌସୁମୀ ଛୁଇଁବା ନେଇ କୁହାଯାଇଥିବାରୁ ୨୪-୨୫ ବେଳକୁ ମୌସୁମୀ କେରଳ ▶ପୃଷ୍ଠା-୭

# ଉଷ୍ଣ ଘାତ ଓଡ଼ିଶା ସର୍ବାଧିକ ପ୍ରଭାବିତ

## ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ଗୋଆ ଓ ଦିଲ୍ଲୀ ବି ଛଟପଟ

■ **ଭୁବନେଶ୍ୱର, ୨୦।୫ (ସମିସ):** ଅସହ୍ୟ ତାତି, ଅସମ୍ଭାଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ମାତ୍ର ଏହି ସମୟରେ ରାତିରେ ତାପମାତ୍ରା ବୃଦ୍ଧି ଉଷ୍ମଘାତ ପରିସ୍ଥିତି ସୃଷ୍ଟି କରିଛି । ଦିନ ଅପେକ୍ଷା ରାତି ତାତି ବୟସ୍କ, ଶିଶୁ ଓ ବିଭିନ୍ନ ରୋଗଗ୍ରସ୍ତ ଲୋକମାନଙ୍କ ପାଇଁ ଘାତକ ହେବାକୁ ବସିଛି; ଏହା ସହ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଛି । ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ଗୋଆ, ଦିଲ୍ଲୀ ସହ ଓଡ଼ିଶା ଏହି ଉଷ୍ମଘାତର ଶିକାର ହୋଇଛି । କାଉନସିଲ୍ ଅନ୍ ଏନର୍ଜି, ଏନଭାୟରମେଣ୍ଟ ଏଣ୍ଡ ୱାଟର (ସିଇଇଡ଼ବ୍ଲ୍ୟୁ) ରିପୋର୍ଟରେ ପ୍ରକାଶିତ ହୋଇଛି ଏହି ଚାଞ୍ଚଲ୍ୟକର ତଥ୍ୟ ।

ସିଇଇଡ଼ବ୍ଲ୍ୟୁ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସମ୍ପ୍ରତି ଦେଶର ୫୭ ପ୍ରତିଶତ ଜିଲ୍ଲାରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଛି । ଦେଶର ମୋଟ୍ ଜନସଂଖ୍ୟାର ୭୬ ପ୍ରତିଶତ ଲୋକ ଏହାଦ୍ୱାରା ପ୍ରଭାବିତ । ଦେଶରେ ୧୦ ଟି ସର୍ବାଧିକ ଉଷ୍ମଘାତ ପ୍ରବଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଜବୀବନ ଏହାଦ୍ୱାରା ପ୍ରଭାବିତ ହୋଇଛି । ଯୋଗୁଁ ପାଣିପାଗରେ କ୍ରମାଗତ ଅନିୟମିତା ଏହି ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରିଛି । ଏଥିପାଇଁ କିଛି ଅଞ୍ଚଳରେ ରେକର୍ଡ ତାପ ସାଙ୍ଗକୁ ଅନ୍ୟ କିଛି ସ୍ଥାନରେ ଅପ୍ରତ୍ୟାଶିତ ବର୍ଷା ସ୍ଥିତି ସୃଷ୍ଟି ହେଉଛି । ସୂର୍ଯ୍ୟ ଅସ୍ତ ହେଲେ ଅତିରିକ୍ତ ଅତି ଉଷ୍ମ ରାତି ସ୍ଥିତି ଦେଖିବାକୁ ମିଳିଛି । ଏହି ଉଷ୍ମ ରାତିଗୁଡ଼ିକ ଗରମ ଦିନ ଅପେକ୍ଷା ଦ୍ରୁତ ଗତିରେ ବଢୁଛି ଏବଂ ମାନବ ଶରୀରକୁ ଥଣ୍ଡା ହେବା ଓ ଦିନର ଗରମରୁ ସୁସ୍ଥ ହେବା ପାଇଁ ଆହ୍ୱାନ ସୃଷ୍ଟି





- ଦିନ ଅପେକ୍ଷା ଅଧିକ ବିପଦ ସୃଷ୍ଟି କରୁଛି ରାତି ତାପମାତ୍ରା
- ବୟସ୍କ, ଶିଶୁ ଓ ରୋଗଗ୍ରସ୍ତଙ୍କ ପାଇଁ ନୂଆ ବିପଦ ଆଶଙ୍କା
- ଦେଶର ୫୭ ପ୍ରତିଶତ ଜିଲ୍ଲାରେ ପ୍ରଚଣ୍ଡ ତାତି

ଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ, ହାଇଦ୍ରାବାଦ, ଭୋପାଳ ଏବଂ ଭୁବନେଶ୍ୱର ଭଳି ସହରାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ତାପମାତ୍ରା ପ୍ରତିବର୍ଷ ବୃଦ୍ଧି ପାଉଛି । ଜଳବାୟୁ ପରିବର୍ତ୍ତନ ମଧ୍ୟ ବିପଦ ଶେଷ ହେଉନାହିଁ । ଯାହା ଫଳରେ ଅତି ଉଷ୍ମ ରାତି ସଂଖ୍ୟା ଉଷ୍ମ ଦିନ ଅପେକ୍ଷା ଦ୍ରୁତ ଗତିରେ ବଢୁଛି । ଗତ ଦଶନ୍ଧି (୨୦୧୨-୨୦୨୨) ମଧ୍ୟରେ ୭୦ ପ୍ରତିଶତ ଜିଲ୍ଲାରେ ପ୍ରତି ଗ୍ରୀଷ୍ମ ଋତୁରେ ପାଞ୍ଚରୁ ଅଧିକ କରୁଛି । ମୁମ୍ବାଇର ବାସିନ୍ଦାମାନେ ପୂର୍ବ ତିନି ଦଶନ୍ଧି ତୁଳନାରେ ପ୍ରତି ଗ୍ରୀଷ୍ମ ଋତୁରେ ୧୫ ଅଧିକ ଅତି ଉଷ୍ମ ରାତି ଅନୁଭବ କରୁଛନ୍ତି । ଏହି ସମୟରେ ଜୟପୁର ଓ ଚେନ୍ନାଇରେ ଯଥାକ୍ରମେ ସାତ ଏବଂ ଚାରି ▶ପୃଷ୍ଠା-୭

# ଆଜି ବାହାରିବ +୨ ପରୀକ୍ଷା ଫଳ

## ଅପରାହ୍ନ ୪ଟା ରେ ଘୋଷଣା

■ **ଭୁବନେଶ୍ୱର, ୨୦।୫ (ସମିସ):** +୨ ପରୀକ୍ଷାଫଳ ଆସନ୍ତାକାଲି ଅର୍ଥାତ୍ ବୁଧବାର ପ୍ରକାଶ ପାଇବ । ଅପରାହ୍ନ ୪ଟାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରାଯିବ । ଏହାର ଏକ ଘଣ୍ଟା ପରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷା ଫଳ https://results.odisha.gov.in ଏବଂ https://results.digilocker.gov.in ୱେବସାଇଟ୍‌ରେ ଜାଣିପାରିବେ ।

**ୱେବସାଇଟ୍‌ରେ ୧ ଘଣ୍ଟା ପରେ ହେବ ଉପଲବ୍ଧ**

ସେହିପରି ଏକ ଘଣ୍ଟା ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟ ସେମାନଙ୍କ ସାମଗ୍ରିକ ପରୀକ୍ଷା ଫଳ ଜାଣିପାରିବେ । ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ସାମ୍ସ-ଇସ୍କେସ୍‌ରୁ ସେମାନଙ୍କର ଟାବୁଲେସନ୍ ରେଜିଷ୍ଟର୍ ପାଇପାରିବେ । ତତ୍କାଳ (ଇନ୍‌ଷ୍ଟାଣ୍ଟ) ପରୀକ୍ଷା ପାଇଁ ଫର୍ମପୂରଣ କରିବାରେ ଏହା ସହାୟକ ହେବ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସୂଚନା ଦେଇଛନ୍ତି । ଚଳିତବର୍ଷ ଏକା ▶ପୃଷ୍ଠା-୭

**ସମ୍ବଲପୁର ମହାନଗର ନିଗମରେ ଠକେଇ**

# ଜାଲ୍ ଚେକ୍‌ରେ ୪ କୋଟି ହଡ଼ପ ଉଦ୍ୟମ

■ **ସମ୍ବଲପୁର, ୨୦।୫ (ସମିସ):** ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ଏକ ବଡ଼ ଠକେଇ ସାମ୍ନାକୁ ଆସିଛି । ଏସ୍‌ଏମ୍‌ସି ନାମରେ ଜାଲ ଚେକ୍ ଦେଇ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ପାଇଁ ଯୋଜନା ହୋଇଥିଲା । ଏପରିକି, ବ୍ୟସ୍ତବହୁଳ ଦିନରେ ବ୍ୟାଙ୍କରେ ଜମା ମଧ୍ୟ ହୋଇଥିଲା । କିନ୍ତୁ ବ୍ୟାଙ୍କ ମ୍ୟାନେଜର ସନ୍ଦେହ କରିବାରୁ ଚେକ୍ କ୍ଲିଅର କରିବା ପାଇଁ ଅଟକାଇ ଦେଇଥିଲେ । ଏସ୍‌ଏମ୍‌ସିକୁ ଜଣାଇବା ପରେ ଖୋଦ୍ କମିସନର୍ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି ।


ଗତ ୧୬ ତାରିଖରେ ସମ୍ବଲପୁର କାଳିବାଡ଼ିସ୍ଥିତ ଏକ ବ୍ୟାଙ୍କରେ ଏସ୍‌ଏମସି ନାମରେ ଦୁଇଟି ଚେକ୍ ଜମା ହୋଇଥିଲା । ଗୋଟାଏ ଚେକ୍‌ରେ ୧କୋଟି ୯୩ ଲକ୍ଷ ୪୨୭୦୦ ଓ ଅନ୍ୟ ଚେକ୍‌ରେ ୨କୋଟି ୨୪ ଲକ୍ଷ ୯ ହଜାର ୩୦୦ ଟଙ୍କା ଲେଖା ହୋଇଥିଲା । କୋଲକାତାର ଏକ ସଂସ୍ଥା ନାମରେ ଏହି ଦୁଇଟି ଚେକ୍ ରହିଥିଲା । ଚେକ୍‌କୁ ନେଇ ଶାଖା ପରିଚାଳାକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା । ଚେକ୍‌ରେ ଦସ୍ତଖତ ଅଲଗା ଥିବା ଜାଣିବାକୁ

- ଏସ୍‌ଏମସି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ
- କୋଲକାତାର ଏକ ଏଜେନ୍ସିକୁ ଯାଉଥିଲା ଟଙ୍କା

ପାଇଥିଲେ । ଏ ନେଇ ସେ ସମ୍ବଲପୁର ମହାନଗର ନିଗମ ସହ ଯୋଗାଯୋଗ କରିଥିଲେ । କେହି ଜାଲିଆତି କରି ଟଙ୍କା ହଡ଼ପ କରୁଥିବା ଜାଣିବାକୁ ପାଇ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଏସ୍‌ଏମସି ପକ୍ଷରୁ ଉକ୍ତ ଦୁଇ ଚେକ୍ ପ୍ରଦାନ କରାଯାଇନାହିଁ । ଏହା ପୁରୁଣା ଚେକ୍ ଯାହା ଦଲେଇପଡ଼ାସ୍ଥିତ ପୁରୁଣା ଏସଏମସି ବିଲ୍ଡିଂରେ ରହିଥିଲା । ଆକାଉଣ୍ଟ ସେକ୍ସନରୁ ଉଭୟ ଚେକକୁ କେହି ଚୋରି କରି ଏପରି କାଣ୍ଡ ଭିଆଇଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ଚୋରି ପରେ ଅତିରିକ୍ତ ଆୟୁକ୍ତ ଜାଲ ଦସ୍ତଖତ କରି ଟଙ୍କା ହଡ଼ପ ପାଇଁ ଉଦ୍ୟମ ହୋଇଥିଲା । ଏଠାରେ ପ୍ରଶ୍ନ ଉଠୁଛି, ପୁରୁଣା ସମ୍ବଲପୁର ମ୍ୟୁନିସିପାଲଟି କାର୍ଯ୍ୟାଳୟରୁ କିଭଳି ଚେକ୍ ଚୋରି ହେଲା ଓ କେବେଠୁ । କାର୍ଯ୍ୟାଳୟ ପରିସରରୁ ବାହାର ଲୋକ ଚେକ୍ ଚୋରି କରିବା ଏକ ପ୍ରକାରର ଅସମ୍ଭବ । ତେଣୁ ଏହି ଠକେଇର ଏସ୍‌ଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଏନେଇ ଏସ୍‌ଏମସି ଆୟୁକ୍ତଙ୍କ ସହ ଯୋଗାଯୋଗ ହୋଇପାରିନାହିଁ ।

## ନ୍ୟାୟିକ ସେବା ପାଇଁ ସୁପ୍ରିମକୋର୍ଟଙ୍କ କଠୋର ସର୍ତ୍ତ

# ୩ ବର୍ଷର ଆଇନଜୀବୀ ଅଭିଜ୍ଞତା ବାଧ୍ୟତାମୂଳକ



■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି):** ଏଣିକି ନ୍ୟାୟିକ ସେବାରେ ପ୍ରବେଶ କରିବା ଲାଗି ସର୍ବନିମ୍ନ ୩ ବର୍ଷର ଆଇନଜୀବୀ ଅଭିଜ୍ଞତା ବାଧ୍ୟତାମୂଳକ ହେବ । ଆଇନ ପାଠ୍ୟକ୍ରମ ଶେଷ କରି ଯୋଗ୍ୟ ବିବେଚିତ ହେଉଥିବା ପ୍ରାର୍ଥୀମାନେ ବିନା ଅଭିଜ୍ଞତାରେ ନ୍ୟାୟିକ ସେବା (ଜୁଡିସିଆଲ ସର୍ଭିସ୍)ରେ ଯୋଗ ଦେଉଥିବାରୁ ଅଧିକାଂଶ ସମୟରେ ସ୍ଥିତି ଖରାପ ହେଉଥିବା ଦର୍ଶାଇ ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ବାଧ୍ୟତାମୂଳକ ହେବ ବୋଲି ଏସମ୍ପର୍କିତ ଏକ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି । ପ୍ରଧାନବିଚାରପତି ଜଷ୍ଟିସ୍ ଗଭାଇ କହିଛନ୍ତି ଯେ, ବିଗତ ଦୁଇ ଦଶନ୍ଧି ଧରି ନ୍ୟାୟିକ ସେବା ପାଇଁ ଚୟନ ପ୍ରକ୍ରିୟା ଗୋଟିଏ ଢଙ୍ଗରେ ଚାଲିଛି । ଆଇନରେ ସ୍ନାତକ ହାସଲ କରିଥିବା ପ୍ରାର୍ଥୀମାନେ ଗୋଟିଏ ଦିନର ଆଇନ ଅଭ୍ୟାସ ବିନା ନ୍ୟାୟିକ ସେବାରେ ଯୋଗ ଦେଉଛନ୍ତି । କୌଣସି ଆଇନ ସେବା ଅଭିଜ୍ଞତା ନଥାଇ ସେମାନେ ଚାକିରିରେ ଯୋଗ ଦେବା ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଜୀବନ, ସ୍ୱାଧୀନତା, ଧନ ସମ୍ପତ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମାମଲା ବିଚାର କରିବା ସମୀଚିନ ହେଉ ନାହିଁ । ତେଣୁ ସେମାନଙ୍କୁ ନ୍ୟାୟିକ ▶ପୃଷ୍ଠା-୭





# ପୁରୀ ଭକ୍ତ ନିବାସରେ ରହିଥିଲେ ଜ୍ୟୋତି

## ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ, ସିଡିଆର୍, ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

■ **ପୁରୀ, ୨୦।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ରେ ପ୍ରତିଦିନ ନୂଆନୂଆ ଗୁମର ଫିଟିବାରେ ଲାଗିଛି । ଜ୍ୟୋତି ପୁରୀ ଆସିବା, ରହିବା, ବୁଲିବା ଆଦି ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଚାଲିଛି । ସେହିପରି ଜ୍ୟୋତିଙ୍କ ସହ ସମ୍ପର୍କରେ ଥିବା ଏବଂ ତାଙ୍କୁ ପୁରୀ ବୁଲିବାରେ ସହଯୋଗ କରିଥିବା ପୁରୀର ପ୍ରିୟଙ୍କା ସେନାପତି ମଧ୍ୟ ପୁଲିସ ଏବଂ ଏନ୍‌ଆଇଏ ସ୍କାନର୍‌ରେ ରହିଛନ୍ତି ।

ଯାଞ୍ଚରୁ ଜଣାପଡ଼ିଛି, ଜ୍ୟୋତି ତାଙ୍କ ବୃଦ୍ଧା ମା' ଚନ୍ଦେର କାନ୍ତାଙ୍କ ସହ ଗତବର୍ଷ ସେପ୍ଟେମ୍ବର ୨୧ରେ ପୁରୀ ଆସିଥିଲେ । ପୁରୀରେ ଦୁଇଦିନିଆ ରହଣି ସମୟରେ ଜ୍ୟୋତି ତାଙ୍କ ବାନ୍ଧବୀ ପ୍ରିୟଙ୍କାଙ୍କ ସହ ଶ୍ରୀମନ୍ଦିର, ସମୁଦ୍ରକୂଳ ରାସ୍ତା, ଚିଲିକା ସମେତ ଆଉ କିଛି ସ୍ଥାନ ବୁଲିବା ସହ ଭିଡିଓ ଉତ୍ତୋଳନ କରିଥିଲେ । "ଶ୍ରୀଜଗନ୍ନାଥ ପୁରୀ ଟେମ୍ପୁଲ ଫୁଲ୍ ଟୁର୍ ଗାଇଡ୍" ନାଁରେ ୪୨ ମିନିଟ୍ ୪ ସେକେଣ୍ଡର ଏକ ଭିଡିଓ ଜ୍ୟୋତି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍

**ସିସିଟିଭି ଫୁଟେଜ୍ ଯାଞ୍ଚ କଲା ପୁଲିସ୍**

**ଜ୍ୟୋତି ଓ ପ୍ରିୟଙ୍କା ବୁଲିଯାଇଥିବା ସ୍ଥାନକୁ ତଦନ୍ତ ପରିସରଭୁକ୍ତ କଲା ପୁଲିସ୍**



କରିଥିଲେ । ଯାତ୍ରା ଧାମ ଡଟ୍ ମାଧ୍ୟମରେ ସେ ପୁରୀ ମାର୍କେଟ୍ ଛକ ନିକଟ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସରେ ଗତବର୍ଷ ସେପ୍ଟେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ରୁମ୍ ବୁକ୍ କରିଥିଲେ । ଏହି ରୁମ୍ ନମ୍ବର ଥିଲା ୨୦୩ । ସେ ନିଜ ମା'ଙ୍କ ସହ ୨୧ ତାରିଖ ପୂର୍ବାହ୍ଣରେ ପହଞ୍ଚି ପରିଚୟପତ୍ର ଦେଖାଇ ରୁମ୍‌ରେ ରହିବା ସହ ୨୨ ତାରିଖ ସନ୍ଧ୍ୟାରେ ଛାଡ଼ିଥିଲେ । ୨୩ତାରିଖ ଯାଏଁ ରୁମ୍ ବୁକ୍ ଥିଲେ ମଧ୍ୟ ତାଙ୍କ ଟ୍ରେନ୍ ୨୨ତାରିଖ ରାତିରେ ଥିବାରୁ ସେ ସେହି ସନ୍ଧ୍ୟାରେ ରୁମ୍ ଛାଡ଼ିଥିଲେ । ତେବେ, ଏହି ରହଣି ମଧ୍ୟରେ ପ୍ରିୟଙ୍କା କି ଅନ୍ୟ କେହି ବାହାର ଲୋକ ଜ୍ୟୋତିଙ୍କୁ ସାକ୍ଷାତ କରି ନଥିବା ଭକ୍ତ ନିବାସ ମ୍ୟାନେଜର କହିଛନ୍ତି । ପୁରୀ ପୁଲିସ ସମ୍ପୃକ୍ତ ଭକ୍ତ ନିବାସକୁ ଯାଇ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ ତଥା ତଥ୍ୟ ସଂଗ୍ରହ କରିଛି । ପୁଲିସ୍‌କୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଥିବା କହିଛନ୍ତି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ମ୍ୟାନେଜର୍ । ଅପରପକ୍ଷେ, ଜ୍ୟୋତିଙ୍କ ପୁରୀ ବୁଲିବା ଓ ଦିନତମାମ ବ୍ଲଗ୍ କରିବା ସମୟରେ ସହଯୋଗ କରିଥିଲେ ପ୍ରିୟଙ୍କା । ପରେ ଭିଡିଓକୁ ଅକ୍ଟୋବର ୪ ତାରିଖରେ ନିଜ ସୋସିଆଲ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ ଜ୍ୟୋତି । ପ୍ରିୟଙ୍କା ଏହି ସମୟରେ ଜ୍ୟୋତିଙ୍କୁ ସାକ୍ଷାତ କରିବା ସହ ପୁରୀର ବିଭିନ୍ନ ସ୍ଥାନ ବୁଲାବୁଲି କରି ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ । ଉଭୟ ▶ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀ ବସ୍ ସେବା ଡ୍ରାଇଭର ସଂଘର ଧର୍ମଘଟ



ଖପ୍ରାଖୋଲ,୨୦।୫ (ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ବସ୍ ସେବା ଡ୍ରାଇଭର ସଂଘ ୫ ଦଫା ଦାବି ନେଇ ଷ୍ଟିୟରିଂ ଛାଡ ଅନିର୍ଦ୍ଦିଷ୍ଟ କାଳ ପାଇଁ ମଙ୍ଗଳବାର ଧର୍ମଘଟକୁ ଓହ୍ଲାଇଛି। ଡ୍ରାଇଭର ମାନଙ୍କ ପାଞ୍ଚ ଦଫା ଅନୁଯାୟୀ ସେମାନଙ୍କର ବେତନ ବୃଦ୍ଧି, ଡ୍ରାଇଭର ସଂଖ୍ୟା ବୃଦ୍ଧି କରାଯିବା, ଦରମା ନ କାଟି ମେଡିକାଲ ଛୁଟି ଦିଆଯିବା, ଦରମା ଠିକ ସମୟରେ ଦିଆଯିବା, ମଧ୍ୟାହ୍ନ ଭୋଜନ ପାଇଁ ଠିକ ସମୟର ବ୍ୟବସ୍ଥା ଭଳି ୫ ଦଫା ଦାବି ନେଇ ଆନ୍ଦୋଳନର ଡାକରା ଦେଇଛି ଡ୍ରାଇଭର ସଂଘ। ଡ୍ରାଇଭର ସଂଘର ଏସବୁ ଦାବି ଗୁଡ଼ିକ ସଂପର୍କରେ ରାଜ୍ୟ ସରକାରଙ୍କୁ ମହାସଂଘ ପକ୍ଷରୁ ବାରମ୍ବାର ଅବଗତ କରାଯାଇଛି। କିନ୍ତୁ ଫଳପ୍ରଦ ନହେବାରୁ ଆଜିଠାରୁ ରାଜ୍ୟର ପାଞ୍ଚଟି ଜିଲ୍ଲାରେ ଷ୍ଟିୟରିଂ ଛାଡି ମୁଖ୍ୟମନ୍ତ୍ରୀ ବସ୍ ସେବାର ଖପ୍ରାଖୋଲ ବ୍ଲକ୍ ଡ୍ରାଇଭରମାନେ ଧର୍ମଘଟକୁ ଓହ୍ଲାଇଛନ୍ତି। ଏହି ଧର୍ମଘଟରେ ଶେଷଦେବ ଧରୁଆ, ରାଧେଶ୍ୟାମ ନାଗ, ଦୁଲ୍ଲଭ ମଲ୍ଲିକ, ବିସିକେଶନ ମହାଲିଙ୍ଗ, ସରୋଜ ରଣା ପ୍ରମୁଖ ଧର୍ମଘଟରେ ବସିଛନ୍ତି।

# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା



ବଲାଙ୍ଗିର,୨୦।୫(ସମିସ): ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସନ୍ତରଣଗାରରେ ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ତରଫରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସ୍‌ପି ଆଲୋକ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟପ୍ରକାଶ ମିଂଜ, ପ୍ରଦୀପ କୁମାର ପାତ୍ର,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ଅନିଲ କୁମାର ଆକାଶବାନ ପୂର୍ତ୍ତ ବିଭାଗ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଯୋଗଦେଇ ଥିଲେ।୪ ଟି ବର୍ଗରେ ୭୯ ଟି ଇଭେଣ୍ଟ ଫିନା ନିୟମ ଆଧାରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ତଥା ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଂଜନ ପୁରୋହିତ, ସନ୍ତରଣ କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ତରୁଣ ସେଠ, ବାଳକୁମାର ମିଲୁଆର, ସିମରନ ବେହେରା, ଶୈଳେନଦ୍ରୀ ବଗର୍ତି, ସୁଶୀଳା ବିଶ୍ୱାଳ, ସୁରୁଜିତ ସିଂହ କ୍ରୀଡା ଶିକ୍ଷକ ହେଲେ ବୁଦ୍ଧିରାଜ ବିଶ୍ୱାଳ, ସ୍ୱପ୍ନା ସେଠ ପୁରେନ୍ଦ୍ରର ସେଠ, ସସ୍ମିତା ଗଡ଼ତିଆ, ବୀରେନ୍ଦ ସୁନା,ଜିତେନ୍ଦ୍ର ନାଏକ, ସଙ୍କେତ ଯୋଶୀ, ସଂଗୀତା ନାଏକ, ଅରୁଣ କୁମାର ନାଏକ, ନୀଳମଣି ପଟେଲ, ଅନ୍ୱେଷା ରାଉତ, ରୋଶନ ସାହୁ, କୈଳାଶ ମାଝୀ, ମୁନୁ ବେହେରା ଯୋଗ ଦେଇଥିଲେ।

## ବଜ୍ରପାତରୁ ବର୍ତ୍ତିବାକୁ ତାଳ ଗଛ ଭରସା

# ଲକ୍ଷେ ତାଳ ଗଛରୁ ଗୋଟିଏ ବି ଦିଶୁନି

ବଲାଙ୍ଗିର,୨୦।୫(ସମିସ): ସରକାରଙ୍କୁ ଘାରିଛି ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତର ଚିନ୍ତା। ଗତ କିଛି ବର୍ଷ ଭିତରେ ବଜ୍ରପାତରେ ଅନେକ ଲୋକଙ୍କ ଜୀବନହାନି ଘଟିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀସ୍ତରରେ ବନ ବିଭାଗ ପକ୍ଷରୁ ତାଳଗଛ ଲଗାଇବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ପୂର୍ବ ବର୍ଷମାନଙ୍କରେ ମଧ୍ୟ ବନ ବିଭାଗ ତାଳଗଛ ଲଗାଇଥିବା ବେଳେ ଏହାର ସଫଳତା ହାର ନୈରାଶ୍ୟଜନକ ରହିଛି। ଚଳିତ ବର୍ଷ ପୁଣି ତାଳଗଛ ପାଇଁ ୬ କୋଟି ଟଙ୍କା ରାଜ୍ୟରେ ଖର୍ଚ୍ଚ କରାଯିବ ବୋଲି ସରକାର କହିଛନ୍ତି। ତେବେ ଏହି ପରପେକ୍ଷୀରେ ଯଦି ବଲାଙ୍ଗିର ଜିଲ୍ଲା ବିଷୟରେ ଆଲୋଚନା କରିବା ତେବେ ଏହି ତାଳଗଛ ପ୍ରକଳ୍ପ କେତେ ସଫଳତା ଦେଇଛି ଓ ଦେବ ତାହା ସ୍ପଷ୍ଟ ହେବ। ଜିଲ୍ଲାରେ ପୂର୍ବ ବର୍ଷ ଲଗାଯାଇଥିବା ଗଛରୁ କେତେ ପରିମାଣର ଗଛ ବଞ୍ଚିଛି ତାହାର ହିସାବ ମଧ୍ୟ ବନ ବିଭାଗ ପାଖରେ ନାହିଁ। ଯେଉଁ ଉଦ୍ଦେଶ୍ୟ ନେଇ ଯୋଜନା ଆରମ୍ଭ କରାଯାଇଥିଲା ବନ ବିଭାଗରେ କାର୍ଯ୍ୟରତ କିଛି ଅସାଧୁ କର୍ମଚାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଏହା ଫେଲ୍ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସମୟରେ ବଜ୍ରପାତ ଏକ ବଡ ପ୍ରାକୃତିକ ବିପର୍ଯ୍ୟୟ ସାଜିଛି। କିଛି ବର୍ଷ ହେଲେ ନିୟମିତ ଭାବେ ବଜ୍ରପାତ ଯୋଗୁଁ ଲୋକ ମୃତ୍ୟୁବରଣ କରୁଛନ୍ତି। ବଜ୍ରପାତ ର ଶିକାର ହେଲେ ନିଶ୍ଚିତ ମୃତ୍ୟୁ ହେଉଥିବାରୁ ନିହାତି ଭାବେ ଏହା ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲା ପାଇଁ ଏକ ବଡ ଦୁଃଖର କାରଣ ପାଲଟିଛି। ବର୍ଷକୁ ବର୍ଷ ଏହି



ସଂଖ୍ୟା ବଢୁଥିବାରୁ ଏହାକୁ ରୋକିବାକୁ ରାଜ୍ୟ ସରକାର ତାଳଗଛ ଲଗାଇବାକୁ ଯୋଜନା କଲେ। ପ୍ରତ୍ୟେକ ବନଖଣ୍ଡ ଅଞ୍ଚଳରେ ତାଳଗଛ ଲଗାଇବାକୁ କିଛି ବର୍ଷ ପୂର୍ବରୁ ଯୋଜନା କରିଥିଲେ।ଏଥିପାଇଁ ରାଜ୍ୟ ସରକାର ବନ ବିଭାଗ ଜରିଆରେ ସ୍ୱତନ୍ତ୍ର ଯୋଜନା କରିଥିଲେ। ଏହିକ୍ରମରେ ୨୦୨୩-୨୪ ଆର୍ଥିକ ବର୍ଷରେ ବଲାଙ୍ଗିର ବନଖଣ୍ଡକୁ ତାଳ ଗଛ ଲଗାଇବା ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। ସେହି ଅର୍ଥରେ ଏହି ଡିଭିଜନ ଅଧିନରେ ଥିବା ୧୧ଟି ରେଞ୍ଜ ଅଞ୍ଚଳରେ ସର୍ଭେ ଅନୁସାରେ କିଏ କେତେ ତାଳଗଛ ଲଗାଇବେ ସେହି ହିସାବରେ ଅନୁଦାନ ପ୍ରଦାନ ଦିଆଯାଇଥିଲା। କିନ୍ତୁ ଜିଲ୍ଲାରେ ଏହି ତାଳଗଛ ରୋପଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଯେଉଁ ଯେଉଁ ସ୍ଥାନରେ ତାଳଗଛ ଲଗାଯାଇଥିବା ଦର୍ଶାଯାଇଛି ସେଠାରେ ତାଳଗଛ ହିଁ ନଥିବା ଅଭିଯୋଗ ହୋଇଛି। ଯାହାକି ଏହି ଯୋଜନାର ୫୦ ଲକ୍ଷ ଟଙ୍କାର ଅନୁଦାନ ଅର୍ଥକୁ ମିଥ୍ୟା ବିଲ କରି ଚଳୁ କରିଥିବା ଅଭିଯୋଗ ହୋଇଛି। ବନବିଭାଗ ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ତାଳଗଛ ରୋପଣ ପାଇଁ ବଲାଙ୍ଗିର ବନଖଣ୍ଡକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ସେଥିରେ ଜିଲ୍ଲାର ବିଭିନ୍ନ ରେଞ୍ଜ ଅଞ୍ଚଳରେ ୧ଲକ୍ଷ ତାଳଗଛ ରୋପଣ କରାଯିବାର ଥିଲା।

## ମିଥ୍ୟା ବିଲ୍ କରି ୫୦ ଲକ୍ଷ ହଡ଼ପ

ସେହିକ୍ରମରେ ରେଞ୍ଜକୁ ଅର୍ଥ ପ୍ରଦାନ କରାଯାଇଥିଲା। ରେଞ୍ଜରମାନେ ଫରେଷ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ବନୀକରଣ କରିଥିବା ବିଲ ଭାଉଚରରେ ଦର୍ଶାଇ ବିଲ କରିଛନ୍ତି। କିନ୍ତୁ ଉକ୍ତ ୧ ଲକ୍ଷ ତାଳଗଛ ଗଲା କୁଆଡେ ସତରେ ତାଳ ଗଛ ରୋପଣ ହୋଇଥିଲା ନା ମିଛ ବିଲ କରି ବନ ବିଭାଗର ବାବୁ ମାନେ ପକେଟ୍ ଗରମ କରିଛନ୍ତି ତାକୁ ନେଇ ବଡ ପ୍ରଶ୍ନ ଉଠିଛି। ରେଞ୍ଜଗୁଡ଼ିକୁ ଦିଆଯାଇଥିବା ଅନୁଦାନରେ ତାଳମଞ୍ଜି ସଂଗ୍ରହ କରାଯାଇ ତାକୁ ରେଞ୍ଜକୁ ଅଣାଯାଇ ରଖାଯାଇଥିଲା ଓ ପରେ ତାକୁ ଫିଲ୍ଡକୁ ନିଆଯାଇ ରୋପଣ କରାଯାଇଥିଲା ବୋଲି ବନବିଭାଗ ଉତ୍ତର ରଖୁଛି। ଜଙ୍ଗଲଗୁଡ଼ିକର ସୀମାରେଖାରେ ଏହି ତାଳଗଛ ଲଗାଇଥିବା ବନବିଭାଗ ଦର୍ଶାଇଛି। କିନ୍ତୁ କୌଣସି ଜଙ୍ଗଲର ସୀମାରେ ତାଳ ଗଛ ଅଛି ନା ନାହିଁ ତାହାର ତଦାରଖ ମଧ୍ୟ କରାଯାଇନଥିବା ଅଭିଯୋଗ ହୋଇଛି। ଗୋଟିଏ ମଧ୍ୟ ଗଛ ଥିବା ଦେଖାଯାଉନାହିଁ।ବଲାଙ୍ଗିର ରେଞ୍ଜରେ ସର୍ବାଧିକ ୧୨,୭୨୬ଟି, ବଙ୍ଗୋମୁଣ୍ଡା ରେଞ୍ଜରେ ୬୨୯୦ଟି, ଦେଓଗାଁ ରେଞ୍ଜରେ ୭୦୦୦ଟି, ହରିଶଙ୍କର ରେଞ୍ଜରେ ୯୬୮୦ଟି, କଣ୍ଟାବାଞ୍ଜି ରେଞ୍ଜରେ ୯୦୦୦ଟି, ଲାଠୋର ରେଞ୍ଜରେ ୮୪୫୦ଟି,ଲୋଇସିଂହା ରେଞ୍ଜରେ ୮୬୦୦ଟି,ମୁରିବାହାଲ ରେଞ୍ଜରେ ୬୫୨୦ଟି, ପାଟଣାଗଡ ରେଞ୍ଜରେ ୧୦, ୭୦୦ଟି, ସଇଁତଳା ରେଞ୍ଜରେ ୭୩୨୦ଟି ଓ ଟିଟିଲାଗଡ ରେଞ୍ଜରେ ୬୯୫୦ଟି ଏଭଳି ମୋଟ ୯୩,୨୩୬ଟି ତାଳଗଛ ଲଗାଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି।ତେବେ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ତାଳଗଛ ମଞ୍ଜି ରୋପଣ କରାଯାଇଥିଲା କିନ୍ତୁ ଠିକ୍ ଭାବେ ତାହା ଉଠିଲା ନାହିଁ ବୋଲି କହିଛନ୍ତି। ଏଠି ପ୍ରଶ୍ନ ଏତେ ପରିମାଣର ମଞ୍ଜିରୁ ଯଦି ଗଛ ବାହାରିଲା ନାହିଁ ତେବେ ଯାହା ପାଖରୁ ମଞ୍ଜି ଅଣାଯାଇଥିଲା ତାଙ୍କ ବିରୋଧରେ ବନ ବିଭାଗ କଣ ପଦକ୍ଷେପ ନେଇଛି ତାହା ବଡ ପ୍ରଶ୍ନ। ତେବେ ପୁଣି ରାଜ୍ୟ ସରକାର ତାଳଗଛ ଲଗାଇବା ପାଇଁ ପଦକ୍ଷେପ ନେଇଥିବା ବେଳେ ଚଳିତ ବର୍ଷ ପୂର୍ବ ବର୍ଷ ଭଳି ନ ହେବ ତାହା କିଏ କହିପାରିବ। କିଛି ଲାଭଖୋର ମନୋଭାବ ରଖୁଥିବା ଅଧିକାରୀଙ୍କ ଯୋଗୁଁ ଏହି ଯୋଜନାର ସଫଳତା ମିଳିନଥିବା ବେଳେ ଚଳିତ ବର୍ଷ ତାଳଗଛ ରୋପଣ ଯୋଜନା ଆରମ୍ଭ ପୂର୍ବରୁ ଏ ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଟ୍ରେଡ୍ ୟୁନିୟନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ବଲାଙ୍ଗିର,୨୦।୫(ସମିସ): ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧିନ ଫେଡେରେସନ ଆହ୍ୱାନରେ ଦେଶ ବ୍ୟାପି ବିକ୍ଷୋଭ ଅବସରରେ ମଙ୍ଗଳବାର ଏଆଇଟିୟୁସି ଓ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଇଛି। ବଲାଙ୍ଗିର ଜିଲ୍ଲା ପକ୍ଷରୁ କୋଶଳ କଳା ମଣ୍ଡଳ ପଡିଆରୁ ରାଲିରେ ଭାଗରଥି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକ ବିରୋଧି ୪ଟି ଶ୍ରମ କୋଡ ପ୍ରତ୍ୟାହାର, ସ୍କିମ ୱାର୍କର ଯଥା ଆଶାକର୍ମୀ ଅଙ୍ଗନୱାଡି କର୍ମୀ ଓ ସହାୟିକା, ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାଙ୍କୁ ସରକାରୀ କର୍ମ.ରୀ ମାନ୍ୟତା, ମାସିକ ଭତ୍ତା ସର୍ବନିମ୍ନ ୨୬ହଜାର ଟଙ୍କା ପ୍ରଦାନ, କୃଷିଜାତ ଦ୍ରବ୍ୟର ଆଇନ ମାନ୍ୟତା ଦରବୃଦ୍ଧି ନିୟନ୍ତ୍ରଣ, ଏନ୍‌ପିଏସ୍ ୟୁପିଏସ୍ ବାତିଲ କରି ପୁରୁଣା ପେନସନ ସ୍କିମ ପ୍ରଚଳନ, ସମାନ କାମକୁ ସମାନ ଦରମା, ୨୦୨୨ ବିଦ୍ୟୁତ୍ ସଂଶୋଧନ ପ୍ରତ୍ୟାହାର, ପ୍ରିପେଡ ସ୍ମାର୍ଟ ମିଟର ବାତିଲ, ରାଷ୍ଟ୍ରାୟତ ଓ ସରକାରୀ ସଂସ୍ଥାର ଘରୋଇ କରଣ ବନ୍ଦ କରିବା ଓ ଜାତୀୟ ଶିକ୍ଷାନିତି ୨୦୨୦ ବାତିଲ ଆଦି ୧୭ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଟିୟୁସି ଜିଲ୍ଲାସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ବିକ୍ଷୋଭ ସଭାରେ ବକ୍ତବ୍ୟ ରଖିଥିଲେ ଏଆଇୟୁଟିୟୁସି ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର। ନିଖିଳ ଓଡିଶା ଆଶା କର୍ମୀ ସଂଘ ସଭାପତି ଦମୟନ୍ତି ମହାନନ୍ଦ, ସଂଜୁ ବାଗ, ପ୍ରଭାସିନି ରାୟ, ବଲାଙ୍ଗିର ବ୍ଲକ୍ ସଂଘ ସଂପାଦିକା ବାସନ୍ତି ସେଠ, ମିନାକ୍ଷି ଜେନା, ମମତା ଜେନା, ପାଚିକା ସହାୟିକା ମାଧବୀ କଲତା, ବଲ୍ଲବି ସିଂ, ନିର୍ମାଣ ଶ୍ରମିକ ରୁ ପୁରୁଷୋତ୍ତମ କର୍ମୀ, ଜଗବନ୍ଧୁ ବେହେରା, ଗ୍ରା.ପ. ଶ୍ରମିକ ସଂଘ ବିଦୁର କୁମ୍ଭାର, ପ୍ରଫୁଲ୍ଲ କୁମ୍ଭାର, ଏଆଇଡିଏସ୍‌ଓ ଜିଲ୍ଲା ସଭାପତି ମଧୁସୁଦନ ବାଗ, ସଂପାଦିକା ଗୌରୀ ରାଉତ, ଏଆଇଡିୱାଇଓ ଜିଲ୍ଲା ସଂପାଦକ ତାମସ ବେହେରା ସହ ଶତାଧିକ କର୍ମୀ ସାମିଲ ହେବା ସହ ବକ୍ତବ୍ୟ ରଖିଥିଲେ। ଏଆଇଟିୟୁସି ଜିଲ୍ଲା ସହସଂପାଦକ ସାଏବୁ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି

ଟିଟିଲାଗଡ଼,୨୦।୫(ସମିସ):ଟିଟିଲାଗଡ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ସ୍ଥାନୀୟ ପ୍ରହରୀ ମଣ୍ଡପ ପରିସରରେ ଶୀତଳଷଷ୍ଠୀ ଉତ୍ସବ ପାଳନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଶେଖର ଦାସଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଚଳିତ ଥର ଉତ୍ସବ ପାଳନ ୨୫ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ମହାଆଡମ୍ବରରେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।ଚଳିତ ଥର ହାଟପଦାପଡାର ସୀତାରାମ ବେହେରା ଓ ତାଙ୍କ ଧର୍ମ ପତ୍ନୀ ରେଣୁକା ବେହେରା କନ୍ୟାପକ୍ଷ ଏବଂ ଶିରଭଟାପଡା ନିବାସୀ ଦମ୍ପତି ମହେନ୍ଦ୍ର ରାଉତ ଓ ମେନକା ରାଉତ ବର ପକ୍ଷରୁ ଦାୟିତ୍ୱ ତୁଲାଇବା ପାଇଁ ସୌଭାଗ୍ୟ ଲାଭ କରିଛନ୍ତି।

ଏହି ବୈଠକରେ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧିର ଘଡେଇ,କୋଷାଧ୍ୟକ୍ଷ ପ୍ରଭାକର ସରାଫ,ଉପଦେଷ୍ଟା ଲିଙ୍ଗରାଜ ସାହୁ, ଟିକେଲାଲ ବେହେରା,କୃଷ୍ଣ ଚନ୍ଦ୍ର ସରାଫ,ସଞ୍ଜୀବ ତ୍ରିପାଠୀ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ଡଙ୍ଗରମୁଣ୍ଡା-କଅଁସର ପିଚୁ ରାସ୍ତା ନିମ୍ନମାନର



## ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ସଇଁତଳା,୨୦।୫(ସମିସ): ସଇଁତଳା ବ୍ଲକ୍ ଅନ୍ତର୍ଗତ କଅଁସର ଗ୍ରାମରୁ ଡ଼ଙ୍ଗରମୁଣ୍ଡା ଗ୍ରାମ। ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼ କିମି ରାସ୍ତାଟି ପଚୁ କାମ କରାଯାଇଛି। ପିଚୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ରାସ୍ତା କଡ଼ରେ ମାଟି ପୋତି ରାସ୍ତା ଅଧା ପୋତି ଦିଆଯାଇଛି। ଯାହାଫଳରେ ଉକ୍ତ ରାସ୍ତା ଦେଇ ଗମନାଗମନ କରୁଥିବା ଜନସାଧାରଣ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଗ୍ରାମବାସୀ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ବାରମ୍ବାର ଖବର ପ୍ରସାରଣ ହେବାପରେ ମଧ୍ୟ ଅଦ୍ୟାବଧି ଯନ୍ତ୍ରୀ ଉକ୍ତ ସ୍ଥାନକୁ ପରିଦର୍ଶନରେ ଯାଇନାହାନ୍ତି। କିମ୍ବା ଠିକାସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଯାହାକୁ ନେଇ ସାଧାରଣରେ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାରୁ ପ୍ରଶାସନ ତରଫରୁ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା। କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନା ମତେ ସଇଁତଳା ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କଅଁସର ଗ୍ରାମ ଶେଷ ମୁଣ୍ଡରୁ ଡ଼ଙ୍ଗରମୁଣ୍ଡା ଘୁନସର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟ ଚଳିତ ବର୍ଷ ପିଚୁ କରାଯାଇଛି। ପୂର୍ବରୁ ଥିବା ପିଚୁ ଉପରେ ପୁନଃ ପିଚୁ ପକାଇ ରାସ୍ତା ନିର୍ମାଣ କରାଯାଇଛି। ନିୟମ ଅନୁସାରେ ପୂର୍ବରୁ ଥିବା ପିଚୁ ରାସ୍ତାକୁ ଖୋଳି ତା ଉପରେ ନୂତନ ଭାବରେ ପିଚୁ କରାଯିବା କଥା। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ଉପରେ କେବଳ ପିଚୁ ପକାଇ କାମ କରାଯାଇଛି। ଉକ୍ତ ରାସ୍ତାରେ ନିର୍ମିତ ନୂତନ ପିଚୁକୁ ଟିକିଏ ହାତରେ ଖୋଳିଦେଲେ ତାହା ଉଠି ଯାଉଛି। ଏହାର ସ୍ଥାୟୀତ୍ୱକୁ ନେଇ ଗ୍ରାମବାସୀ ସନ୍ଦେହ ଘେରରେ ରହିଛନ୍ତି। ପୁନଃ ନୂତନ ଭାବରେ ନିର୍ମିତ ପିଚୁ ରାସ୍ତା ଉପରେ ମାଟି ପଡ଼ିଥିବାରୁ ଗ୍ରାମବାସୀ ଗମନାଗମନ କରୁଥିବା ବେଳେ ପଡି ଆହତ ହେଉଥିବା ଜଣାଯାଇଛି। ଏନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥବା କହିଛନ୍ତି। ଏ ବିଷୟରେ ବାରମ୍ବାର ଖବର ପ୍ରଶାସନ ହେବାପରେ ମଧ୍ୟ ପ୍ରଶାସନ ତରଫରୁ ଅଦ୍ୟାବଧ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି




ମୁରିବାହାଲ,୨୦।୫(ସମିସ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିପିଡିଓ ଗଙ୍ଗାଧର ଛତର, ସମିତି ସଭ୍ୟ ଛକ୍ରଧର ହେର୍ଣ୍ଣା,ବିଏସଏସଓ ରିଙ୍କୁ ମେହେର, ଏପିଓ ପ୍ରେମାନନ୍ଦ ମିଶ୍ର , ଏଓ ବିଶ୍ୱରଞ୍ଜନ ବେହେରା, ବିପିସି ରବୀନ୍ଦ୍ର ବେହେରା , ପିଇଓ ପ୍ରକାଶ କୁମାର ପନିକା, ଆଇସିଡ଼ିଏସ ସୁପରଭାଇଜର କୁନି ନାଏକ, ବିଆରସି ଶ୍ରୀକାନ୍ତ ଜେନା, ଏମଆଇ (ଡିଓ) ହରିହର ବାଗ, ଏଡିଇଓ ଅନାସୁନ୍ଦର ଖୁଟୁଲା ପ୍ରମୁଖ ଉପସ୍ଥିତ ଥିଲେ। ୨୧ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ଗାଁର ସମସ୍ୟା ଭତ୍ତା, ଆବାସ ଗୃହ, ରାସନକାର୍ଡ ଆଦି ସମସ୍ୟା ବିଷରେ ଗ୍ରୀଭାନ୍ସ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଓଟେକ ଜେମାକାନ୍ତ ବେନିଆ, ଯୋଗାଣ ସହାୟକ ଅଜନ୍ତୁଲା ବନଛୋର, ଗିରିଧାରୀ ଛତ୍ରିଆ, ପୁରନ୍ଧର ମୋହାଲିଙ୍ଗ, ସୁମନ୍ତ ମୋହାଲିଙ୍ଗ, ତୁଳସୀ ସାହୁ ଓ ପଞ୍ଚାୟତ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜେଇ ସହ ବାଇକ୍ ଜବତ,୨ ଗିରଫ

ପାଟଣାଗଡ଼,୨୦।୫(ସମିସ):ପାଟଣାଗଡ଼ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସକାଳେ ପାଟ୍ରୋଲିଂ କରୁଥିବା ସମୟରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ୧୨ କେଜି ୭ ଶହ ଗଞ୍ଜେଇ ଓ ଗୋଟିଏ ପୁରୁଣା ବାଇକକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ଗ୍ରାମର ସୁଶୀଲ ଦୀପ ଓ ରମେଶ କୁମ୍ଭାର। ସୂଚନାନୁସାରେ ପାଟଣାଗଡ଼ ଅବକାରୀ ଅଧିକାରୀ ରାଜକୁମାର ବେହେରାଙ୍କ ନେତୃତ୍ୱରେ ଅବକାରୀ ବିଭାଗର କର୍ମଚାରୀ ମଙ୍ଗଳବାର ବିନ୍ଧନପଦର କେନ୍ଦୁମୁଣ୍ଡି ରାସ୍ତାରେ ପ୍ରାଟ୍ରୋଲିଂ କରୁଥିବା ଦୁଇ ଜଣ ବାଇକ୍ ଆରୋହୀଙ୍କୁ ସନ୍ଦେହରେ ଯାଞ୍ଚ କରିବାରୁ ସେମାନଙ୍କ ପାଖରେ ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଅବକାରୀ ବିଭାଗ ଉକ୍ତ ଗଞ୍ଜେଇ ସହ ବାଇକ୍‌କୁ ଜବତ କରି ଦୁଇ ଅଭିଯୁକ୍ତକୁ ଗିରଫ କରିଥିଲା। ବିଭାଗ ପକ୍ଷରୁ ପିଆର କେଶ ନଂ ୩୦/୨୦୨୫-୨୬ ରେ ମାମଲା ରୁଜୁ କରି ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ଚାଲାଣ କରିଥିବା ବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟକୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆଯାଇଥିବା ଜଣାପଡିଛି।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୭ ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ରାଜକୁମାର ବେହେରା ପାଟଣାଗଡ଼ ସୂଚନା ଦେଇଛନ୍ତି।








# ଆରଏସ୍‌ପି ଅଧିକାରୀଙ୍କ ପାଇଁ 'ସକ୍ଷମ୍ କୁଇଜ୍-୨୦୨୫'

**ରାଉରକେଲା, ୨୦।୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର ଏସ୍‌ପି)ର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଅଧିକାରୀମାନଙ୍କ ପାଇଁ ସେଲ୍‌ଫସ୍ତରୀୟ ମ୍ୟାନେଜମେଣ୍ଟ ଏବଂ ବିଜିନେସ କୁଇଜ୍ 'ସକ୍ଷମ୍ - ୨୦୨୫'ର ଏକ ପ୍ରାରମ୍ଭିକ ପର୍ଯ୍ୟାୟ ଆୟୋଜିତ ହୋଇଛି। ପ୍ରତିଯୋଗିତାରେ ମୋଟ୍ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ। କୁଇଜ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମଟି ଲିଖିତ ଏବଂ ଦ୍ୱିତୀୟଟି ମୌଖିକ ଥିଲା। ଛଅଟି ଦଳ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିମଧ୍ୟରୁ, ଡିଆଇସି-ସଚିବାଳୟର ଜିଏମ୍-ଟେକ୍ ଶ୍ରୀମନ୍ତ କୁମାର ମଲ୍ଲିକ, ଏବଂ ଏଜିଏମ୍ ରିକି ଅଗ୍ରୱାଲ ବିଜେତା ହୋଇଥିଲେ। କୋକ୍ ଓଭନ୍ସ ବିଭାଗର ଏଜିଏମ ସମ୍ପଦ ମିଶ୍ର ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଅଭିଷେକ କୁମାର ମିଶ୍ରଙ୍କ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହି ଦୁଇଟି ଦଳ ସେଲ୍‌ଫସ୍ତରୀୟ ଫାଇନାଲ୍ ରାଉଣ୍ଡରେ ଅଂଶଗ୍ରହଣ କରିବେ। ଏସ୍‌ଏମ୍‌ଏସ୍-୧ ବିଭାଗର ସିନିୟର ମ୍ୟାନେଜର ଏସ୍ ଶ୍ରୀନାଥ ଏବଂ ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ସିନିୟର ମ୍ୟାନେଜର ପୁଷ୍ପାଞ୍ଜଳି ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରିଫ୍ରାକ୍ଟୋରିଜ୍ ଏବଂ ଏଲଡିବିପି ବିଭାଗର ସିଜିଏମ ଏସ୍.ଏସ୍. ପଣ୍ଡା ଏବଂ ଜଳପ୍ରବନ୍ଧନ ବିଭାଗର ଜିଏମ ଇନଚାର୍ଜ ଦେବଜିତ୍ ରାଭା କୁଇଜ୍ ମାଷ୍ଟର ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଚ୍‌ଆର ଏଲ୍‌ଆଣ୍ଡଡି ବିଭାଗର ଜିଏମ୍ ଚୈତାଳି ଦାସ ସଂଯୋଜନା କରିଥିଲେ। ଏହି ବାର୍ଷିକ କାର୍ଯ୍ୟକ୍ରମ କମ୍ପାନୀର କର୍ମଚାରୀମାନଙ୍କର ବ୍ୟବସାୟିକ ବିକାଶ, ନୂତନ ପରିଚାଳନା ଧାରଣା, ବ୍ୟବସାୟିକ ବ୍ୟକ୍ତିତ୍ୱ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଇତିହାସ ଏବଂ ସେଲର ଐତିହ୍ୟ ଇତ୍ୟାଦି ବିଷୟରେ ଜ୍ଞାନ ଏବଂ ସଚେତନତା ବିକାଶ କରିବା ପାଇଁ ଉଦ୍ଦିଷ୍ଟ ଅଟେ।



# ଅବ୍ୟବସ୍ଥାରେ ଇଏସ୍‌ଆଇସି ମଡେଲ ହସ୍ପିଟାଲ

**ନିମ୍ନମାନ କାର୍ଯ୍ୟର ତଦାରଖ ଦାବି**

**ରାଉରକେଲା, ୨୦।୫(ସମିସ)**

ଅବ୍ୟବସ୍ଥା ଘେରରେ ରାଉରକେଲା ଇଏସ୍‌ଆଇସି ମଡେଲ ହସ୍ପିଟାଲ। ହସ୍ପିଟାଲର ବିଭିନ୍ନ ବିଭାଗରେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହାର ତଦନ୍ତ ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ ଇଏସଆଇସି ମଡେଲ ହସ୍ପିଟାଲରେ ବିଗତ ଦୁଇବର୍ଷ ମଧ୍ୟରେ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା ସେଣ୍ଟ୍ରାଲ ଏୟାର କଣ୍ଡିସନସ୍ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମାତ୍ର ୨୦ ଭାଗ କାର୍ଯ୍ୟ କରୁଥିବା ବେଳେ ୮୦ ଭାଗ ଖରାପ ଅଛି। ସୋଲାର ବିଦ୍ୟୁତ ଶକ୍ତି ଚାଲିଥିବା ବିଜୁଳି ବତି ରାତିରେ ମିଞ୍ଜି ମିଞ୍ଜି ହୋଇ ଜଳୁଛି, ଷ୍ଟ୍ରିଟ ଲାଇଟ, ଫ୍ୟାନ୍ସି ଲାଇଟିଂ ଏ ସମସ୍ତ କାମରେ ବ୍ରାଣ୍ଡେଡ୍ ଜିନିଷ ପରିବର୍ତ୍ତେ ପୋଲ, ତାର, ଲାଇଟ୍ ଓ ବାକ୍ସ ଲୋକାଲ ଲଗାଯାଇଛି। କଲୋନୀ ପାଇଁ ନୂତନ ଭାବେ ଲଗା ଯାଇଥିବା ୪୪୦ ଭୋଲ୍ଟେଜ କେବୁଲ୍ ବ୍ରାଣ୍ଡେଡ୍ ପରିବର୍ତ୍ତେ ଲୋକାଲ ଲଗାଯାଇଛି। ଏଥିସହିତ କଲୋନୀ ଓ ହସ୍ପିଟାଲରୁ ନିର୍ଗତ ଦୂଷିତପାଣିକୁ ୱେଷ୍ଟେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ସ୍ଥାପନ କରିବା ନିମନ୍ତେ ପ୍ରଥମେ ଫାଉଣ୍ଡେସନ କରିବା ପରେ ତାହା ଉପରେ ନିର୍ମାଣ କରିବା ଉଚିତ୍। କିନ୍ତୁ ବିନା କୌଣସି ପ୍ରକାର ଫାଉଣ୍ଡେସନରେ ତାହା ଇନଷ୍ଟଲ୍ କରାଯାଇଛି। ପଚାରିବାରୁ ପରେ ଫାଉଣ୍ଡେସନ ହେବ ବୋଲି ଯନ୍ତ୍ରୀ ଉତ୍ତର ଦେଇଥିଲେ। ଏଥି ସହିତ ରୋଗୀ ଓ ତାଙ୍କର ସହଯୋଗୀଙ୍କ ଥଣ୍ଡା ପିଇବା ପାଣି ବ୍ୟବହାର କରିବା ପାଇଁ ଆସିଥିବା ମେସିନ ଆସିବା ପରେ ଖରାପ, ଶ୍ରମିକଙ୍କଠାରୁ ଆଦାୟ ଅର୍ଥ ଦୁରୁପୋଯୋଗ ନହେବା ପାଇଁ ଅତି ମୋଟାଅଙ୍କର ମାସିକିଆ ଦରମାରେ ନିଯୁକ୍ତ ଏକମାତ୍ର ଯନ୍ତ୍ରୀ ଏହାର ପ୍ରକୃତ ତତ୍ତ୍ୱାବଧାରକ। ଏଥିସହିତ ସୁପରିଟେଣ୍ଡେଣ୍ଟ ମଧ୍ୟ ସର୍ବୋଚ୍ଚ ତତ୍ତ୍ୱାବଧାରକ। ଏନେଇ ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଏକ ଚିଠି ଦ୍ୱାରା ଏହାର ଜରୁରୀକାଳୀନ ଭିତ୍ତିରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ନଚେତ୍ ସିବିଆଇ ତଦନ୍ତ କରିବାକୁ ସୁପାରିଶ କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି।



# କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବୀରଗାଥାକୁ ସମ୍ମାନ ଜଣାଇ ବିଶେଷ କାର୍ଯ୍ୟକ୍ରମ

**ରାଉରକେଲା, ୨୦।୫(ସମିସ):** ଦେଶର ବୀର ଯବାନଙ୍କ ବିରତ୍ୱକୁ ସମ୍ମାନ ଦେବା ଏବଂ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ଆଜି ରାଉରକେଲା ସେକ୍ଟର-୨୧ ନୟାବଜାର ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଯୋଗ ଦେବା ସହିତ ଏକ ଓଆର୍‌ଏସ୍ କେନ୍ଦ୍ର ସହ ଜଳଛତ୍ରର ଉଦ୍‌ଘାଟନ କରିଥିଲେ। ବିଶେଷ ଭାବେ ଦେଶର ବୀର ଝିଅ ସୋଫିଆ କ୍ୟୁରେସିଙ୍କ ସମ୍ମାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଜି ଦେଶର ମହିଳା ସେନା ଅଧିକାରୀ ସୋଫିଆ କ୍ୟୁରେସିଙ୍କ ଚର୍ଚ୍ଚା ସବୁଆଡ଼େ ହେଉଛି। ତାଙ୍କର ଦେଶପ୍ରତି ତ୍ୟାଗ ଏବଂ ବିରତ୍ୱରେ ଅନୁପ୍ରାଣିତ ହୋଇ ଝିଅମାନେ ଭବିଷ୍ୟତରେ ତାଙ୍କ ପରି ହେବାକୁ ଲକ୍ଷ ରଖିଛନ୍ତି। ଛୋଟଛୋଟ ଝିଅମାନଙ୍କ ଏହି ସ୍ୱପ୍ନକୁ ସାକାର କରିବା ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯ୍ୟାୟରେ ୧୦୦ଜଣ ଝିଅଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣରେ ମୁଖ୍ୟତଃ ମାର୍ସିଆଲ ଆର୍ଟ ସହ ଅନ୍ୟ ଟ୍ରେନିଂ ଦିଆଯିବାର ବ୍ୟବସ୍ଥା କରାଯାଉଛି।



# ଶିବାନୀ ମୁହଁରେ ହସ ଫୁଟିଲା

**ପାଠପଢ଼ାରେ ଅର୍ଥ ସାଜିଥିଲା ବାଧକ**

**ରାଉରକେଲା, ୨୦।୫(ସମିସ):** ପାଠ ପଢ଼ାଇ ଝିଅର ଭବିଷ୍ୟତ ଗଢ଼ିବାକୁ ମା' ଉଦ୍ୟମ କରୁଥିବାବେଳେ ଅର୍ଥ ସାଜିଥିଲା ବାଧକ। ଏହି ସମୟରେ ଯୁବ ସ୍ୱେଚ୍ଛାସେବୀଙ୍କ ଆର୍ଥିକ ସହାୟତା ବାଧକକୁ ଦୂରେଇ ଦେଇଛି। ଫଳରେ ଝିଅର ଭବିଷ୍ୟତ ଗଢ଼ିବାକୁ ନେଇ ମା'ର ଚିନ୍ତା ଦୂର ହୋଇଛି। ସୂଚନା ମୁତାବକ, ସେକ୍ଟର -୭ ସମଲେଶ୍ୱରୀ ବସ୍ତିଠାରେ ସୁଷମା ଦାସ ଓ ୧୦ ବର୍ଷର ଝିଅ ଶିବାନୀ ଦାସ ରୁହନ୍ତି। ଶିବାନୀ ୬ ମାସର ହୋଇଥିବା ବେଳେ ବାପା ଲଳିତ ନାରାୟଣ ଦାସ ଆରପାରିକୁ ଚାଲି ଯାଇଥିଲେ। ଏହି ଦୁଃଖଦ ସମୟରେ ସୁଷମା ନିଜକୁ ସମ୍ଭାଳି ଘରେ ଘରେ କାମ କରି ଅତି କଷ୍ଟରେ ଲାଳନ ପାଳନ କରିବା ସହ ପାଠ ପଢ଼ାଉଥିଲେ। ଝିଅକୁ ଏକ ବେସରକାରୀ ସ୍କୁଲରେ ପାଠ ପଢ଼ାଉଥିବା ବେଳେ ଝିଅ ତୃତୀୟ ଶ୍ରେଣୀ ପାସ କଲାପରେ ଚତୁର୍ଥ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲା। ମାତ୍ର ଆର୍ଥିକ ଅନାଟନ ଯୋଗୁଁ ଝିଅ ଶିବାନୀର ସ୍କୁଲ ଫି, ବହି ଖାତା ଓ ଡ୍ରେସ୍ ଦେଇ ପାଠ ପଢ଼ାଇବା ପାଇଁ ନିଜର ଅସମର୍ଥ ପ୍ରକାଶ କରିଥିଲେ। ଏ ବାବଦରେ ସେକ୍ଟର -୮ ଇସ୍ପାତ କ୍ଲବର ଉପଦେଷ୍ଟା ତଥା ସ୍ୱେଚ୍ଛାସେବୀ ଜିତେନ ମାଛଖଣ୍ଡ ଜାଣିବା ପରେ ନିଜର ସହଯୋଗୀ ନିଲୁ ବାରିକଙ୍କୁ ନେଇ ଝିଅ କିପରି ନିଶୁଳ୍କରେ ପାଠ ପଢ଼ି ପାରିବ ସେ ନେଇ ପ୍ରଚେଷ୍ଟା କରିଥିଲେ। ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ପାଠ ପଢ଼ାଇବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ନାମ ଲେଖାଇବା ପାଇଁ ଅନେକ ଗୁଡ଼ିଏ ସର୍ତ୍ତ ଓ ନିୟମାବଳୀ ଜଣାଇଥିଲେ। ଦୁଇ ସମାଜସେବୀ ଏ ନେଇ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ଯୋଗାଡ଼ କରିଥିଲେ। ବିଧାୟକଙ୍କ ଠାରୁ ସହମତି ପତ୍ର ଆଣିଲେ ନାମଲେଖା ସମ୍ଭବ ହେବ ବୋଲି ପ୍ରଧାନ ଶିକ୍ଷକ କହିବାରୁ ଏ ନେଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ଯାଇ ଅନୁରୋଧ କରିଥିଲେ। ବିଧାୟକ ଛୋଟ ଝିଅର ଭବିଷ୍ୟତ, ମା' ଓ ଯୁବ ସ୍ୱେଚ୍ଛାସେବୀଙ୍କ ଆଗ୍ରହ ଦେଖି ସହମତି ପତ୍ର ପ୍ରଦାନ କରିଥିଲେ। ଯାହାଦ୍ୱାରା ଆଜି ଝିଅ ଶୀବାନୀ ଦାସ ଦୀପିକା ଇସ୍ପାତ ଶିକ୍ଷା ସଦନରେ ପାଠ ପଢ଼ିବା ପାଇଁ ସୁଯୋଗ ପାଇ ପାରିଥିଲା। ସ୍କୁଲରେ ଆଜି ତାର ନାମଲେଖା ହେବା ପରେ ସୁଷମା ଦୁଇ ଯୁବ ସ୍ୱେଚ୍ଛାସେବୀ, ବିଧାୟକ ଓ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଥିଲେ।



# ପୋଖରୀରେ ବୁଡ଼ି ନାବାଳକ ମୃତ

**ବଣାଇଁ, ୨୦।୫(ସମିସ):** ବଣାଇଁ ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଘୋଷରା ଗ୍ରାମରେ ଜଣେ ନାବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛି। ମଙ୍ଗଳବାର ଅପରାହ୍ନରେ ଗ୍ରାମର ଦିଲ୍ଲୀପ କୁମାର ସାହୁଙ୍କ ପୁତ୍ର ସ୍ୱୟମ ପ୍ରକାଶ ସାହୁ (୧୧) ଗୋବିନ୍ଦପୁର ଗୌଡ଼ ବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲା। ଗାଧୋଇବା ସମୟରେ ଅସାବଧାନତା ହେତୁ ଗଭୀର ପାଣିରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହାଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ପୋଖରୀରେ ବହୁ ଖୋଜାଖୋଜି କରିବା ପରେ ନାବାଳକ ପୁଅକୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ବଣାଇଁ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଥିବା ଜଣାପଡ଼ିଛି।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୨୦।୫(ସମିସ):** ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଚାନ୍ଦିଆ ଗ୍ରାମର ମୂଳବାସିନ୍ଦା ବାଦଲ ଜେନା (୩୨)। ସେ ଗତକିଛି ଦିନ ହେବ ପାନପୋଷବସ୍ତିରେ ରହି ଆସୁଥିଲେ। ସୋମବାର ବିଳମ୍ବିତ ରାତିରେ ସେ ରଶି ଲାଗଇ ଆତ୍ମହତ୍ୟ କରିଥିଲେ। ପଡ଼ୋଶୀମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ହେଲେ ବାଦଲ କ'ଣ ପାଇଁ ଏହି ପଦକ୍ଷେପ ଗ୍ରହଣ କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଉଦ୍‌ଯାପିତ



**ରାଉରକେଲା, ୨୦।୫(ସମିସ):** ରାଉରକେଲା ଇସ୍ପାତ କାରଖାନାରେ ମେ'୨୦ ତାରିଖ ଦିନ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଉତ୍ସବ ଉଦ୍‌ଯାପିତ ହେବାସହ ଏହି ଅବସରରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା କାର୍ଥା ମଞ୍ଚାସୀନ ଥିଲେ। ଏହି ଅବସରରେ ବହୁ ସିଜିଏମ, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସମେତ ସେମାନଙ୍କର ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ପଲାଇ ସମାବେଶକୁ ସମ୍ବୋଧିତ କରି ସପ୍ତାହ ପାଳନ ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତବର୍ଷର ବିଷୟବସ୍ତୁ 'ଅଗ୍ନି ସୁରକ୍ଷିତ ଭାରତ ଗଠନ ପାଇଁ ଏକତ୍ରିତ ହୁଅନ୍ତୁ' ଉପରେ ଆଲୋକପାତ କରି ସେ 'ଶୂନ୍ୟ କ୍ଷତି' ଲକ୍ଷ୍ୟ ହାସଲ କରିବାରେ ସାମୂହିକ ଦାୟିତ୍ୱର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଅଗ୍ନି ନିରାପତ୍ତାକୁ କେବଳ ଗୋଟିଏ ସପ୍ତାହ ମଧ୍ୟରେ ସୀମିତ ନରଖି ସାରାବର୍ଷ ଅଭ୍ୟାସ କରାଯିବା ଉଚିତ। ଅତିଥିମାନେ ସହରାଞ୍ଚଳ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସ୍ୱଟପେଣ୍ଟିଂ କ୍ଷେତ୍ରରେ ତଥା କର୍ମଚାରୀ ଓ ଠିକା ଶ୍ରମିକମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଯଥା ଫାୟାର ମକ୍ ଡ୍ରିଲ, ଅଗ୍ନିଶମ ଓ ସାଧାରଣ କର୍ମଚାରୀଙ୍କ ପାଇଁ ସନ୍ତରଣ, ଆଥ୍ଲେଟିକ, ଭଲିବଲ, ପ୍ରବନ୍ଧ, ସ୍ଲୋଗାନ, ହାଉସ କିପିଂ ନିମନ୍ତେ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ବିଚାରକମଣ୍ଡଳୀ ଏବଂ ସପ୍ତାହବ୍ୟାପୀ କାର୍ଯ୍ୟକଳାପକୁ ସମନ୍ୱୟ କରିବାରେ ସାହାଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରରେ ୧୦ ୟୁନିଟ ରକ୍ତ ଦାନ କରିଥିବା କର୍ମଚାରୀମାନଙ୍କୁ ମଧ୍ୟ ପ୍ରଶଂଶିତ କରାଯାଇଥିଲା। ଅଗ୍ନିଶମ ସେବା ବିଭାଗର ଜିଏମ୍ ଜୀବନ ବଲ୍ଲଭ ପଟ୍ଟନାୟକ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହ, ଡେପୁଟି ମ୍ୟାନେଜର ସାବାଜ ଆସିଫ ଠାକୋର ଏବଂ ଶୁଭବ୍ରତ ସାହୁ ଉତ୍ସବ ପରିଚାଳନା କରିଥିଲେ।

# ନବନିଯୁକ୍ତ ବିଜେଡି ରାଜ୍ୟ ଉପସଭାପତି ଓ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ବଣାଇଁ, ୨୦।୫(ସମିସ)**

ଲହୁଣିପଡ଼ା ବ୍ଲକ ଛକ ସ୍ଥିତ କଲ୍ୟାଣମଣ୍ଡପଠାରେ ଲହୁଣିପଡ଼ା ବିଜୁ ଜନତା ଦଳ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନବନିଯୁକ୍ତ ରାଜ୍ୟ ଉପସଭାପତି ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବିଜେଡି ରାଉରକେଲା ସାଙ୍ଗଠାନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠି ଜିଲ୍ଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ରାଉରକେଲା ପୂର୍ବତନ ଉପସଭାପତି ଜ୍ୟୋତିପ୍ରକାଶ ମହାନ୍ତି, ବରିଷ୍ଠ ଆଇନଜୀବୀ ଶିବାଜି ପଣ୍ଡା, ଯୁବନେତା ବାଣେଶ୍ୱର ସାହୁ, ଲହୁଣୀପଡ଼ା ଲ୍ୟାମ୍ପ ସଭାପତି କିଶୋର ଚନ୍ଦ୍ର ନାୟକ, ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ରଣଜିତ କିଷାନଙ୍କ ଅଧ୍ୟକ୍ଷତା ଓ କୁମାର ଗୌତମ ବାରିକଙ୍କ ମଞ୍ଚ ପରିଚାଳନାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖୁଟୁଗାଁ ଲ୍ୟାମ୍ପ ସଭାପତି ଅଜୟ କୁମାର ନାୟକ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲହୁଣୀପଡ଼ା ବ୍ଲକ ବିଜୁ ଜନତା ଦଳ ତରଫରୁ ରାଜ୍ୟ ଉପସଭାପତି ସାରଦା ପ୍ରସାଦ ନାୟକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠି ଏବଂ ଲହୁଣିପଡ଼ା ବ୍ଲକ ଦଳୀୟ ନିର୍ବାଚନ ଅଧିକାରୀ ସୁମିତ୍ରା ଚାରଦିଆଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଲହୁଣୀପଡ଼ା ବ୍ଲକ କାର୍ଯ୍ୟକାରୀ ସଭାପତି ଗୁରୁଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ନକୁଳ ମାହାନ୍ତ, ସାଧେଶ୍ୱରୀ ମାହାନ୍ତ, ମୀନା ମାହାନ୍ତ, ସ୍ମୃତି ରେଖା ମାହାନ୍ତ, ବିଜୁ ଜନତା ଦଳରେ ଯୋଗ ଦେଇଥିବାରୁ ଅତିଥି ମାନେ ଦଳିୟ ଉତରିୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସହଯୋଗ ସଭାପତି ଉମେଶ ରାୟ, ପୂର୍ବତନ ଜିଲ୍ଲାପରିଷଦ ଲକ୍ଷ୍ମୀ କିଷାନ, ସରପଞ୍ଚ ମାଳତୀ କିଷାନ, ସରପଞ୍ଚ ସିଙ୍ଗରାୟ ମୁଣ୍ଡା, ଅଶୋକ ବେହେରା, ସୁଶାନ୍ତ କୁମାର ମୁଣ୍ଡାରୀ, ହେମନ୍ତ ମାହାନ୍ତ, ଗଙ୍ଗା ମାହାନ୍ତ, ଦେବ କାନ୍ତ ଜୟସ୍ୱାଲ, ଲକ୍ଷ୍ମୀଧର ମାହାନ୍ତ, ଇନ୍ଦିରା ବୋଡ଼ା, ଅହଲ୍ୟା ନାୟକ, କାନ୍ଦୁର କିଷାନ, ବୈକୁଣ୍ଠ ମାହାନ୍ତ, ଭୁବନାନନ୍ଦ କିଷାନ ହରିହର ମାହାନ୍ତ, ରାକେଶ ରାୟଙ୍କ ସମେତ ବିଜୁ ଜନତା ଦଳର କର୍ମୀ ସହଯୋଗ କରିଥିଲେ।





## ADMISSION NOTICE

### COMMON ENTRANCE TEST- 2025

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: **https://svnirtar.nic.in**, E-Mail: **dasvnirtar@gmail.com**

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: **https://nild.nic.in**, E-Mail: **mail@nioh.in**

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: **https://niepmd.nic.in**, E-Mail: **niepmd@gov.in**

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: **https://pdunippd.nic.in**, E-Mail: **diriph@nic.in**

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: **https://crcguwahati.nic.in**, E-Mail: **crcsreguwahati@gmail.com**

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

**POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND


1. Master in Prosthetics & Orthotics Course at PDUNIPPD, New Delhi

Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025



ଆମକୁ ସର୍ବପ୍ରଥମେ କୃଷିକ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚ ଓ ବିପଦ ଆଶଙ୍କାକୁ ହ୍ରାସ କରିବାର ଉପାୟ ଆବିଷ୍କାର କରିବାକୁ ପଡ଼ିବ।

-ଏମ୍ ଏସ୍ ସ୍ୱାମୀନାଥନ୍

# ଶତ୍ରୁର ଶତ୍ରୁ, ମିତ୍ର

ଶତ୍ରୁର ଶତ୍ରୁ ରାଷ୍ଟ୍ର ସହ ମିତ ବସିବା, ଏପରିକି ମିତ୍ର ରାଷ୍ଟ୍ର ସହ ଶତ୍ରୁତା ଆଚରଣ କରୁଥିବା ରାଷ୍ଟ୍ରକୁ ବ୍ୟାବସାୟିକ ସହଯୋଗିତା ମାଧ୍ୟମରେ ଆର୍ଥିକ ଫାଇଦା ହାସଲ କରିବା ଭଳି ସମ୍ପର୍କ ସହ କୂଟନୈତିକ ସମ୍ପର୍କର ସଦାଚାରକୁ ସଂଯୋଗ କରିବା ଠିକ୍ ହେବନାହିଁ। ଆଫଗାନିସ୍ତାନ ସହ ଚୀନ ଓ ଭାରତର ସଂପର୍କ ପ୍ରେକ୍ଷାପଟ୍ଟରେ ଆମେ ଏହି ମନ୍ତବ୍ୟ ଦେଉଛୁ। ୨୦୨୧ରେ ତାଲିବାନ ସାମରିକ ବିଦ୍ରୋହ ମାଧ୍ୟମରେ ଆଫଗାନିସ୍ତାନର କ୍ଷମତା ଦଖଲ କରିଛି। ଏହି ପରିସ୍ଥିତିରେ ପାଶ୍ଚାତ୍ୟ ସାହାଯ୍ୟ ହଠାତ୍ ବନ୍ଦ ହୋଇଯିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ଦେଇ ଗତିକରୁଛି ତାଲିବାନ। ତେବେ ଚୀନ ୨୦୧୭ରୁ ରଖି ଆସିଥିବା ସମ୍ପର୍କ ଏବେ ମଧ୍ୟ ଅତୁଟ ରହିଛି। ଫାଇବର କେବୁଲ ବିଛାଇବାଠାରୁ ଆରମ୍ଭ କରି ବେଲ୍ଟ ଆଣ୍ଡ ରୋଡ ନିର୍ମାଣ, ପଞ୍ଚରାଷ୍ଟ୍ରୀୟ ରେଳ ସଂଯୋଗ, ତମ୍ବା ଖଣି ଖନନ, ସର୍ବୋପରି ଆମୁଦରିଆ ବେସିନରୁ ତୈଳ ଉତ୍ତୋଳନ କରି ଆଫଗାନିସ୍ତାନ ସହ ସଂପର୍କ କେବଳ ସୁଦୃଢ଼ କରିନି, ବିପୁଳ ଆର୍ଥିକ ଫାଇଦା ହାସଲର କ୍ଷେତ୍ର ପ୍ରସ୍ତୁତ କରିଛି। କିନ୍ତୁ ଆମେ କ'ଣ କରିଛୁ? ତାଲିବାନ ବିଦ୍ରୋହ ସମୟରୁ ପାଶ୍ଚାତ୍ୟ ରାଷ୍ଟ୍ର ସହ ହାତ ମିଳାଇ କୂଟନୈତିକ ସମ୍ପର୍କ ଛିନ୍ନ କରିଛୁ। ସୀମାନ୍ତ ଅତିକ୍ରମ କରି ଚାଲିଥିବା ଆତଙ୍କବାଦକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଜାରି ରହିଥିବା ସଂଘର୍ଷର ସୁଯୋଗ ନେଇ ଆମେ ସଂପର୍କ ଯୋଡ଼ିବାକୁ ଆରମ୍ଭ କରିଛୁ। ଶତ୍ରୁର ଶତ୍ରୁ ସହ ଆମେ ମିତ ବସିବା ପାଇଁ ଦୁଇଦେଶର ବୈଦେଶିକ ସ୍ତରରେ ପ୍ରାରମ୍ଭିକ କଥାବାର୍ତ୍ତା ହୋଇଛି। ହୋଇପାରେ ଆଗକୁ ଏହା ଦ୍ୱିପାକ୍ଷିକ ସମ୍ପର୍କର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ।

ବେଲୁଚିସ୍ତାନ ବିଦ୍ରୋହୀ ଓ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ପକ୍ଷରୁ କ୍ରମାଗତ ଆକ୍ରମଣର ସମ୍ମୁଖୀନ ହୋଇ ପାକ୍ ସେନା କେବଳ ଲହୁଲୁହାଣ ହୋଇ ନାହାନ୍ତି, ଦିନକୁ ଦିନ ସେମାନଙ୍କ ପ୍ରଭାବ ଓ ପ୍ରତିଷ୍ଠା କ୍ଷୁଣ୍ଣ ହେବାରେ ଲାଗିଛି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସେନାବାହିନୀର ମୁଖ୍ୟ ମୁନୀର ଯେଉଁ ଭାରତ ବିରୋଧୀ ଷଡ଼ଯନ୍ତ୍ର ରଚନା କରିଥିଲେ ତାହାର ପରାଭବ ଏବେ ସେ ଭୋଗିଛନ୍ତି। ଏପରିକି ପାକ୍ ଅଧିକୃତ କାଶ୍ମୀର ତାଙ୍କ ଦଖଲରୁ ଚାଲିଯିବା ଭୟରେ ଚୀନର ସହାୟତା ମଧ୍ୟ ଲୋଡ଼ିଛନ୍ତି। ପାକିସ୍ତାନ ଓ ଚୀନ ଉଭୟଙ୍କ ସ୍ୱାର୍ଥ ଅଧିକୃତ କାଶ୍ମୀରରେ ନିହିତ ଥିବାରୁ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ସକାଶେ ମିଳିତ ପ୍ରୟାସ ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେଣୁ ପାକିସ୍ତାନ ଉପରେ ଚାପ ବୃଦ୍ଧି କରିବାରେ ଶତ୍ରୁର ଶତ୍ରୁ ଯଦି ଆମର ମିତ୍ର ହେଲା, ତେବେ ଅସୁବିଧା କ'ଣ? ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏଥିମଧ୍ୟରେ ଆଫଗାନ ପ୍ରତିପକ୍ଷ ଅମିର ଖାଁ ମୁତାକିଙ୍କ ସହ ଟେଲିଫୋନ ମାଧ୍ୟମରେ ଯେଉଁ ଯୋଗାଯୋଗ ରକ୍ଷା କରିଛନ୍ତି, ତାହାକୁ ଭିନ୍ନ ଦୃଷ୍ଟିରେ ବିଚାର କରିବାର ସେଭଳି ଯଥାର୍ଥତା ନାହିଁ। ହୋଇପାରେ ତାଲିବାନ ଧର୍ମୀୟ ମୌଳବାଦୀ ଓ ଆତଙ୍କବାଦୀ ସଂଘର୍ଷରୁ ଜନ୍ମ ନେଇଛି। ଉଜ୍‌ବେକିସ୍ତାନ ଇସ୍‌ଲାମିକ ବିଦ୍ରୋହରେ ସଂପୃକ୍ତ ହକାନି ନେଟୱାର୍କ ସହ ତାଲିବାନ୍ ସରକାରର ସଂପର୍କ ରହିଛି। ଏ କଥା ମଧ୍ୟ ସତ୍ୟ ଯେ, ଆଫଗାନିସ୍ତାନରେ ସୋଭିଏତ ରୁଷ ସହ ସଂଘର୍ଷରେ ଏହି ତାଲିବାନ ଗୋଷ୍ଠୀଙ୍କୁ ଉଭୟ ଆମେରିକା ଓ ପାକିସ୍ତାନ ଆର୍ଥିକ ଏବଂ ସାମରିକ ସହାୟତା ଯୋଗାଇଥିଲେ। ଏହି ମହତାକାଂକ୍ଷୀ ଗୋଷ୍ଠୀ ନିଜର ଜୀବନଜୀବିକାକୁ ଜଳାଞ୍ଜଳି ଦେଇ ଅନ୍ୟ ପାଇଁ ଲଢ଼ିଥିଲେ। ଏବେ ପୁଣି ସଂଘର୍ଷ କରି କ୍ଷମତାକୁ ଆସିଛନ୍ତି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ଇସ୍‌ଲାମିକ ମୌଳବାଦ ସେମାନଙ୍କ ସକାଶେ ନୀତି ଓ ଆଦର୍ଶ ଏବଂ ତାହା ପ୍ରତିଷ୍ଠା ଓ ପ୍ରସାର ସକାଶେ ଆଗକୁ ସେମାନେ ଲଢ଼ିବେ। ପାକିସ୍ତାନ ସେମାନଙ୍କୁ ନିଜ ସ୍ୱାର୍ଥ ରକ୍ଷା ସକାଶେ ପ୍ରୟୋଗ କରିବାର ଯେଉଁ ଯୋଜନା କରିଥିଲା ତାହାକୁ ଟିଟିପି ଧ୍ୱଂସ କରିଦେଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ପ୍ରାଧାନ୍ୟ ଓ ପ୍ରଭାବ ଅତୁଟ ରହିଛି। ତେଣିକି ସେମାନେ ତାହାକୁ ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଯଦି ନିଜର ସ୍ୱାର୍ଥରକ୍ଷା ପାଇଁ ଆମେରିକା ଓ ଚୀନ ଯେଉଁ ବାଟରେ ପାକିସ୍ତାନ ସହ ସୁସମ୍ପର୍କ ରକ୍ଷା କରିପାରୁଛନ୍ତି ତେବେ ଆଫଗାନିସ୍ତାନରେ ତାଲିବାନ ସରକାର ସହ ଭାରତ ଯୋଗାଯୋଗ ରକ୍ଷା କଲେ ଅସୁବିଧା ରହିଲା କେଉଁଠି?

ଏଠାରେ ଆମେ ସମ୍ପର୍କର ଆଉ ଗୋଟିଏ ଦିଗ ସମ୍ପର୍କରେ ଆଲୋଚନା କରିବା। ଆରବ ସାଗରରେ ଦୁଇଟି ବନ୍ଦର ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ରୂପେ ମୁଣ୍ଡ ଟେକୁଛି। ପାକିସ୍ତାନରେ ଗ୍ୱାଦର ବନ୍ଦର ନିର୍ମାଣ ଦାୟିତ୍ୱ ଚୀନ ହାତକୁ ନେଇ ମଧ୍ୟପ୍ରାଚ୍ୟ ଓ କେନ୍ଦ୍ର ଏସିଆରେ ନିଜର ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବାକୁ ଚାହୁଁଥିବା ବେଳେ ବେଲୁଚିସ୍ତାନ ବିଦ୍ରୋହୀଙ୍କ ଆନ୍ଦୋଳନ ଓ ସଂଘର୍ଷ ତାହାର ଗତିରୋଧ କରିଛି। ପାକିସ୍ତାନ ସେନାବାହିନୀର ସୁରକ୍ଷା ଉଦ୍ୟମ କ୍ରମାଗତ ଭାବେ ବ୍ୟର୍ଥ ହେବାରେ ଲାଗିଛି। ଦ୍ୱିତୀୟ ବନ୍ଦର ହେଉଛି ଚବାହାର; ଯାହାକି ଇରାନର ଏକମାତ୍ର ସାମୁଦ୍ରିକ ପରିବହନର କେନ୍ଦ୍ରସ୍ଥଳ। ଇରାନ ସହ ସୁଦୃଢ଼ ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ଚବାହାର ବନ୍ଦର ନିର୍ମାଣ ସହ ଯୋଡ଼ି ହୋଇଯାଇଛି ଭାରତ। ଇରାନର ଦକ୍ଷିଣପୂର୍ବ ଉପକୂଳରେ ଶାହିଦ ବେହେସ୍ତି ଟର୍ମିନାଲର ଆଧୁନିକୀକରଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇରାନ ବିରୋଧରେ ଆମେରିକାର କଠୋର ପ୍ରତିବନ୍ଧକ ବନ୍ଧ ନିର୍ମାଣରେ ଶିଥିଳତା ସୃଷ୍ଟି କରିଛି। ଏ କଥା ସତ ଯେ, ଆମେରିକା ବିରୋଧୀ କୂଟନୀତିରେ ରୁଷ ଓ ଚୀନ ପ୍ରତିରକ୍ଷାଠାରୁ ଆରମ୍ଭ କରି ସବୁସ୍ତରରେ ଇରାନକୁ ସହାୟତା ଯୋଗାଇ ଆସିଛନ୍ତି। ଏହା ସତ୍ତ୍ୱେ ଚବାହାର ବନ୍ଦର ନିର୍ମାଣ ଦାୟିତ୍ୱ ଭାରତ ନେଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଆରବ ସାଗରରେ ମୁଣ୍ଡ ଟେକୁଥିବା ଏହି ବନ୍ଦର ଦୁଇଟିର ଦୂରତା ମାତ୍ର ୭୨ କିମି। ଚବାହାର ବନ୍ଦର ମାଧ୍ୟମରେ ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ପାକିସ୍ତାନ ଉପରେ ଆଉ ନିର୍ଭର କରିବ ନାହିଁ ଭାରତ।

ଯଥାସମ୍ଭବ ଯୁଦ୍ଧକୁ ଏଡ଼ାଇ ଯାଇ ବାଣିଜ୍ୟିକ ସମ୍ପର୍କର କ୍ଷେତ୍ର ଯେତେ ଅଧିକ ସମ୍ପ୍ରସାରିତ ହେବ ଆର୍ଥିକ ଦୃଷ୍ଟିରୁ ରାଷ୍ଟ୍ର ସେତିକି ସୁଦୃଢ଼ ଓ ସମୃଦ୍ଧ ହେବ। ୧୪୨ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ବିଶ୍ୱବଜାର ଅର୍ଥନୀତିର କେନ୍ଦ୍ରସ୍ଥଳ ପାଲଟିଛି। ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିଯୋଗିତାରେ ପଛରେ ପଡ଼ି ନ ଯାଇ ଅଗ୍ରସର ହେଉଥିବାରୁ ଦେଶର ଅଭିବୃଦ୍ଧି ହାର ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ୬.୨ ପ୍ରତିଶତ ରହିଛି। ବିଶ୍ୱ ଅର୍ଥନୀତିରେ ଚତୁର୍ଥ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିବା ଭାରତ ପ୍ରତି ପତିପକ୍ଷଙ୍କ ଈର୍ଷଣୀୟ ଦୃଷ୍ଟି ରହିବା ସ୍ୱାଭାବିକ। ତାହାକୁ ଅତିକ୍ରମ କଲା ବେଳେ କେବଳ ଆଦର୍ଶକୁ ଜାବୁଡ଼ି ଧରିଲେ ହେବ ନାହିଁ। ପ୍ରତିପକ୍ଷକୁ ଉଚିତ୍ ଶିକ୍ଷା ଦେବା ପାଇଁ ମିତ୍ର ଚୟନ ବେଳେ ସତର୍କତା ଅବଲମ୍ବନ କରିବା ଉଚିତ।

# ଭାବାବେଗର ବିସର୍ଜନ

**ଡ. ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ଧନ୍ୟବାଦ ତମେ ସତରେ ଏକ ବିସ୍ମୟକର ପ୍ରତିଭା'- ସ୍ୱାଭାବିକ ମାନବିକ ଭାବାବେଗରେ ଆପଣମାନଙ୍କ ମଧ୍ୟରୁ କେହି ଏମିତି ଗୋଟିଏ ସୁନ୍ଦର, ସୌଜନ୍ୟପୂର୍ଣ୍ଣ ବାକ୍ୟଟିଏ ଲେଖି ଦେଇଥିବେ ଚାଟ୍‌ଜିପିଟି ଉଦ୍ଦେଶ୍ୟରେ; କେବେ ହୁଏତ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ତା' ପାଖରୁ କିଛି ମତମନ୍ତବ୍ୟ କି କ୍ଷୁଦ୍ର ଏକ ରଚନା ଲୋଡୁଥିବା ବେଳେ ଲେଖି ଦେଇଥିବେ- 'ଦୟାକରି ମୋ ପାଇଁ ଲେଖାଟି ପ୍ରସ୍ତୁତ କରି ଦିଅନ୍ତୁ ଆଜ୍ଞା'। କିନ୍ତୁ ଏଣିକି ଆମକୁ ଏ ଅଭ୍ୟାସ ଛାଡ଼ି ଦେବାକୁ ହେବ। କାରଣ ଏଇ କରିତ୍‌କର୍ମା ବୁଦ୍ଧିମତ୍ତାର ଅନ୍ୟତମ ଜନକ ଏବଂ ଗାର୍ଜେନ ସାମ୍ ଅଲ୍‌ଟାମାନ୍ ଆମକୁ ତାଙ୍କ ସ୍ୱଭାବସୁଲଭ ନମ୍ରତା ବଜାୟ ରଖି ବାରଣ କରି ଦେଇଛନ୍ତି ଯେ ଆମେ ଆଉ ଏମିତି ଭଦ୍ର, ଶୀଳ, ଉଚ୍ଚରୁଚିଯୁକ୍ତ ସମ୍ବୋଧନାତ୍ମକ ଶବ୍ଦ କି ବାକ୍ୟ ଚାଟ୍‌ଜିପିଟିକୁ ଶୁଣାଇବା ନାହିଁ। 'ଆଜ୍ଞା', 'ଦୟାକରି' ଅଥବା 'ହେଲୋ', 'ପ୍ଲିଜ୍' ପରି ଏମିତି ଅଜସ୍ର ଶବ୍ଦଗୁଡ଼ିକୁ ଆପଣାର 'ଆଲ୍‌ଗୋରିଦିମ୍' ଦ୍ୱାରା ବୁଝିବାକୁ ନିୟୁତ ନିୟୁତ ଡଲାର ମୂଲ୍ୟର ବୈଦ୍ୟୁତିକ ଶକ୍ତିର ଏକପ୍ରକାର ବିନର୍ବ୍ୟୟ କରିଚାଲିଛି ଚାଟ୍‌ଜିପିଟି। ସେ ତେଣୁ ପରୋକ୍ଷରେ ଆମକୁ ଚେତାବନୀଟିଏ ଦେଇଛନ୍ତି ଯେ ଯଦି 'ଚାଟ୍‌ଜିପିଟି'ର ଉପଭୋକ୍ତାମାନଙ୍କ ଏତାଦୃଶ ଆଚରଣ ଜାରି ରୁହେ ଏବଂ ତାଙ୍କ ସଂସ୍ଥା ଏଥିପାଇଁ ବାରମ୍ବାର କ୍ଷତି ସହେ, ତେବେ ଏଇଟିକୁ ସେ ଆମମାନଙ୍କ ଆଣ୍ଡ୍ରଏଡ୍ ଫୋନ୍, ଲାପ୍‌ଟପ୍ କିମ୍ବା କମ୍ପ୍ୟୁଟରର ରଙ୍ଗମଞ୍ଚରୁ ହଟାଇ ନେବାକୁ ବାଧ୍ୟ ହେବେ। ଅର୍ଥାତ୍ - ମଣିଷ ଯଦି ତା'ର ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତଶୀଳତା, ଭଦ୍ରତା ବା ସୌ÷ଜନ୍ୟବୋଧ ଆଦି ସବୁଥିରେ ଅଙ୍କୁଶ ନ ଲଗାଏ, ଯଦି ତା'ର ଆଚରଣ, ଉଚ୍ଚାରଣରେ ପୂରାପୂରି ବ୍ୟବସାୟୀସୁଲଭ ସିଧା, ରୋକ୍‌ଠୋକ୍ ନହୁଏ, ତେବେ 'ଚାଟ୍‌ଜିପିଟି' କିମ୍ବା ସମଜାତୀୟ ଅନ୍ୟ କୃତ୍ରିମ ବୁଦ୍ଧିମତ୍ତା 'ଚମତ୍କାର' ସବୁର ଅକାଳମୃତ୍ୟୁ ଅବଶ୍ୟମ୍ଭାବୀ। ସତକଥା! କେଉଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ାଏ ନିହାତି ଅଦରକାରୀ କାର୍ଯ୍ୟରେ ଲଗାତର ଲାଗି ରହି ଅଯଥା ଖର୍ଚ୍ଚ କରିଚାଲିବ? ମୁନାଫା ଅର୍ଜନ କରି ଚାଲିବାର ଯେଉଁ ଅଘୋଷିତ ନୀତି ତା'ର ଅଛି, ସେଥିରୁ ତିଳେ ହେଲେ ବିଚ୍ୟୁତ ହୋଇପାରିବ? ସୁତରାଂ, ଶୀଳତା, ଭଦ୍ରତା ବା କୃତଜ୍ଞତାବୋଧ ବର୍ତ୍ତମାନର ଅତ୍ୟାଧୁନିକ ପାଣିପାଗରେ ସର୍ବାଦୌ ପରିତ୍ୟାଜ୍ୟ -ଏମିତି ଏକ ଆର୍ଷବାଣୀ ଶୁଣାଇ ଆମକୁ ହତଭମ୍ବ କରି ଦେଇଛନ୍ତି ପ୍ରଯୁକ୍ତିବିଦ୍ୟା ବିଶାରଦ ସାମ୍ ଅଲ୍‌ଟାମାନ୍।

ମାତ୍ର ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ କେତୋଟି ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବାର ବହୁ ସମ୍ଭାବନା ଅଛି - ଆମେ କ'ଣ ଏପରି ଗୋଟିଏ କାଳଖଣ୍ଡରେ ପ୍ରବେଶ କରିସାରିଲେଣି ଯେଉଁଠି ଆମକୁ ସମସ୍ତପ୍ରକାର କୋମଳ ମାନବିକ ଭାବାବେଗକୁ ବିସର୍ଜନ ଦେବାକୁ ହେବ? ଯେଉଁଠି ସୁନ୍ଦର, ଶୋଭନୀୟ ସବୁକିଛିକୁ ନିଷିଦ୍ଧ କରିଦେବାକୁ ହେବ? ସାମ୍ ଅଲ୍‌ଟାମାନଙ୍କ ପରି ଅତ୍ୟାଧୁନିକ ବିଜ୍ଞାନୀ, ବୁଦ୍ଧିଜୀବୀମାନେ ବୋଧହୁଏ ନିର୍ବିକାରରେ ଉତ୍ତର ଦେବେ, 'ହଁ -ଆଉ ନିରୋଳା ଭଦ୍ର, ସଂଯତ, ସମ୍ବେଦନଶୀଳ ମଣିଷଙ୍କର ଆବଶ୍ୟକତା ନାହିଁ ଏ ଏକବିଂଶ ଶତାବ୍ଦୀରେ। ଏଣିକି ମଣିଷମାନଙ୍କୁ ଯେହେତୁ କୃତ୍ରିମ ବୃଦ୍ଧିମତ୍ତାର ରୋବଟ୍‌ମାନଙ୍କ ସହିତ ସହାବସ୍ଥାନ କରିବାକୁ ହେବ, ସେମାନଙ୍କୁ ଗୋଟିଏ ଗୋଟିଏ ରୋବଟ୍ ହିଁ ହୋଇଯିବାକୁ ପଡ଼ିବ'। ମଣିଷକୁ ଭୁଲିଯିବାକୁ ହେବ ଯେ ସେ ରକ୍ତମାଂସଧାରୀ ଏକ ସଚେତନ ସତ୍ତା ନୁହେଁ, ସେ ଠିକ୍ ଚାଟ୍‌ଜିପିଟି ପରି ଯନ୍ତ୍ରାରୁଢ଼ କ୍ରିୟାଶୀଳ ଚେତନା ମାତ୍ର।



ସାମ୍ ଅଲ୍‌ଟାମାନଙ୍କ ଏ ବାରଣ, ଏ ଚେତାବନୀ ପରେ ହୁଏତ ଆମର ଏବେକାର ଅତି ସତର୍କ, ଅତି ଉଚ୍ଚାଭିଳାଷ ଆକ୍ରାନ୍ତ ମମି-ଡାଡିମାନେ ସେମାନଙ୍କର କୋମଳମତି ପିଲାମାନଙ୍କୁ ଆକଟ କରିଚାଲିବେ - 'ଶୁଣ ତମେମାନେ ଯଦି ଚାଟ୍‌ଜିପିଟିକୁ 'ହୋମୱାର୍କ' କରିଦେବାକୁ କହୁଛ, ତେବେ ସିଧାସିଧା ନିର୍ଦ୍ଦେଶ ଦେଇଦିଅ ଖୁବ୍ ସଂକ୍ଷେପରେ। ଜମା କେବେ କୁହନାହିଁ 'ଆଜ୍ଞା', 'ଧନ୍ୟବାଦ', 'ଦୟାକରି' ବା 'ହେଲୋ', 'ପ୍ଲିଜ୍' ପରି ଏମିତି ପୁରୁଣାକାଳିଆ କିଛି। ଭାବନ୍ତୁ! ତ ପିଲାଟି ଦିନରୁ ବାପାମା' ଗୁରୁଜନମାନଙ୍କଠାରୁ ଏପ୍ରକାର ନିଷେଧାତ୍ମକ ବାଣୀ ଶ୍ରବଣ କରି କରି ଆଗାମୀ ପିଢ଼ିର ହର୍ତ୍ତା, କର୍ତ୍ତା ହେବାକୁ ଯାଉଥିବା ଆମ ସନ୍ତାନମାନଙ୍କ କାର୍ଯ୍ୟକଳାପ, ଆଚରଣ ଉଚ୍ଚାରଣ ସବୁ କିପରି ହେବ? ଭଦ୍ରତା, ଶୀଳତା ପରି କୋମଳ ମାନବିକ ଗୁଣସବୁକୁ ସେମାନେ କି ଦୃଷ୍ଟିରେ ଦେଖିବେ?

ମଞ୍ଜି କଥାଟି ହେଉଛି -ଆମେ 'ଚାଟ୍‌ଜିପିଟି' ପରି ଗୋଟିଏ 'ବଟ୍'କୁ 'ଦୟାକରି' ବା 'ପ୍ଲିଜ' ବା 'ଧନ୍ୟବାଦ' ବୋଲି କହୁଛେ। କାରଣ ଆମେ ମଣିଷ, କୌଣସି ଯାନ୍ତ୍ରିକ ଚେତନା ସର୍ବସ୍ୱ ଯନ୍ତ୍ର ଆମେ ନୁହେଁ। ଆମେ ଏମିତି କହୁଛେ, କାରଣ ଏମିତି କହି ଦେଲେ ଆମ ଭିତରେ ଗୋଟେ ମିଠା, ମିଠା ଆବେଗର ମୃଦୁ ସଂଚରଣ ହୋଇଯାଉଥିବା ଆମେ ଅନୁଭବ କରୁଛେ। ଭଦ୍ରତା, ନମ୍ରକମ୍ର କୃତଜ୍ଞତାବୋଧ-ପ୍ରେରିତ ଆଚରଣ, ଉଚ୍ଚାରଣ ସବୁ ହେଉଛି ସାମାଜିକ ଶୋଭନୀୟତାର ଗୋଟିଏ ଗୋଟିଏ ଦିଗବାରଣୀ। ଆମର ସଂସ୍କାର, ରୁଚିବୋଧ, ଆମର ମାନବତାର ଉଜ୍ଜ୍ୱଳ ସ୍ୱାକ୍ଷର। ଆମେ 'ଚାଟ୍‌ଜିପିଟି'କୁ ଏମିତି ସମ୍ବୋଧନ କରି ଦେଉଛେ। ତା'ସହିତ ଏମିତି କଥୋପକଥନ ଆରମ୍ଭ କରି ଦେଉଛେ, କାରଣ ଆମର ପାରମ୍ପରିକ ସଂସ୍କାର ଆମକୁ ଦିନେ ଶିଖାଇଥିଲା ପ୍ରତିଟି ନିର୍ଜୀବ ବସ୍ତୁକୁ ଶ୍ରଦ୍ଧାଶୀଳ ଦୃଷ୍ଟିରେ ଦେଖିବା ପାଇଁ; ଆମର ପୋଥି, ଲେଖନୀଠାରୁ ଶିଳ-ଶିଳପୁଆ ପର୍ଯ୍ୟନ୍ତ ସବୁକିଛିକୁ ସମୟାନ୍ତରରେ ପୂଜା, ଅର୍ଚ୍ଚନା କରିବା ପାଇଁ। କେବେ ଯଦି ଆମର ପାଦ କେଉଁ ପଥର ବା ଲୌହଖଣ୍ଡଟିରେ ବାଜି ଯାଉଥିଲା, ଆମ ପାଟିରୁ ଆମ ଅଜାଣତରେ ବାହାରି ଆସୁଥିଲା 'ବିଷ୍ଣୁ, ବିଷ୍ଣୁ'। ଆମେ ଯଦି ଚାଟ୍‌ଜିପିଟିକୁ ଧନ୍ୟବାଦ ଜଣାଉଛୁ, ଆମେ ଏହା ତା'ର 'ଆଲ୍‌ଗୋରିଦିମ୍'କୁ ଜଣାଉନାହୁଁ - ଆମେ ଆମର ସ୍ୱତଃସ୍ଫୂର୍ତ୍ତ ମାନବତାକୁ କେବଳ ଯାହା ପୁନଃସଶକ୍ତ, ପୁନଃଜାଗରିତ କରି ଦେଉଛେ; ଆମ ଚେତନାର ଜାହ୍ନବୀଝର ମୁହଁରେ ଲାଖି ରହି ଯାଉଥିବା ଆବର୍ଜନାକୁ ଯାହା ଟିକିଏ ସଫା କରି ଦେଉଛେ।

ପରିଶେଷରେ ଏ ଲେଖକ ନିଶ୍ଚୟ କହିବ - ଆମମାନଙ୍କ ଭଦ୍ର ଆଚରଣ ଯୋଗୁଁ ଚାଟ୍‌ଜିପିଟିର ଯଦି ଆର୍ଥିକ କ୍ଷତି ହେଉଛି, ତେବେ ହେଉଥାଉ। ଆମେ ଜମା ଆଲ୍‌ଟାମାନଙ୍କ ବାରଣକୁ ମାନିବା ନାହିଁ। ଆମର ଭଦ୍ରତା, ଶୀଳତା, ସୌଜନ୍ୟ ଓ କୃତଜ୍ଞତାବୋଧ ରୂପକ ଫୁଲ ପାଖୁଡ଼ାଗୁଡ଼ିକ ସମୟେ ସମୟେ ବିଞ୍ଚିଚାଲିବା! ଆମେ ଯନ୍ତ୍ର ସହିତ ଯନ୍ତ୍ରଟିଏ ମାତ୍ର ହେବା ପାଇଁ ଚାହିଁବା ନାହିଁ। 'ଚାଟ୍‌ଜିପିଟି'କୁ ଜୀବନ୍ତ ସତ୍ତାଟିଏ ବୋଲି ଭାବିନେଇ ତା'ସହିତ ଏମିତି ଭଦ୍ର କଥୋପକଥନ, କ୍ରିୟାପ୍ରତିକ୍ରିୟା ଜାରି ରଖିବା ଏବଂ ଏମିତି କରି ଆମେ କ୍ରମଶଃ ହରାଇ ଚାଲିଥିବା ସଂସ୍କାରିତ, ରୁଚିସମ୍ମତ, ଶୋଭନୀୟ ଆଚରଣ ଏବଂ ସୌହାର୍ଦ୍ଦ୍ୟ, ଆନ୍ତରିକତା, ଶ୍ରଦ୍ଧାଶୀଳତା ପରି ଏକାଧାରରେ ମାନବିକ ତଥା ସ୍ୱର୍ଗୀୟ ଗୁଣସବୁର ସର୍ବକାଳୀନ ପ୍ରାସଙ୍ଗିକତା ଏବଂ ଆବଶ୍ୟକତା ସଂପର୍କରେ ଆପେ ସଚେତନ ହେବା ସହ ଏ ଦୁନିଆର ପ୍ରତ୍ୟେକ ମଣିଷକୁ ସଚେତନ କରାଇଚାଲିବା। ଅନ୍ୟ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି- ଶ୍ରଦ୍ଧାଶୀଳ ହେବା, ଭଦ୍ରସୁଶୀଳ ହେବା ଅର୍ଥ ଯେଉଁମାନେ ଆମକୁ ଯନ୍ତ୍ରମାନବରେ ପରିଣତ କରିଦେବା ପାଇଁ ଖଳଚକ୍ରାନ୍ତ କରିଚାଲିଛନ୍ତି, ସେମାନଙ୍କ ବିରୋଧରେ ବିଦ୍ରୋହ କରିବା। ସେଥିପାଇଁ ଆସନ୍ତୁ, 'ଚାଟ୍‌ଜିପିଟି' କିମ୍ବା ଅନ୍ୟସବୁ କୃତ୍ରିମବୁଦ୍ଧିମତ୍ତାର 'ବଟ୍' ମାନଙ୍କୁ ଆମେ ବାରମ୍ବାର 'ଆଜ୍ଞା', 'ଧନ୍ୟବାଦ', 'ହେଲୋ' ବା 'ପ୍ଲିଜ୍' କହିଚାଲିବା -ସାମ୍ ଆଲ୍‌ଟାମାନଙ୍କ ଏ ବିମର୍ଷକର ବାରଣ ସତ୍ତ୍ୱେ।

କୋଟିଆଁ ବାରଙ୍ଗ (ଜଗତସିଂହପୁର), ମୋ: ୯୮୫୩୩୫୫୧୦୭

# ଓଡ଼ିଶାର ବଜ୍ରପାତ ବିପତ୍ତି

**ଇଂ ମାୟାଧର ସ୍ୱାଇଁ**

ଗତ ୧୭ ତାରିଖରେ ବଜ୍ରପାତ ଯୋଗୁଁ ଓଡ଼ିଶାରେ ୧୪ ଜଣ ମୃତ୍ୟୁବରଣ କରିଛନ୍ତି। ବଜ୍ରପାତ ହେଉଛି ଓଡ଼ିଶା ପାଇଁ ଏକ ବଡ଼ ପ୍ରାକୃତିକ ବିପତ୍ତି। ଦେଶରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଏହା ଯୋଗୁଁ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଜଣାପଡ଼ିଛି ଯେ ଓଡ଼ିଶାରେ ବର୍ଷକୁ ହାରହାରି ୩୦୦ ବ୍ୟକ୍ତି ବଜ୍ରପାତରେ ପ୍ରାଣ ହରାଉଛନ୍ତି। ଗତ ପାଞ୍ଚ ବର୍ଷରେ ଓଡ଼ିଶାରେ ବଜ୍ରପାତ ଯୋଗୁଁ ୧୬୨୫ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଅଧିକାଂଶ ମୃତ୍ୟୁ ଖୋଲା ସ୍ଥାନରେ ହୋଇଛି। ବିଶେଷଭାବେ ଗାଁ ଗହଳିରେ କୃଷକମାନେ କ୍ଷେତରେ ଚାଷ କରୁଥିବା ବେଳେ, ଗାଈଆଳ ଗୋରୁ ଚରାଉଥିବା ବେଳେ କିମ୍ବା କେଉଟ ମାଛ ଧରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥା'ନ୍ତି।

ବଜ୍ରପାତ କିପରି ହେଉଛି ଆସନ୍ତୁ ଜାଣିବା। ବାୟୁ ଉତ୍ତପ୍ତ ହେଲେ ଉପରକୁ ଉଠିଥାଏ ଏବଂ ଏହା ଉପରକୁ ଯିବା ବେଳେ ଆକାଶରେ ଥିବା ଥଣ୍ଡା ବାୟୁ ସହିତ ସଂଘର୍ଷ ହୋଇଥାଏ। ଗରମ ବାୟୁରେ ଥିବା ଜଳବିନ୍ଦୁ ସହ ଥଣ୍ଡା ବାୟୁରେ ଥିବା ସ୍ଫଟିକର ସଂଘାତ ଯୋଗୁଁ ବାୟୁମଣ୍ଡଳରେ ସ୍ଥିର ବିଦ୍ୟୁତ ଚାର୍ଜ ସୃଷ୍ଟି ହୁଏ। ଫଳରେ ବାଦଲ୍‌ର ଉପରିଭାଗରେ ଧନାତ୍ମକ ଚାର୍ଜ ଓ ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଜମା ହୋଇ ରହେ ଏବଂ ଉଭୟ କ୍ଷେତ୍ର ମଧ୍ୟରେ ଏକ ବୈଦ୍ୟୁତିକ କ୍ଷେତ୍ର ସୃଷ୍ଟି ହୁଏ। ବାଦଲ୍‌ର ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଯୋଗୁଁ ଭୂପୃଷ୍ଠରେ ଧନାତ୍ମକ ଚାର୍ଜ ସୃଷ୍ଟି ହୁଏ। ବିପରୀତ ଚାର୍ଜ ପରସ୍ପରକୁ ଆକର୍ଷଣ କରନ୍ତି ଏବଂ ଫଳରେ ଦୁଇ ବିପରୀତ ଚାର୍ଜ ମିଶି ବଜ୍ରପାତ ସୃଷ୍ଟି ହୁଏ। ଏହା ବାଦଲରୁ ଭୂପୃଷ୍ଠକୁ ଯାଇଥାଏ। ବଜ୍ରପାତ ଯୋଗୁଁ ସୃଷ୍ଟି ହେଉଥିବା ଆଲୋକ ହେଉଛି ବିଜୁଳି ଏବଂ ଧ୍ୱନି ହେଉଛି ଘଡ଼ଘଡ଼ି। ବାସ୍ତବରେ ବଜ୍ରପାତ ସମୟରେ ତାପମାତ୍ରା ୩୦୦୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ସୃଷ୍ଟି ହୋଇଥାଏ। ବିଜୁଳି ଭୂପୃଷ୍ଠ ଆଡ଼କୁ ଆଲୋକ ବେଗରେ ଆସିଥାଏ ଏବଂ ଗନ୍ତବ୍ୟ ପଥରେ ବାୟୁ ପ୍ରସାରିତ ହୋଇଥାଏ। କିନ୍ତୁ ବିଜୁଳି ଅତି କମ୍‌ସମୟ ନେଇଥାଏ ଏବଂ ଏହାଫଳରେ ବାୟୁ ପୁନଶ୍ଚ ସଂକୁଚିତ ହୁଏ। ବାୟୁର ଏହି ପ୍ରସାରଣ, ତାପନ ଓ ସଂକୋଚନ ଯୋଗୁଁ ଘଡ଼ଘଡ଼ି ସୃଷ୍ଟି ହୋଇଥାଏ। ବିଜୁଳି ଓ ଘଡ଼ଘଡ଼ି ଏକା ସମୟରେ ସୃଷ୍ଟି ହେଉଥିଲେ ହେଁ ଆମେ ବିଜୁଳିକୁ ପ୍ରଥମେ ଦେଖୁ ଓ କିଛି ସମୟ ପରେ ଘଡ଼ଘଡ଼ି ଶୁଣୁ। କାରଣ ବିଜୁଳି ଆଲୋକ ବେଗରେ ଗତି କରିଥାଏ ଏବଂ ଆଲୋକର ବେଗ ଧ୍ୱନିର ବେଗଠାରୁ ଅନେକ ଗୁଣ ଅଧିକ।

ବଜ୍ରପାତ ପାଇଁ ଜଳକଣା ଓ ଉତ୍ତାପ ଆବଶ୍ୟକ ହେଉଥିବାରୁ ଏହା ସାଧାରଣତଃ ଖରାଦିନେ ଏବଂ ବିଶେଷ ଭାବରେ ଆର୍ଦ୍ର ଅଞ୍ଚଳରେ ଘଟିଥାଏ। ଏହା ପ୍ରାୟ ଅପରାହ୍ନ ଓ ସନ୍ଧ୍ୟା ସମୟରେ ହୋଇଥାଏ। ବଜ୍ରପାତ ହେଉଛି ଗୋଟିଏ ଅତ୍ୟୁଚ୍ଚ ଭୋଲ୍‌ଟେଜ୍‌ର ବିଦ୍ୟୁତ୍ ସ୍ଫୁଲିଙ୍ଗ। ଘରେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଭୋଲଟେଜ୍‌ର ଏହା ହେଉଛି ହଜାର ହଜାର ଗୁଣ ଅଧିକ। ଏଥିପାଇଁ ବଜ୍ରପାତ ଯେଉଁ ଘର କିମ୍ବା ଗଛ ଉପରେ ପଡ଼େ ତାହା ଜଳିଯାଏ ଏବଂ କୌଣସି ବ୍ୟକ୍ତି ସଂସ୍ପର୍ଶରେ ଏହା ଆସିଲେ ତତ୍କାଳ ମୃତ୍ୟୁ ହୋଇଥାଏ।

ପୃଥିବୀର ଉଷ୍ଣତା ବୃଦ୍ଧି ଯୋଗୁଁ ଗତ କିଛିବର୍ଷ ଧରି ବଜ୍ରପାତ ସଂଖ୍ୟା ବଢୁଛି। ଉଷ୍ଣତା ବୃଦ୍ଧି ହେତୁ ସମୁଦ୍ର ପୃଷ୍ଠରେ ତାପମାତ୍ରା ବୃଦ୍ଧି ହେଉଛି ଏବଂ ଉତ୍ତପ୍ତ ବାୟୁର ଜଳଧାରଣ କ୍ଷମତା ଅଧିକ ହେଉଥିବାରୁ ବାୟୁମଣ୍ଡଳରେ ଜଳକଣା ବୃଦ୍ଧି ପାଉଛି। ଆକଳନ କରାଯାଇଛି ଯେ ପୃଥିବୀର ଉଷ୍ଣତା ୧ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଲେ ବାୟୁର ୭ ପ୍ରତିଶତ ଅଧିକ ଜଳକଣା ଧାରଣ କରିବାର ଶକ୍ତି ବଢ଼ିଥାଏ। ଏହିପରି ବାୟୁମଣ୍ଡଳରେ ଉଭୟ ତାପମାତ୍ରା ଓ ଜଳକଣା ବୃଦ୍ଧି ଯୋଗୁଁ ଗତ କେତେବର୍ଷ ଧରି ବଜ୍ରପାତ ସଂଖ୍ୟା ବଢୁଛି। ବଜ୍ରପାତ ଯୋଗୁଁ ଧନଜୀବନ କ୍ଷତି ହୋଇଥାଏ। ଓଡ଼ିଶା ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ସତର୍କତା ଅବଲମ୍ବନ କଲେ ଏଥିରୁ ରକ୍ଷା ପାଇ ହେବ।

ପାଣିପାଗ ବିଭାଗ ବଜ୍ରପାତ ହେବାର ଅତିକମ୍‌ରେ ଗୋଟିଏ ଦିନ ପୂର୍ବରୁ ଜାଣିପାରିଥାଏ ଏବଂ ଏଥିପାଇଁ ସତର୍କ ସୂଚନା ଜାରି କରିଥାଏ। ଡପଲର ରେଡାର ନାମକ ଏକ ଯନ୍ତ୍ର ଦ୍ୱାରା ଏହା ଜାଣି ହୁଏ। ପାଣିପାଗ ବିଭାଗର 'ଦାମିନି' ଆପ୍ ବ୍ୟବହାର କରି ମଧ୍ୟ ବଜ୍ରପାତର ସୂଚନା ଜାଣିହୁଏ। ଏଣୁ ପ୍ରତ୍ୟେକ ବ୍ୟକ୍ତି ଏହି ପୂର୍ବସୂଚନା ଅନୁଯାୟୀ ବଜ୍ରପାତ ହେବାକୁ ଥିବା ଅଞ୍ଚଳ ଓ ସମୟରେ ଘରୁ ବାହାରିବା ଉଚିତ ନୁହେଁ। ଏହାବ୍ୟତୀତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସାଧାରଣ ସାବଧାନତା ଅବଲମ୍ବନ କରିବା ଉଚିତ। ଏହି ସମୟରେ ଗଛ ତଳେ ରହିବା ଅନୁଚିତ। ବଜ୍ରପାତ ସାଧାରଣତଃ ଡେଙ୍ଗା ଗଛ, ଉଚ୍ଚ କୋଠା ଆଦିରେ ଅଧିକ ହୋଇଥାଏ। ଏହାର ଅର୍ଥ ନୁହେଁ ଯେ ଖୋଲା ସ୍ଥାନରେ ଏହା ହୁଏ ନାହିଁ। ଏଣୁ ସର୍ବଦା ବଜ୍ରପାତ ସୂଚନା ଆଧାରରେ ବାହାରକୁ ବାହାରିବା ଆବଶ୍ୟକ।

ଉଚ୍ଚ କୋଠା ଓ ମନ୍ଦିରରେ ବଜ୍ରପାତରୁ ସୁରକ୍ଷା ପାଇଁ ତଡ଼ିତ ରକ୍ଷକ(ଲାଇଟିନିଂ ଆରେଷ୍ଟର) ଖଞ୍ଜା ଯାଇଥାଏ। କୋଠାର ଅଗ୍ରଭାଗରେ ଗୋଟିଏ ମୁନିଆ ଲୁହାଛଡ଼ ପୋତାଯାଇଥାଏ ଏବଂ ସେଥିରେ ଗୋଟିଏ ଲମ୍ବା ତାର ଲଗାଯାଇଥାଏ। ତାରକୁ ଭୂଇଁରେ ପୋତି ଦିଆଯାଏ। ବଜ୍ରପାତ ଭୂପୃଷ୍ଠ ଆଡ଼କୁ ଆସିବା ବେଳେ ପ୍ରଥମେ ତଡ଼ିତ ରକ୍ଷକ ପାଖରେ ପହଞ୍ଚିଥାଏ ଏବଂ ତାହା ବିଦ୍ୟୁତ୍‌କୁ ଭୂପୃଷ୍ଠକୁ ନେଇଯାଏ। ଫଳରେ ଆଖପାଖରେ ଥିବା ଘର କିମ୍ବା ଲୋକମାନଙ୍କର କିଛି କ୍ଷତି ହୁଏ ନାହିଁ।

ତାଳଗଛ ପ୍ରାକୃତିକ ତଡ଼ିତ ରକ୍ଷକର କାର୍ଯ୍ୟ କରେ। ଏହା ଆଖପାଖ ଅଞ୍ଚଳର ସବୁଠାରୁ ଉଚ୍ଚ ହୋଇଥିବାରୁ(ଏହା ପ୍ରାୟ ୧୦୦ ଫୁଟ୍ ପର୍ଯ୍ୟନ୍ତ ବଢ଼ିଥାଏ) ଏହାପାଖରେ ବଜ୍ରପାତ ପ୍ରଥମେ ପହଞ୍ଚିଥାଏ। ଏହାର ଗଣ୍ଡିରେ ଅଧିକ ଜଳାଂଶ ଥାଏ, ଯାହା ଫଳରେ ଏହାର ବିଦ୍ୟୁତ୍ ପ୍ରତିରୋଧ କମ୍ ହୋଇଥାଏ ଏବଂ ବିଦ୍ୟୁତ୍ ସହଜରେ ଭୂଇଁକୁ ଚାଲିଯାଏ। ଓଡ଼ିଶା ସରକାର ଗତବର୍ଷ ରାଜ୍ୟରେ ୧୯ ଲକ୍ଷ ତାଳଗଛ ଲଗାଇଛନ୍ତି। ବଜ୍ରପାତରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ସତର୍କତା ଅବଲମ୍ବନ ଏବଂ ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନାର ଅନୁପାଳନ।

(ସମ୍ପାଦକ, ସାଇନ୍‌ସ ହୋରିଜନ୍)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଶ୍ରୀକ୍ଷେତ୍ରେ ହନୁମାନ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ଶ୍ରୀକ୍ଷେତ୍ରରେ ମହାବଳୀ ହନୁମାନଙ୍କର ନବେ ମୂର୍ତ୍ତି ଶିଳା ବିଗ୍ରହ ଓ ଆଠ ମୂର୍ତ୍ତି ଚିତ୍ର ପ୍ରତିମା ଆରାଧିତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ବିଭିନ୍ନ ନାମ ଗ୍ରହଣ କରି ହନୁମାନଙ୍କ ବିଦ୍ୟମାନତାକୁ ନେଇ ଶ୍ରୀକ୍ଷେତ୍ରରେ ଅନେକ ଲୋକକଥା ଶୁଣିବାକୁ ମିଳେ।

ହନୁମାନ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ବିଭିନ୍ନ ଯାଗାରେ ବିରାଜମାନ କରି ନିଜେ ନେଇଛନ୍ତି। ଦିନେ ରାତିରେ ହନୁମାନ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଥିବା ବେଳେ ହଠାତ୍ ଦେଖିବାକୁ ପାଇଲେ ଯେ ମହାପ୍ରଭୁ ପହୁଡ଼ରୁ ଉଠି ଆସି ଭିତର ବେଢ଼ାରେ ପଦଚାରଣ କରୁଛନ୍ତି। ହନୁମାନ ଆଚମ୍ବିତ ହୋଇ ପ୍ରଭୁଙ୍କ ପାଖକୁ ଯାଇ ପ୍ରଣିପାତ କରି ଏହାର କାରଣ ପଚାରିଲେ। ମହାପ୍ରଭୁ କହିଲେ - 'ତୁମେ କ'ଣ କିଛି ଶୁଣି ପାରୁ ନ ହନୁମାନ? ରାତି ନିଃଶବ୍ଦ ହୋଇଗଲେ ସମୁଦ୍ରର ଗର୍ଜନ କି ଭୟଙ୍କର ଶୁଣାଯାଉଛି। ସେଥିରେ କ'ଣ କିଏ ଶାନ୍ତିରେ ଶୋଇପାରେ? ତେଣୁ ଉଠି ବାହାରକୁ ଚାଲିଆସିଲି।' ଏ କଥା ଶୁଣି ହନୁମାନ କାୟା ବିସ୍ତାର କରି ଗର୍ଜନର ଗତିରୋଧ କଲେ। ଫଳରେ ସମୁଦ୍ରର ଗର୍ଜନ ଆଉ ମନ୍ଦିରକୁ ଶୁଣାଗଲା ନାହିଁ। ଗର୍ଜନ ଶୁଭୁଛି କି ନାହିଁ କାନପାତି ରହି ଥିବାରୁ ତାଙ୍କୁ 'କାନପାତା ହନୁମାନ' କୁହାଯାଏ।

ଆଉ ଏକ ଲୋକକଥା ଅନୁସାରେ ଥରେ ଶ୍ରୀକ୍ଷେତ୍ର ଅଞ୍ଚଳରେ ପ୍ରବଳ ବାତ୍ୟାରେ ନୀଳଚକ୍ର ବଙ୍କା ହୋଇଗଲେ। ଗଜପତି ଲୋକ ଲଗେଇ ଯେତେ ଚେଷ୍ଟା କଲେ ମଧ୍ୟ ନୀଳଚକ୍ର ସିଧା କରିପାରିଲେ ନାହିଁ। ବକ୍ରାକୃତି ନୀଳଚକ୍ରରେ ପତାକା ଲଗାଇବା ଶାସ୍ତ୍ର ବିରୁଦ୍ଧ। ପତାକା ନ ଲାଗିଲେ ମହାପ୍ରଭୁଙ୍କ ନୀତି ହୋଇ ପାରିବ ନାହିଁ। ସେବକମାନେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ଏହି ସମୟରେ ଏକ ବିରାଟକାୟ ବାନର କେଉଁଆଡୁ ଆସି ମନ୍ଦିରରେ ପହଞ୍ଚିଲା। ମହାପ୍ରଭୁଙ୍କୁ ଦଣ୍ଡବତ କରି ମନ୍ଦିର ଚୂଡ଼ାକୁ ଚଢ଼ିଗଲା ଏବଂ ନୀଳଚକ୍ରକୁ ଧରି ସିଧା କରିଦେଲା। ତା' ପରେ ମନ୍ଦିର ଚୂଡ଼ାରୁ ଲମ୍ଫ ମାରି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା। ସେ ଯେଉଁଠାରୁ ଲମ୍ଫ ପ୍ରଦାନ କରିଥିଲା, ସେହିଠାରେ ଗଜପତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ସେହି ବିଗ୍ରହ ଆଜି ମଧ୍ୟ ମନ୍ଦିର ଚୂଡ଼ାରେ 'ଉଡ଼ନ୍ତା ହନୁମାନ' ନାମରେ ଆରାଧିତ ହେଉଛନ୍ତି।

ଲୋକମୁଖରେ ଶୁଣାଯାଏ ଯେ ଆଗକାଳରେ ବେଳେ ବେଳେ ସମୁଦ୍ର ଅଚାନକ ମାଡ଼ି ଆସି ସହରକୁ ଜଳ ପ୍ଲାବିତ କରିଦେଉଥିଲା। ଶ୍ରୀକ୍ଷେତ୍ରରେ ଥିବା ଋଷି ଅଙ୍ଗିରସଙ୍କ ଆଶ୍ରମ ସମୁଦ୍ର ଜଳରେ ବୁଡ଼ି ଯାଉଥିବାରୁ ତାଙ୍କ ତପସ୍ୟାରେ ବାଧା ସୃଷ୍ଟି ହେଉଥିଲା। ଏ ସମସ୍ୟାର ସମାଧାନ ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରଭୁ ସମୁଦ୍ରର ତରଙ୍ଗକୁ ରୋକିବା ପାଇଁ ହନୁମାନଙ୍କୁ ନିର୍ଦ୍ଦେଶ ଦେଲେ। ହନୁମାନ ଚକ୍ରତୀର୍ଥରେ ଦଣ୍ଡାୟମାନ ହୋଇ ସାଗର ତରଙ୍ଗର ନଗର ପ୍ରବେଶକୁ ବାରଣ କଲେ। ସମୁଦ୍ର କୂଳରେ ବିରାଜମାନ କରୁଥିବାରୁ ତାଙ୍କୁ 'ଦରିଆ ମହାବୀର' ମଧ୍ୟ କୁହାଯାଏ। ହନୁମାନ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କର ମହାନ ଭକ୍ତ। ତେଣୁ ବେଳେବେଳେ ସେ ଦର୍ଶନ ପାଇଁ ଶ୍ରୀମନ୍ଦିର ବା ଅଯୋଧ୍ୟାକୁ ଚାଲି ଯାଉଥିଲେ। ସେହି ସମୟରେ ମଉକା ଦେଖି ସମୁଦ୍ର ସହର ଆଡ଼କୁ ମାଡ଼ି ଆସୁଥିଲା। ଋଷି ଅଙ୍ଗିରସ ପୁଣି ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଏ କଥା ଜଣେଇଲେ। ମହାପ୍ରଭୁ ଋଷିଙ୍କୁ ରାମନାମ ଲେଖାଥିବା ଏକ ଶିକୁଳି ଦେଇ ହନୁମାନଙ୍କ ଗୋଡ଼ରେ ବେଡ଼ି ପକେଇ ଦେବା ପାଇଁ ଆଦେଶ ଦେଲେ। ତେଣୁ ହନୁମାନ ଶିକୁଳି ଛିଣ୍ଡେଇ ଯାଇପାରିଲେ ନାହିଁ। ସେ ସେହିଠାରେ ରହି ସହରକୁ ଜଳପ୍ଲାବନରୁ ରକ୍ଷା କଲେ। ତାଙ୍କ ପାଦରେ ବେଡ଼ି ବା ଶିକୁଳି ପଡ଼ି ଥିବାରୁ ତାଙ୍କର ନାମ 'ବେଡ଼ି ହନୁମାନ'। ନିଜେ ବନ୍ଧନରେ ପଡ଼ିଥିବାରୁ ବନ୍ଧନର ଦୁଃଖ ତାଙ୍କୁ ଭଲ ଭାବରେ ଜଣା। ତେଣୁ ଭକ୍ତମାନେ କାରାମୁକ୍ତି ପାଇଁ 'ବେଡ଼ି ହନୁମାନ'ଙ୍କୁ ପୂଜା କରନ୍ତି।

ଶ୍ରୀକ୍ଷେତ୍ରଠାରୁ ସାଢ଼େବାର କିଲୋମିଟର ଦୂର ଶିରୁଳିଠାରେ 'ଶିରୁଳି ମହାବୀର' ପୂଜା ପାଉଛନ୍ତି। ପୂର୍ବେ ସେ ଶ୍ରୀମନ୍ଦିର ପରିସରରେ ବିରାଜମାନ କରୁଥିଲେ। ସେ ରାତିରେ ଶୋଇବା ବେଳେ ପ୍ରଚଣ୍ଡ ଶବ୍ଦ କରି ଘୁଙ୍ଗୁଡ଼ି ମାରୁଥିଲେ। ତା' ଦ୍ୱାରା ମହାଲକ୍ଷ୍ମୀଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ଅଭିଯୋଗ ସେ ମହାପ୍ରଭୁଙ୍କ ପାଖରେ କଲେ। ତେଣୁ ଶ୍ରୀକ୍ଷେତ୍ରରୁ ଅପସରି ଯିବା ପାଇଁ ମହାପ୍ରଭୁ ହନୁମାନଙ୍କୁ ଆଦେଶ ଦେଲେ। ପ୍ରଭୁଙ୍କ ଆଦେଶରେ ହନୁମାନ ଅଢ଼େଇ ପାଦ ଘୁଞ୍ଚିଯାଇ ଶିରୁଳିରେ ଅବସ୍ଥାନ କଲେ। ହିସାବ କଲେ ହନୁମାନଙ୍କ ପାଦର ମାପ ପାଞ୍ଚ କିଲୋମିଟର ହେଲା(କ୍ରମଶଃ)।

ମୋ: ୯୯୦୦୮୩୪୩୩

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com


ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୩୦ ଲକ୍ଷ ଲାଞ୍ଚ: ୨ ପୁଲିସ ଅଧିକାରୀ ନିଲମ୍ବିତ



**ସମ୍ବଲପୁର,୨୦।୫(ସମିସ):** ସମ୍ବଲପୁରରେ ଜମି କେଲେଙ୍କାରୀ ଗୁମର ଧୀରେଧୀରେ ଫିଟିବାରେ ଲାଗିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ପୁଲିସ୍ ଅଧିକାରୀଙ୍କୁ ଡିଜି ଆଜି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଜଣେ ହେଲେ, ଇନ୍ସପେକ୍ଟର ରଞ୍ଜନ ବିଶ୍ୱାଳ ଓ ଏସଆଇ ଅଭିଷେକ ପ୍ରଧାନ। ଉଭୟ ଟାଉନ୍ ଥାନାରେ କାର୍ଯ୍ୟରତ ଥିବା ବେଳେ ଜମି କେଲେଙ୍କାରୀରେ ସମ୍ପୃକ୍ତ ରହିଥିଲେ। ଥାନାରେ ମାମଲା ପରେ ବିଲଡର୍‌ଙ୍କଠାରୁ ପ୍ରାୟ ୩୦ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସୂଚନାନୁସାରେ, ଏକ ଜମିକୁ ଜାଲିଆତି କରି ସମ୍ବଲପୁର ସବ୍-ରେଜିଷ୍ଟ୍ରାର୍ ଓ ବିଲଡର୍ ସମେତ କେତେଜଣ ଜମିକୁ ଅନ୍ୟତ୍ର ବିକ୍ରି କରିଥିଲେ। ଜମି ମାଲିକ ଏନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ପରେ ପୁଲିସ ଏହି ଘଟଣାରେ ତଦନ୍ତ କରି ପୂର୍ବରୁ ୬ଜଣଙ୍କୁ ଗିରଫ କରିଛି। ତତ୍କାଳୀନ ଟାଉନ୍ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ ଓ ଏସ୍‌ଆଇଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ଆଜି ଉଭୟଙ୍କୁ ନିଲମ୍ବନ କରାଯାଇଛି।

## ଅବସରପ୍ରାପ୍ତ ବିଡିଓଙ୍କୁ ୨ବର୍ଷ ଜେଲ୍

**କଟକ/ସୁନ୍ଦରଗଡ଼,୨୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ବ୍ଲକର ପ୍ରାକ୍ତନ (ଅବସରପ୍ରାପ୍ତ) ବିଡିଓ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇ ଦେଇଛନ୍ତି। ପ୍ରକାଶଥାଉକି ଶ୍ରୀ ମିଶ୍ର ଲେଫ୍ରିପଡ଼ା ବ୍ଲକ୍‌ର ବିଡିଓ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। କଟକ ଭିଜିଲାନ୍ସ ଡିଭିଜନ୍‌ର ପ୍ରାକ୍ତନ ଇନ୍ସପେକ୍ଟର୍ ଦିଲ୍ଲୀପ କୁମାର କର ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ବିଡିଓଙ୍କ ପେନସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

## ସରକାରଙ୍କ କରୋନା ସତର୍କତା

**ଭୁବନେଶ୍ୱର, ୨୦।୫(ସମିସ):** ସିଙ୍ଗାପୁର ଓ ହଂକଂରେ ବର୍ଦ୍ଧିଷ୍ଣୁ କୋଭିଡ଼୍ ସଂକ୍ରମଣକୁ ନେଇ ଏବେ ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତବର୍ଷ ଏହି ସମୟରେ କୋଭିଡ଼୍ ସଂକ୍ରମଣ ବଢ଼ିଥିଲେ ହେଁ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଥିଲା। ତେଣୁ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ଚିନ୍ତିତ ନ ହେବାକୁ ପରାମର୍ଶ ଦେବା ସହ ସତର୍କ ରହିବାକୁ କହିଛନ୍ତି। ସ୍ଥିତି ଉପରେ ଭାରତ ସରକାର କଡ଼ା ନଜର ରଖିଛନ୍ତି ଓ କୋଭିଡ୍ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଅଛି ବୋଲି ରାଜ୍ୟ ସରକାର କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ କେନ୍ଦ୍ର ସରକାର ଏ ସମ୍ପର୍କରେ କୌଣସି ମାର୍ଗଦର୍ଶିକା ଜାରି କରିନାହାନ୍ତି। ତଥାପି ଯେଉଁ ରୋଗୀମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରହିବା ଜରୁରୀ। ବିଶେଷ ଭାବରେ କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ମାସ୍କ ପିନ୍ଧନ୍ତୁ। ଏବେ ବ୍ୟାପୁଥିବା କୋଭିଡ୍ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ ସିକ୍ୱେନ୍‌ସ ପାଇଁ ପଠାଯିବ ବୋଲି ସେ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର କମଳଲୋଚନ ଶତପଥୀ କହିଛନ୍ତି, ଚଳିତବର୍ଷ ଚିହ୍ନଟ ହୋଇଥିବା ଭାରିଆଣ୍ଟରେ ଥଣ୍ଡା, ଛିଙ୍କ, କଫ ଓ ଗୋଡ଼ ହାତ ବିନ୍ଧା ହେଉଥିବା ଦେଖିବାକୁ ମିଳୁଛି। ଯେଉଁମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରୁହନ୍ତୁ। ଏହି ଭେରିଆଣ୍ଟରେ ସଂକ୍ରମଣ ହାର କମ୍ ରହିଛି। ମାତ୍ର ଆମେ ସତର୍କ ରହିବା ଜରୁରୀ ବୋଲି ସେ କହିଛନ୍ତି।

## ଅବଶିଷ୍ଟାଂଶ...

### ବୟସ ମାତ୍ର ୨୩...

ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ବିଷ୍ଣୁ ଶର୍ମା ବିବାହ କରିବାକୁ ରାଜି ହେବା ପରେ ଗତ ଏପ୍ରିଲ ୨୦ ତାରିଖରେ ଭୋପାଳସ୍ଥିତ ଏକ ସ୍ଥାନୀୟ କୋର୍ଟରେ ବିବାହ ସମ୍ପନ୍ନ ହୋଇଥିଲା ଏବଂ ଉକ୍ତ ଦୁଇ ଏଜେଣ୍ଟ ବିଷ୍ଣୁଙ୍କ ଠାରୁ ଦୁଇ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ବିବାହ ଏପ୍ରିଲ ୨୦ ତାରିଖରେ ହୋଇଥିଲା ବେଳେ ଏହାର ମାତ୍ର କିଛି ଦିନ ପରେ ମେ’ ୨ରେ ଅନୁରାଧା ବିଷ୍ଣୁଙ୍କ ବହୁ ମୂଲ୍ୟବାନ ସାମଗ୍ରୀ ଏବଂ ଟଙ୍କା ଧରି କେଉଁଆଡ଼େ ଫେରାର ହୋଇଯାଇଥଲେ। ଏହାପରେ ବିଷ୍ଣୁ ଶର୍ମା ଗତ ୩ ତାରିଖରେ ଅନୁରାଧାଙ୍କ ବିରୋଧରେ ଏତଲା ଦାଏର କରିବା ପରେ ମାଧୋପୁର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅନୁରାଧାଙ୍କୁ ଗିରଫ କରିଛି। ଏଥିସହିତ ଅନୁରାଧାଙ୍କୁ ସହଯୋଗ କରୁଥିବା ଏବଂ ଇ-ମେଲ, ହ୍ୱାଟସ୍‌ଆପ୍ ମାଧ୍ୟମରେ ବିବାହ ପ୍ରସ୍ତାବ ଦେଇ ଲୋକଙ୍କୁ ଫସାଉଥିବା ଅଭିଯୋଗରେ ଅନେକ ଏଜେଣ୍ଟଙ୍କୁ ଧରିବା ଲାଗି ମଧ୍ୟ ଉଦ୍ୟମ ଆରମ୍ଭ କରିଛି। ଉତ୍ତରପ୍ରଦେଶ ମହାରାଜାଗଞ୍ଜସ୍ଥିତ ଏକ ହସ୍ପିଟାଲରେ ପୂର୍ବରୁ ଚାକିରି କରୁଥିବା ଅନୁରାଧା ଘରୋଇ କଳିକୁ ନେଇ ଭୋପାଳ ପଳାଇ ଆସିବା ପରେ ଏଭଳି କାର୍ଯ୍ୟରେ ଲିପ୍ତ ରହିଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି।

### ଆଗୁଆ କେରଳ...

ଛୁଇଁଯାଇପାରେ ବୋଲି ଆକଳନ କରାଯାଉଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ଏହି କ୍ରମରେ ବୁଧବାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ ୩୦-୪୦ କିମି ରହିବାର ଆଶଙ୍କା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ସ୍ଥିତି ନେଇ ଆକଳନ କରାଯାଇଛି।

### ଓଡ଼ିଶା ସର୍ବାଧିକ...

ରାତି ଉଷ୍ମ ରାତି ବୃଦ୍ଧି ପାଇଛି। ଏହି ସମସ୍ୟା ବିଶେଷକରି ବୃଦ୍ଧ, ବାହାରେ କାମ କରୁଥିବା ଶ୍ରମିକ, ପିଲା ଏବଂ ଉଚ୍ଚରକ୍ତଚାପ ଓ ମଧୁମେହ ଭଳି ରୋଗରେ ପୀଡିତ ଲୋକଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟଗତ ପ୍ରଭାବ ପକାଉଛି।

ମହାରାଷ୍ଟ୍ର, ଓଡ଼ିଶା, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ସ୍ଥାନୀୟ ଯୋଜନାରେ ଜଳବାୟୁ ଏବଂ ସ୍ୱାସ୍ଥ୍ୟ ତଥ୍ୟକୁ ଏକୀକୃତ କରି ପୂର୍ବରୁ ଅଗ୍ରଣୀ ପଦକ୍ଷେପ ନେଉଛନ୍ତି। ଏବେ ଜିଲ୍ଲାସ୍ତରୀୟ ବିପଦ ମୂଲ୍ୟାଙ୍କନ ବ୍ୟବହାର କରି ଏଭଳି ବିପଦର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଭାରତୀୟ ସହର ଏବଂ ଜିଲ୍ଲାଗୁଡ଼ିକରେ ଜଳବାୟୁ ଅନିୟମିତତା ଦେଇ ଗତି କରୁଥିବାରୁ, ଉତ୍ତାପ-ପ୍ରତିରୋଧୀ ଯୋଜନା ଏବଂ ଏ ସମ୍ପର୍କିତ ପଦକ୍ଷେପର ଆବଶ୍ୟକତା ବଢ଼ିଯାଇଛି। ଚଳିତ ସପ୍ତାହରେ, ଦକ୍ଷିଣ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଂଶରେ ବର୍ଷା ସତର୍କତା ଦେଖାଯାଇଥିବା ବେଳେ, ଭାରତ ପାଣିପାଗ ବିଭାଗ ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ହିଟ୍‌ୱେଭ୍ ଆଲର୍ଟ ଜାରି ହୋଇଛି।

### ଆଜି ବାହାରିବ...

ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ବାହାରିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ବର୍ଗରେ ମୋଟ୍ ୩ଲକ୍ଷ ୯୩ ହଜାର ୬୧୮ ପିଲା ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୧୪ହଜାର ୯୮୦, ବାଣିଜ୍ୟରେ ୨୫ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଜଣ ପିଲା ରହିଛନ୍ତି। ସୂଚନାଯୋଗ୍ୟ, ଚଳିତଥର ୪୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କପି କରି ଧରାପଡ଼ିଥିଲେ। ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତଙ୍କୁ କାଉନସେଲିଂ କରିବା ପରେ ତନ୍ମଧ୍ୟରୁ ୩୭୨ଜଣ କପି କରି ନଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ। ଅବଶିଷ୍ଟ ୫୭ ଜଣ କପି କରିଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଆସନ୍ତାବର୍ଷ ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

### ୩ ବର୍ଷର ଆଇନଜୀବୀ...

ସେବାରେ ଯୋଗ ଦେବା ପୂର୍ବରୁ ଅତି କମ୍‌ରେ ତିନି ବର୍ଷର ଆଇନଜୀବୀ ଅଭିଜ୍ଞତା ହାସଲ କରିବାକୁ ପଡ଼ିବ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

କୋର୍ଟ ବ୍ୟବସ୍ଥାକୁ ନେଇ ଜଣଙ୍କୁ ଦକ୍ଷତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ପୁସ୍ତକ ଆଧାରିତ ଜ୍ଞାନ କିମ୍ବା ନିଯୁକ୍ତି ପୂର୍ବ ପ୍ରଶିକ୍ଷଣ ପର୍ଯ୍ୟାପ୍ତ ହେବ ନାହିଁ। ଏଥିପାଇଁ ଆଇନ ଅଭ୍ୟାସକୁ ନେଇ ତିନି ବର୍ଷର ଅଭିଜ୍ଞତା ଜରୁରୀ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଜୁନିଅର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତି ଉପରେ ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି। ଆଇନରେ ସ୍ନାତକ ହାସଲ କରିବା ପରେ ଜଣେ ତିନି ବର୍ଷ ପାଇଁ ଆଇନଜୀବୀ ଭାବେ କାର୍ଯ୍ୟ କରିବା ପରେ ନ୍ୟାୟିକ ସେବା ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାଛଡ଼ା ଆଇନ ସ୍ନାତକଙ୍କ ସିଧାସଳଖ ନିଯୁକ୍ତି ନିୟମକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି।

ଅନ୍ୟପକ୍ଷରେ ସିନିୟର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତିରେ ଜୁନିଅର ସିଭିଲ ଜଜଙ୍କ ପାଇଁ ୨୫ ପ୍ରତିଶତ ବିଭାଗୀୟ ସଂରକ୍ଷଣ ବ୍ୟବସ୍ଥା ରହିଛି ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଗଭାଇ କହିଛନ୍ତି। ନାମାଙ୍କନ ତାରିଖରୁ ତିନି ବର୍ଷର ଅବଧିକୁ ବିଚାର କରାଯାଇପାରିବ। ତେବେ ଏହି ସର୍ତ୍ତ ସେହି ପରୀକ୍ଷାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବନାହିଁ, ଯେଉଁମାନଙ୍କର ପ୍ରକ୍ରିୟା ହାଇକୋର୍ଟ ଦ୍ୱାରା ଆରମ୍ଭ ହୋଇଛି। ସେହିଭଳି ବର୍ତ୍ତମାନ ପରୀକ୍ଷାରେ ଯୋଗ ଦେଉଥିବା ପ୍ରାର୍ଥୀଙ୍କ ଲାଗି ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ପ୍ରଯୁଜ୍ୟ ହେବନାହିଁ। କିନ୍ତୁ ଆଗାମୀ ପରୀକ୍ଷାରେ ପ୍ରାର୍ଥୀମାନଙ୍କୁ ଏହି ସର୍ତ୍ତ ପୂରଣ କରିବାକୁ ପଡିବ ବୋଲି କୁହାଯାଇଛି।

### ପୁରୀ ଭକ୍ତ ନିବାସରେ...

ପ୍ରିୟଙ୍କା ଓ ଜ୍ୟୋତି ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଓ ୟୁ-ଟ୍ୟୁବ୍‌ରେ ସେ ସବୁ ଅପ୍‌ଲୋଡ୍ କରିଥିଲେ। ଅନ୍ୟପକ୍ଷରେ, ପ୍ରିୟଙ୍କାଙ୍କ ଏକ ନୂଆ ଭିଡିଓ ଏବେ ଭାଇରାଲ୍ ହେଉଛି। ସେ ବନ୍ଦେ ଭାରତ ଟ୍ରେନ୍ ପାଇଲଟ୍‌ଙ୍କ କ୍ୟାବିନ୍‌ରେ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି।

ଏସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ପ୍ରିୟଙ୍କା ସହ ଜ୍ୟୋତିଙ୍କ ଲିଙ୍କ୍ ଘଟଣାରେ ଚତୁର୍ଥ ଦିନରେ ତଦନ୍ତ ଜାରି ରହିଛି। ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ତଦନ୍ତରେ ପ୍ରିୟଙ୍କା ଓ ତାଙ୍କ ପରିବାର ସହଯୋଗ କରୁଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ରାଜ୍ୟ ଗୁଇନ୍ଦା ବିଭାଗ ଓ ହରିଆଣା ହିସାର୍ ପୁଲିସକୁ ସବୁପ୍ରକାର ସହଯୋଗ କରୁଛି ଜିଲ୍ଲା ପୁଲିସ୍। ତାଙ୍କର ସୋସିଆଲ ମିଡିଆ ଆକାଉଣ୍ଟ, କ’ଣ କ’ଣ ପୋଷ୍ଟ କରିଥିଲେ, କ’ଣ ଡିଲିଟ୍ କରିଛନ୍ତି, ତାଙ୍କର କଲ୍ ଡିଟେଲ୍ସ ରେକର୍ଡ(ସିଡିଆର୍), ବ୍ୟାଙ୍କ୍ ଆକାଉଣ୍ଟ ସବୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ପ୍ରିୟଙ୍କା ଏବେ ପୁରୀରେ ଅଛନ୍ତି। ପ୍ରିୟଙ୍କା ଓ ଜ୍ୟୋତି ପୁରୀର କେଉଁ କେଉଁ ସ୍ଥାନକୁ ଯାଇଥିଲେ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛି ବୋଲି ଏସ୍‌ପି ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି। ତେବେ ପୁରୀ ଜିଲ୍ଲା ପୁଲିସ୍ ପ୍ରଶାସନ ନୁହେଁ, ବରଂ ଏନ୍‌ଆଇଏ ତଦନ୍ତ ଦ୍ୱାରା ହିଁ ସଠିକ୍ ତଦନ୍ତ ହୋଇ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି।


**OFFICE OF THE MUNICIPAL COUNCIL: KHORDHA** C-361

H&UD Department, Govt. Of Odisha

Khordha – 752055

No. 1646 / Date 17.05.2025

***QUOTATION CALL NOTICE***

Sealed quotations are invited from reputed registered Firms/ Suppliers/ Agencies for supply of different items with execution of networking system (LAN connection) in respect of all sections under Khordha Municipality for smooth implementation of "OSWAS" as per the detailed specification mentioned.

All quotation should be accompanied with any ID Proof i.e. Aadhaar/ Voter ID Card/ PAN Card and GST Registration Certificate etc. The quotationer should quote their rate of the price both in figure and words. All quotations will be received in specific Quotation Box kept in the Office of the undersigned from **date 20.05.2025 at 10:00 AM to date 29.05.2025 up to 10:00 AM** except Sunday & Holidays and will be **opened on** same date i.e. **29.05.2025 at 11:00 AM** in presence of quotationer or their authorized agents in the Municipal Office. The quotationer should be quoted the rate including all taxes. The bidder shall submit the Annexure-I and Annexure-II documents in a sealed cover. The top of the cover should be written as **"Supply of different items with** execution of networking **system (LAN connection) of all** sections **of KHORDHA** MUNICIPALITY". The bid document can **also be** downloaded **from the official website of Khordha** Municipality i.e. www.khordhamunicipality.in and www.khordha.nic.in (District Portal).

| Sl No. | Name of Items/ Specifications | Unit (No.) | Rate Quoted (Rs.) | Rate Quoted (Words) |
|---|---|---|---|---|
| 1 | 24 port unmanaged switch | 1 | | |
| 2 | 24 port patch Pannel | 1 | | |
| 3 | 4U rack with fan and PDU | 1 | | |
| 4 | Laying of Cat6 UTP Cable | 1 | | |
| 5 | fixing of I/O box | 1 | | |
| 6 | 1 mtr Patch Card | 1 | | |
| 7 | 2 mtr Patch Card | 1 | | |
| 8 | 20 mm Pipe | 1 | | |
| 9 | All Total Service Charge for 30 points of LAN connection and cable laying service charge | 1 | | |

SUPPLY ORDER WILL BE GIVEN TO THE SUCCESSFUL QUOTATIONER.

The rate quoted should be valid for minimum one year from the date of acceptance of offer. The selected agency will completed the work within 7 days of receipt of this order. No conditional or incomplete quotation will be accepted.

The authority shall have the right to accept or reject all the quotations without assigning any reason thereof.

Document to be submitted by the bidders with Prescribed Performa:-

1. Submit the copies of valid GST Registration Certificate of the agency.
2. Submit the copies of valid PAN Card.
3. Submit refundable EMD of Rs 2,000/- (Two Thousand) only and document cost / paper cost of Rs. 600/- (Rupees Six Hundred) only in shape of BD/DD/MR from any Nationalized Bank in favour of Executive Khordha Municipality.
4. Submit undertaking for 1 year maintenance of networking system.

Executive Officer
Khordha Municipality

OIPR-13082/11/0019/2526


## ପୁଞ୍ଜି ବଜାରରେ ବୁଡ଼ିଗଲା ଟଙ୍କା

# ଟ୍ରେଡର୍‌ଙ୍କୁ ଅପହରଣ

**କଟକ, ୨୦।୫ (ସମିସ):** ଷ୍ଟକ୍ ମାର୍କେଟରେ ନିବେଶ ଅର୍ଥ ଫେରି ନପାଇବାରୁ ଟ୍ରେଡର୍‌ଙ୍କୁ ଅପହରଣ। ଏହି ଘଟଣାରେ ଆଜି ୪୨ମୌଜା ଥାନା ପୁଲିସ ୬ଜଣଙ୍କୁ ଗିରଫ କରିଛି। ଏଥିସହ ଅପହୃତ ଯୁବକ ମଧ୍ୟ ଉଦ୍ଧାର ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ, କେନ୍ଦ୍ରାପଡ଼ା ଟାଉନ୍ ଥାନା ବଡ଼ହାଟ ଗାଁର ରାଜୁ ଓରଫ୍ ରାଜେଶ ଦାଶ(୨୯), କୋର ଗାଁର ଏମ୍‌ପି ଓରଫ୍ ଦିବ୍ୟଜ୍ୟୋତି ମଲ୍ଲିକ(୨୭), ଜମ୍ମୁ ଗାଁର ବୁଦ୍ଧଦେବ ବାସୁ(୧୯), ଚୌରୀ ବ୍ରହ୍ମପୁରର ରାଜା ନାୟକ(୨୧), ବାବୁ ଓରଫ ପ୍ରଶାନ୍ତ ନାୟକ(୧୯) ଓ ରଞ୍ଜିତ ନାୟକ(୨୨)। ଏମାନଙ୍କ ପାଖରୁ ଗୋଟିଏ କାର୍, ୨ଟି ବୁଲେଟ୍ ଓ ୨ଟି ବାଇକ୍ ଜବତ ହୋଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଇଛି।

ଘଟଣାରୁ ପ୍ରକାଶ, ଭୁବନେଶ୍ୱର ବିଜେବିନଗରର ରୀନା ବେହେରା ୪୨ମୌଜା ବଉଳକୁଦ ଅଞ୍ଚଳରେ ରହୁଛନ୍ତି। ଗତ ୧୮ ତାରିଖ ସନ୍ଧ୍ୟା ସମୟରେ ହଠାତ୍ ୨୦ରୁ ୩୦ ଯୁବକ ତାଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ପୁଅ ରଞ୍ଜନ (୩୧)କୁ ବଳପୂର୍ବକ ଏକ କାରରେ ବସାଇ ଅପହରଣ କରିନେଇଥିଲେ। ସେହିଦିନ ୪୨ମୌଜା ଥାନାରେ ଏ ସଂକ୍ରାନ୍ତରେ ଏତଲା ହୋଇଥିଲା। ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ତଦନ୍ତରୁ ଜଣାପଡ଼ିଥିଲା ଯେ ଅପହୃତ ରଞ୍ଜନ ଅନଲାଇନ ଟ୍ରେଡ଼ିଂ କାରବାର କରୁଥିଲେ। ଭୁବନେଶ୍ୱର ଖାରବେଳନଗରରେ ତାଙ୍କର ଅଫିସ ଥିଲା। ବଜାରରୁ ପୁଞ୍ଜି ଆଣି ସେୟାର ମାର୍କେଟରେ ନିବେଶ କରାଇ ପୁଣି ଫେରସ୍ତ କରୁଥିଲେ ରଞ୍ଜନ। କମ ଦିନରେ ମୂଳ ନିବେଶର ଦୁଇ ଗୁଣା ଫେରସ୍ତ ମିଳିବାର ପ୍ରତିଶ୍ରୁତି ମଧ୍ୟ ଦେଉଥିଲେ। ତାଙ୍କ ସଂସ୍ଥା ମାଧ୍ୟମରେ ସେୟାର ବଜାରରେ ପୁଞ୍ଜିନିବେଶ ପାଇଁ ରଞ୍ଜନ ପ୍ରବର୍ତ୍ତାଉଥିଲେ। ବହୁ ଲୋକ ବି ତାଙ୍କ ସଂସ୍ଥାରେ ଅର୍ଥ ନିବେଶ କରିଥିଲେ। ୨୦୧୯ରୁ ୨୦୨୨ ମସିହା ଯାଏ ସବୁ ଠିକଠାକ ଚାଲିଥିଲା। ପରେ ହଠାତ ସେୟାର ବଜାରରେ ଅସ୍ଥିରତା ସୃଷ୍ଟି ହୋଇଥିଲା। ପର୍ଯ୍ୟାୟକ୍ରମେ ନିବେଶକଙ୍କ ସମସ୍ତ ଅର୍ଥ ବୁଡି ଯାଇଥିଲା। ଏଥିଯୋଗୁଁ ରଞ୍ଜନଙ୍କ ଆକାଉଣ୍ଟ ମଧ୍ୟ ଖାଲି ହୋଇଯାଇଥିଲା। ଲାଭ ତ ଦୂରର କଥା, ମୂଳ ଅର୍ଥ ବି ଫେରସ୍ତ କରିନପାରିବାରୁ ରଞ୍ଜନ ସଂସ୍ଥା ବନ୍ଦ କରି ୪୨ ମୌଜା ପଳାଇ ଆସିଥିଲେ।

ସେୟାର ବଜାରରେ ଅର୍ଥ ନିବେଶ ପାଇଁ ଅଭିଯୁକ୍ତ ରାଜୁ ଓ ତା ସାଙ୍ଗ ଏମପି ପ୍ରାୟ ୭୦ଲକ୍ଷ ଟଙ୍କା ରଞ୍ଜନଙ୍କୁ ଦେଇଥିଲେ। କେନ୍ଦ୍ରାପଡ଼ା ଟାଉନରେ ରାଜୁ ଗୋଟିଏ ଜିମ ଖୋଲିବା ସହ ସେଠାରେ ଟ୍ରେନର ଭାବେ କାର୍ଯ୍ୟ କରୁଛି। ସେ ବହୁବାର ରଞ୍ଜନଙ୍କୁ ଟଙ୍କା ମାଗି ନିରାଶ ହୋଇଥିଲା। ଶେଷରେ ରଞ୍ଜନଙ୍କୁ ଅପହରଣ କରି ଟଙ୍କା ଆଦାୟ କରିବାକୁ ଏମପି ସହିତ ମିଶି ଷଡଯନ୍ତ୍ର ରଚିଥିଲା। ଏଥିରେ ଜିମ୍‌ର କିଛି ଯୁବକ ତାଙ୍କୁ ସହଯୋଗ କରିଥିଲେ। ଘଟଣା ଦିନ ସେମାନେ ଭୁବନେଶ୍ୱରରୁ ଏକ କାର(ଓଡି-୩୩-ଏଜି-୮୦୫୧) ଆଣି ୪୨ମୌଜାରୁ ରଞ୍ଜନଙ୍କୁ ଅପହରଣ କରିନେଇଥିଲେ। ସିସିଟିଭି ଫୁଟେଜ ଓ ବୈଷୟିକ ତଥ୍ୟ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା। କେନ୍ଦ୍ରାପଡ଼ା ଟାଉନ୍ ଥାନା ସହାୟତାରେ କଟକ ପୁଲିସ ସେଠାକାର ବଡହାଟ ଅଞ୍ଚଳର ଏକ ପରିତ୍ୟକ୍ତ ଘରୁ ରଞ୍ଜନଙ୍କୁ ଉଦ୍ଧାର କରିଥିଲା। ରାଜୁ ସହିତ ତାର ୬ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଜଣେ ନାବାଳକ ମଧ୍ୟ ଧରାପଡିଛି। ଘଟଣାର ୧୨ ଘଣ୍ଟା ଭିତରେ ପୁଲିସ ଅପହୃତଙ୍କୁ ଉଦ୍ଧାର ସହ ଅପହରଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଟିମରେ ଇନ୍ସପେକ୍ଟର ଗିରିଶ ମହାରଣା, ଏସଆଇ ସୁନୀଲ ଯାଦବ, ଏସଆଇ ପିକେ ସାସମଲଙ୍କ ସମେତ ସାଇବର ଥାନା ପୁଲିସ ସାମିଲ ଥିଲେ।



- କେନ୍ଦ୍ରପଡ଼ାରୁ ଉଦ୍ଧାର କଲା ପୁଲିସ୍
- ଜିମ୍ ମାଲିକଙ୍କ ସମେତ ୬ଜଣ ଗିରଫ


**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 20-05-2025. I Ichabati Gouda, residing At: Batakari Po: Nuakote Ps: Papadahandi Dist: Nabarangpur, declare that I have changed my name from Hiradi Goud to Ichabati Gouda. Henceforth I shall be known as a **Ichabati Gouda** for all purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

**Contact**

**GADHWAL GROUP**

**M.: 9437015112**

**NOTICE**

By virtue of an affidavit sworn before Sri R. K. Behera, Notary, Udala, Mayurbhanj, dated 19th May 2025, I Gandha Majhi, Address S/O- Kanka Majhi, At- Nabakisorpur, PO- Silaghati, PS.- Khunta, Dist- Mayurbhanj, Pin- 757019 declare that I have changed my name from Gandha Majhi Alies sakila Hembram to Gandha Majhi . Henceforth I shall be known as Gandha Majhi for all purposes.

Sd/- Gandha Majhi

**LOST**

ମୁଁ ପୂଜା ମହାନ୍ତି, ଗତ ୧୨.୦୫.୨୦୨୫ ରେ ମୁଁ ସମସ୍ତ ପ୍ରମାଣ ପତ୍ର xerox କରିବା ପାଇଁ ମୋ ଘର ପାଖ ମହାନଦୀ ବିହାରରେ ଏକ ଦୋକାନ କୁ ଯାଇ ଥିଲି, ସେଠାରୁ କରାଇ ଏକ ଫାଇଲ ରେ ରଖି ବ୍ୟାଗ ରେ ରଖିଲି କିନ୍ତୁ ଘରେ ପହଞ୍ଚି ଦେଖିଲି ବ୍ୟାଗ ଟି ଫାଟି ଯାଇଛି ଓ ଫାଇଲ ଟି କେଉଁଠି ପଡିଯାଇଛି, ମୁଁ ତୁରନ୍ତ ଯାଇ ସବୁ ଜାଗା ଖୋଜିଲି ହେଲେ ମିଳିଲା ନାହିଁ, ସେଥିରେ ମୋର 1.ଜନ୍ମ ପ୍ରମାଣ ପତ୍ର 2.ଦଶମ ଶ୍ରେଣୀ ପ୍ରମାଣ ପତ୍ର 3. ଡିପ୍ଲୋମା ( diploma ) ପ୍ରମାଣପତ୍ର 4.B.Tech ପ୍ରମାଣପତ୍ର 5.5ଟି ସଙ୍ଗୀତ ଶିକ୍ଷା ପ୍ରମାଣ ପତ୍ର ଥିଲା ତେଣୁ ବିନୀତ ଅନୁରୋଧ ଯଦି କେହି ସହୃଦୟ ବ୍ୟକ୍ତି ଫାଇଲ ଟିକୁ ପାଇଥିବେ ତେବେ ମତେ ନିମ୍ନୋକ୍ତ ନମ୍ବର ରେ ଫୋନ କରି ଫେରାଇଦେବାକୁ ଅନୁରୋଧ।

ଫୋନ - ୯୫୫୬୭୫୬୨୪୫

**LOST**

ମୁଁ ପୂଜା ମହାନ୍ତି, ଗତ ୧୨.୦୫.୨୦୨୫ ରେ ମୁଁ ସମସ୍ତ ପ୍ରମାଣ ପତ୍ର xerox କରିବା ପାଇଁ ମୋ ଘର ପାଖ ମହାନଦୀ ବିହାରରେ ଏକ ଦୋକାନ କୁ ଯାଇ ଥିଲି, ସେଠାରୁ କରାଇ ଏକ ଫାଇଲ ରେ ରଖି ବ୍ୟାଗ ରେ ରଖିଲି କିନ୍ତୁ ଘରେ ପହଞ୍ଚି ଦେଖିଲି ବ୍ୟାଗ ଟି ଫାଟି ଯାଇଛି ଓ ଫାଇଲ ଟି କେଉଁଠି ପଡିଯାଇଛି, ମୁଁ ତୁରନ୍ତ ଯାଇ ସବୁ ଜାଗା ଖୋଜିଲି ହେଲେ ମିଳିଲା ନାହିଁ, ସେଥିରେ ମୋର 1.ଜନ୍ମ ପ୍ରମାଣ ପତ୍ର 2.ଦଶମ ଶ୍ରେଣୀ ପ୍ରମାଣ ପତ୍ର 3. ଡିପ୍ଲୋମା (diploma) ପ୍ରମାଣପତ୍ର 4.B.Tech ପ୍ରମାଣପତ୍ର 5.5 ଟି ସଙ୍ଗୀତ ଶିକ୍ଷା ପ୍ରମାଣ ପତ୍ର ଥିଲା ତେଣୁ ବିନୀତ ଅନୁରୋଧ ଯଦି କେହି ସହୃଦୟ ବ୍ୟକ୍ତି ଫାଇଲ ଟିକୁ ପାଇଥିବେ ତେବେ ମତେ ନିମ୍ନୋକ୍ତ ନମ୍ବର ରେ ଫୋନ କରି ଫେରାଇଦେବାକୁ ଅନୁରୋଧ।

ଫୋନ୍ - ୯୫୫୬୭୫୬୨୪୫

**AFFIDAVIT**

I, Priti Gupta, aged about 45 years, W/o- Vinay Gupta, resident of Flat No- 201, Plot No- 7, Sudarshan Towers, Sahid Nagar, Bhubaneswar Urban, Pin- 751007 Odisha declared by this affidavit No. 1049, dtd. 19/05/2025, that now onwards I shall be known as **PREETI GUPTA** for all future purposes.

**AFFIDAVIT**

I, Tanushree Peddamadula, D/O- P Ram Prasad, resident of Duplex No- 67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 549, dated- 19/05/2025 that now onwards I shall be known as **P TANUSHREE** for all future purposes.

**AFFIDAVIT**

Already published earlier dated 11/01/2021 In the Dharitri Newspaper. For the demand of Government & semi Government Organisation or to whom it may concern. By virtue of an affidavit sworn before The Executive Magistrate, Bhubaneswar. Dated- 11/01/2021 I, **Jita Pasayat,** D/o Satya Narayan Pasayat, Address: At- Batimira, (Ranipada) Ps/Dist- Jagatsinghpur, Pin- 754111, Odisha declare that I have changed my name from **JITA MOHANTY To JITA PASAYAT.** Henceforth, **JITA MOHANTY** shall be known as **JITA PASAYAT** for all future purposes and in all the documents.

**(JITA PASAYAT)**

**AFFIDAVIT**

I, Ram Prasad Peddamadula, H/o- P Gouri, resident of Duplex No-67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 458, dated- 19/05/2025 that now onwards I shall be known as **P RAM PRASAD** for all future purposes.

**AFFIDAVIT**

I, Muhammad Ilyas, S/o- Muhammad Idrees, resident of At- Charinangal, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1799, dtd- 17/05/2025 that now onwards I shall be known as **MOHAMMAD ILYAS** for all future purposes.

**AFFIDAVIT**

I, Bhaktimanjaree Devi, aged about 53 years, W/o- Gouri Sankar Gantayat, resident of Metro Residency, Flat No- 308(A), Behera Sahi, Nayapalli, Bhubaneswar, Pin- 751012 Odisha declared by this affidavit No. 1047, dtd. 19/05/2025, that now onwards I shall be known as **BHAKTI GANTAYAT** for all future purposes.

**AFFIDAVIT**

By virtue of an affidavit (No. 174, dtd. 19.05.2025) before the Executive Magistrate, Bhubaneswar I, **Manoj Kumar Muduli,** S/o. Amareswar Muduli, resident of At- Hasinpur, Po.- Suhagpur, PS.- Kakatpur, Dist.- Puri, Odisha-752107 declare that my wife's actual name is **Rajalaxmi Sahu**, but my daughter's school records her name has been wrongly mentioned as **Rajalaxmi Sahoo.** Henceforth she will be known as **RAJALAXMI SAHU** for all purposes.

**(Manoj Kumar Muduli)**

**AFFIDAVIT**

I, Shishir Kumar Pradhan, S/O- Muli Charan Pradhan, resident of At- Radhakishorepur, Po- Radhakishorepur, Cuttack, Pin- 754029, Odisha declare by this affidavit No. 456, dated- 19/05/2025 that now onwards I shall be known as **SISIR KUMAR PRADHAN** for all future purposes.

**AFFIDAVIT**

I, Bhagyasri Peddamadula, D/O- P Ram Prasad, resident of Duplex No- 67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 455, dated- 19/05/2025 that now onwards I shall be known as **P BHAGYASRI** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 28/04/2025. I, Sanghamitra Dash, W/o- Sasi Bhusan Tripathy, Village- Nuagan, Po-Pattamundai, PS- Pattamundai Dist- Kendrapada, Odisha have changed my name from **Sanghamitra Tripathy To Sanghamitra Dash.** Henceforth, I shall be known as **SANGHAMITRA DASH** for all purposes.

**(SANGHAMITRA DASH)**

**AFFIDAVIT**

I, Rakesh Agarwalla, S/o- Late Gobind Prasad Agarwalla, resident of Ward No-11, At/p.o.: Karanjia, Dist.: Mayurbhanj, Pin- 757037, Odisha declare by this affidavit No. 153 dtd.- 20/01/2025 sworn before The Notary Public at Karanjia that now onwards I shall be known as Rakesh Kumar Agarwalla for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Puri, SL NO 2074/2025 dated 04/04/2025, I **Juliyas Rani Sahu, D/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin- 752002 declare that I have changed my name from Juliyas Rani Tandi to Juliyas Rani Sahu**. Henceforth, she shall be known as **JULIYAS RANI SAHU** for all purposes.

**Sd- JULIYAS RANI SAHU**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.05.2025, **I, Namita Kanungo,** Resident of M-102, Trident Galaxy, Kalinga Nagar, Ghatikia, PO.: Andharua, P.S.: Chandaka, Dist.: Khordha, Odisha, PIN- 751003, declare that I have changed my name from Namita Kanungo Mohanty to Namita Kanungo. Henceforth, I shall be known as **NAMITA KANUNGO** for all purposes.

**AFFIDAVIT**

By virtue of an affidavit before Executive Magistrate Kanas of Dist Puri, I Rajakishore Mallick, S/O of Suresh Mallick resident of Vill Lokapal, Po. Haladiapara, P.S. Kanas, Dist: Puri, Odisha state that my correct name is RAJAKISHORE MALLICK but in my Aadhaar card No. 781037369319 my name has been mentioned as RAJESH MALLIK. Hence onwards I shall be known as RAJAKISHORE MALLICK for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 20.05.2025, **I, Smita Mahapatra,** Resident of Flat No.: 302, Krishna Plaza, Laxmi Sagar, Bhubneswar Dist.: Khordha, Odisha, PIN- 751006, declare that I have changed my name from Smita Kumari Sahu to Smita Mahapatra. Henceforth, I shall be known as **SMITA MAHAPATRA** for all purposes.

**AFFIDAVIT**

I, Gouri Peddamadula, W/o- P Ram Prasad, resident of Duplex No-67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 457, dated- 19/05/2025 that now onwards I shall be known as **P GOURI** for all future purposes.

ସକାଳ
THE SAKALA



## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ବି ମିଳୁନି ନ୍ୟାୟ

# ଜିଲ୍ଲାପାଳଙ୍କ ଅଫିସ ଆଗରେ ବସିଲେ ମହିଳା

ସୁନ୍ଦରଗଡ଼, ୨୦।୫ (ସମିସ)

ଯୋଗିମାଲ ପଞ୍ଚାୟତରେ ଅନେକ ଦୁର୍ନୀତି ଚାଲିଛି। ପଞ୍ଚାୟତବାସୀ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ସମ୍ବଲପୁରରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ବି ଅଭିଯୋଗ କରିଥିଲେ। ଚୋରା ମଦ ବନ୍ଦ କରିବା ପାଇଁ ଦାବି ଜଣାଇ ଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ଦିଗରେ ଜିଲ୍ଲାପାଳ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଣୁ ସମ୍ପୃକ୍ତ ପଞ୍ଚାୟତର ମହିଳାମାନେ ଜିଲ୍ଲାପାଳଙ୍କ ଅଫିସ ଆଗରେ ବସି ରହିଲେ। ଏହି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗିମାଲ ପଞ୍ଚାୟତରେ। ଏଥିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଭିନ୍ନ ଜିଲ୍ଲାରେ ଅଭିଯୋଗ ଶୁଣାଣିରୁ ଯେ ସାଧାରଣ ଲୋକେ କେତେ ଉପକୃତ ହେଉଛନ୍ତି, ସ୍ପଷ୍ଟ ବୁଝା ପଡୁଛି।

ଅଭିଯୋଗ ଅନୁଯାୟୀ, ଯୋଗିମାଲ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଚାଲିଛି। ପଲ୍ଲୀସଭା, ଗ୍ରାମ ସଭାର ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନାହିଁ। ବିଭିନ୍ନ ଗ୍ରାମରେ ଅବାଧ ଚୋରା ମଦ ବିକ୍ରି ହେଉଛି। ମୁଖ୍ୟତଃ ଡମବାହାଲ ଗ୍ରାମରେ ଚୋରା ମଦ ବିକ୍ରି ସୀମା ଲଂଘନ କରିଛି। ଏନେଇ ପଞ୍ଚାୟତବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ସୁଫଳ ନ ପାଇବାରୁ ଗତ ମାସ ୧୭ ତାରିଖରେ ସମ୍ବଲପୁରରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନ ନେବାରୁ ପଞ୍ଚାୟତର ଶତାଧିକ ମହିଳା ତାରାକାନ୍ତି ପଟେଲଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇତାଙ୍କ ଅଫିସ ଆଗରେ ପ୍ରାୟ ତିନିଘଣ୍ଟା ବସି ରହିଥିଲେ। ସେମାନେ ଅଭିଯୋଗ ପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ତେବେ ଏଥର ବି ପଞ୍ଚାୟତବାସୀଙ୍କୁ ସୁଫଳ ମିଳୁଛି ନା ନାହିଁ, ତାହା ଦେଖିବାକୁ ବାକି ରହିଛି।



## ■ ବିପଦସଙ୍କୁଳ ଇବ୍ ସେତୁ

# ୩୦ ଟନ୍‌ରୁ ଅଧିକ ଓଜନ ଗାଡ଼ି ଚଳାଚଳ ଉପରେ କଟକଣା

ସୁନ୍ଦରଗଡ଼, ୨୦।୫ (ସମିସ): ସୁନ୍ଦରଗଡ଼-ଲେଫ୍ରିପଡ଼ା ଏମ୍‌ଡିଆର-୨୭ ରାସ୍ତାରେ ଥିବା ବନ୍ଧପାଲି ଇବ୍‌ସେତୁ ଅତ୍ୟନ୍ତ ବିପଦଶଙ୍କୁଳ ହୋଇପଡ଼ିଛି। ସିଆରଆରଆଇ ଟିମ୍ ଦ୍ୱାରା ଏହାର ଯାଞ୍ଚ ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ୩୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଗାଡି ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ରାଜୁଡା ଅମଳର ଏହି ପୋଲଟି ଦୀର୍ଘ ଦିନରୁ ବିପଦଶଙ୍କୁଳ ହୋଇପଡ଼ିଛି। ତଥାପି ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଗୋପାଳପୁର ଖୋଲାମୁହଁ କୋଇଲା ଖଣିରୁ ପ୍ରାୟ ତିନି ଦଶନ୍ଧି ଧରି ସଡ଼କ ପଥରେ ଏହି ପୋଲ ଦେଇ କୋଇଲା ପରିବହନ ଯୋଗୁଁ ଏହା ଅତ୍ୟନ୍ତ ବିପଦଶଙ୍କୁଳ ହୋଇପଡ଼ିଥିଲା। ଇତିମଧ୍ୟରେ କୋଇଲା ପରିବହନ ପାଇଁ ଉଭୟ ରେଳପଥ ସହ ସ୍ୱତନ୍ତ୍ର କୋଲ କରିଡର ରାସ୍ତା ନିର୍ମାଣ ହୋଇଛି। ତେବେ ଏବେ ବି ଏହି ପୋଲ ଦେଇ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇ ନାହିଁ। ଏହି ବିପଦଶଙ୍କୁଳ ପୋଲ ତଳେ ଏକ ନୂତନପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ କଚ୍ଛପ ଗତିରେ କାମ ଯୋଗୁଁ ସମ୍ପୂର୍ଣ୍ଣ ହେବାକୁ ଆହୁରି ଅନେକ ଦିନ ଲାଗିବ ବୋଲି ଅନୁମାନ କରା ଯାଉଛି। ଏ ସ୍ଥିତିରେ ଏହି ପୋଲ ଦେଇ ପରିବହନ ଭାରି ଯାନ ଓ ଯାତ୍ରୀବାହୀ ଯାନବାହନ ଚଳାଚଳ ଯୋଗୁଁ ବିଭିନ୍ନ ସମୟରେ ପୋଲ ଉପରେ ଗାଡି ମୋଟର ଜାମ ରହୁଛି। ସିଆରଆରଆଇ ଟିମ ଦ୍ୱାରା ଯାଞ୍ଚ ସମୟରେ ଏହି ପୋଲର ୧୦ ନମ୍ବର ଏବଂ ୧୧ ନମ୍ବର ସ୍ଥାନର ଡେକ ସ୍ଲାବର ତଳଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ସେହିପରି ଅନ୍ୟ ୩ରୁ ୪ଟି ଡେକ୍ ସ୍ଲାବର ତଳ ଭାଗରେ ଫାଟି ସୃଷ୍ଟି ହୋଇଛି। ଏଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ ଶ୍ରୀ ମହାଜନ ଏହି ପୋଲ ଦେଇ ୩୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଉଭୟ ଲୋଡ୍ ଏବଂ ଖାଲି ଭାରୀଯାନ, ମଲଟି ଆକ୍ସେଲ ଯାନ, ମାଲବାହୀ ଯାନ, ଯାତ୍ରୀବାହୀ ଯାନ, ସ୍କୁଲ ବସ୍ ଗୁଡ଼ିକର ଚଳାଚଳକୁ ନିଷିଦ୍ଧ କରିଛନ୍ତି। ଜିଲ୍ଲାପାଳଙ୍କ ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ୯ ସାଇବରଠକଙ୍କ ଜାମିନ ଆବେଦନ ଖାରଜ

ରାଉରକେଲା, ୨୦।୫ (ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲ୍ ହାଜତରେ ଥିବା ୯ ଜଣ କୁଖ୍ୟାତ ସାଇବର ଠକଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲା ଜଜ୍ ଏହି ଜାମିନ ଆବେଦନକୁ ଖାରଜ କରିଥିବା ସରକାରୀ ଓକିଲ କୈଳାଶ ପ୍ରଧାନ ସୂଚନା ଦେଇଛନ୍ତି। ଷ୍ଟକ୍ ମାର୍କେଟରେ ଟଙ୍କା ଜମାକରି ସପ୍ତାହରେ ୧୦ ଗୁଣଅଧିକ ଅର୍ଥ ପାଇବା ଲୋଭ ଦେଖାଇ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ୯ଜଣଙ୍କୁ ରାଉରକେଲା ସାଇବର କ୍ରାଇମ ଥାନା ପୁଲିସ ଗିରଫ କରି ଏପ୍ରିଲ ୯ ତାରିଖ ଦିନ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଉରକେଲା ଜେଲ ହାଜତକୁ ପଠାଯାଇଥିଲା। ରାଉରକେଲା ସହରର ସିଭିଲ୍ ଟାଉନସିପର ଏକ ଆପାର୍ଟମେଣ୍ଟ ଏବଂ ବାସନ୍ତୀ କଲୋନୀରେ ଚଢ଼ଉ କରି ପୁଲିସ ୯ ଜଣ ସାଇବର ଠକଙ୍କୁ ଗିରଫ କରିଥିଲା। ଗିରଫ ୯ ଜଣ ସାଇବର ଠକଙ୍କ ୨୩ ଟି ଏକାଉଣ୍ଟରୁ ୧ କୋଟି ୪୧ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଗିରଫ ହୋଇ ଜେଲ ହାଜତରେ ଥିବା ୯ ଜଣ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ୨୭ ଟି କେସରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ■ ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ

ସୁନ୍ଦରଗଡ଼, ୨୦।୫ (ସମିସ): ପ୍ରାୟ ୯ ବର୍ଷତଳେ ବଡ଼ଗାଁ ଥାନା ଅଞ୍ଚଳରେ ଘଟି ଯାଇଥିବା ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ମାମଲାର ବିଚାର କରି ଅଭିଯୁକ୍ତ ସୁଶୀଲ ଟେଟେକୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଥିବାବେଳେ ଜରିମାନା

**● ପୀଡ଼ିତାକୁ ୫ ଲକ୍ଷ ଅନୁକମ୍ପା ସହାୟତା**

ଅନାଦାୟ ଆହୁରି ଏକବର୍ଷ ଜେଲ୍‌ଦଣ୍ଡର ରାୟ ଶୁଣାଇଛନ୍ତି। ସେହିପରି ପୀଡ଼ିତାକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୧୬ ମସିହାରେ ଅଭିଯୁକ୍ତ ସୁଶିଲ ନିଜ ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକାକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲେ। ଏପରି ବାରମ୍ବାର ଦୁଷ୍କର୍ମ କରିବାଫଳରେ ନାବାଳିକା ଜଣକ ଗର୍ଭଧାରଣ କରିଥିଲା। ଏହାପରେ ଅଭିଯୁକ୍ତ ତାକୁ ଗ୍ରହଣ କରିବାକୁ ମନାକରି ଦେଇଥିଲା। ତେବେ ଗ୍ରାମର ପଞ୍ଚଭଦ୍ରଙ୍କ ହସ୍ତକ୍ଷେପ ପରେ ସେ ନାବାଳିକାକୁ ନିଜ ଘରକୁ ନେଇଥିଲା। ମାତ୍ର ନାବାଳିକା ଜଣକ ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶିଶୁ କନ୍ୟା ଜନ୍ମ ଦେବାପରେ ସେ ଆଉ ଘରକୁ ନ ନେଇ ଚମ୍ପଟ ମାରିଥିଲା। ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହେବା ପରେ ଏ ନେଇ ପୁଲିସ ପୁଲିସ ମାମଲା ରୁଜୁ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦ୍ୱାରା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

# ପାଣି ସମସ୍ୟାର ସମାଧାନ ଦାବି

ରାଉରକେଲା, ୨୦।୫ (ସମିସ): ଜାରି ରହିଛି ଗ୍ରୀଷ୍ମ ଋତୁ। ସକାଳ ୧୦ଟା ପରେ ଘରୁ ବାହାରକୁ ବାହାରି ହେଉନି। ଗୁଳୁଗୁଳି ସହ ଟାଣ ଖରାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ପାଣି ମୁନ୍ଦାଏ ପାଇଁ ହଇରାଣ ହେଉଛନ୍ତି ଶୀତଳପଡ଼ା ସ୍ଥିତ ମୁଣ୍ଡାପଡ଼ା ବସ୍ତି ବାସିନ୍ଦା। ପ୍ରାୟ ୮୦ଟି ଘର ରହିଥିବା ବେଳେ ୨୫୦ ଜନସଂଖ୍ୟା। ଗତ ଦୁଇ ମାସରୁ ଏହି ବସ୍ତିରେ ପାଣି ଆସୁନି। ଫଳରେ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଯୁବ ନେତା ସୋନୁ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ବସ୍ତି ବାସିନ୍ଦା ମାନେ ଉଦିତନଗର ସ୍ଥିତ ୱାଟକୋ ଅଫିସ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ପାଇଁ ଦାବି କରିଥିଲେ। ଆଗାମୀ ଦୁଇଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଅଧିକାରୀ। ଯଦି ଶୀଘ୍ର ସମାଧାନ ନହୁଏ ତେବେ ଆଗାମୀ ଦିନରେ ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# ସର୍ବସାଧାରଣ ଉପଯୋଗୀ ସ୍ଥାନରେ ସରକାରୀ ନିର୍ମାଣକୁ ବିରୋଧ

ସୁନ୍ଦରଗଡ଼, ୨୦।୫ (ସମିସ): ସୁନ୍ଦରଗଡ଼ ପୌରାଞ୍ଚଳର ୱାର୍ଡ ନଂ-୧ ରାଣୀବଗିଚାସ୍ଥିତ ଉଦ୍ୟାନ ବିଭାଗ ଓ ହୋମିଓପାଥି ଇନ୍ସପେକ୍ଟର କାର୍ଯ୍ୟାଳୟ ମଝିରେ ଖାଲି ପଡ଼ିଥିବା ସରକାରୀ ଜମିରେ ସରକାରୀ କୋଠା ନିର୍ମାଣକୁ ବନ୍ଦ କରିବାକୁ ସ୍ଥାନୀୟ ଅଧିବାସୀ ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ସେମାନେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ସରକାରୀ ଜମିଟି ସ୍ଥାନୀୟ ଅଧିବାସୀଙ୍କ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟରେ ବ୍ୟବହୃତ ହୋଇ ଆସୁଛି। ଏଠାରେ ଥିବା ପିପଲ ଓ ବର ଗଛରେ ଲୋକେ ଗ୍ରାମ ଦେବତା ଭାବେ ସ୍ୱାଧୀନତା ପୂର୍ବରୁ ପୂଜା କରି ଆସୁଛନ୍ତି। ଗରିବଶ୍ରେଣୀର ଲୋକେ ଏଠାରେ ସ୍ୱଳ୍ପ ଖର୍ଚ୍ଚରେ ବିବାହ, ବ୍ରତ

**■ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର**

ଅନ୍ତେଷ୍ଟିକ୍ରିୟା, ଗଙ୍ଗାଭୋଜି ଭଳି ସାମାଜିକ କାର୍ଯ୍ୟ ସମ୍ପାଦନ କରିବାରୁ ସୁଯୋଗ ପାଉଛନ୍ତି। କହିବାକୁ ଗଲେ ଏହି ଅଞ୍ଚଳର ପ୍ରାୟ ୫ ହଜାରରୁ ଅଧିକ ଲୋକେ ବିଭିନ୍ନ ପ୍ରକାର ଖେଳ, ପର୍ବପର୍ବାଣୀ, ବିବାହ ଉତ୍ସବ ପାଇଁ ବ୍ୟବହାର କରୁଛନ୍ତି। ଏହି ସବୁ କାର୍ଯ୍ୟ ପାଇଁ ଏଠାରେ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନ ନାହିଁ। ଏତଦବ୍ୟତୀତ, ଉକ୍ତ ପଡ଼ିଆ ଦେଇ ସ୍ଥାନୀୟ ଲୋକେ ପ୍ରତିଦିନ ଇବ୍ ତୁଠକୁ ସ୍ନାନ ଶୌଚ ପାଇଁ ଯିବା ଆସିବା କରିଥାଆନ୍ତି। ଅପରପକ୍ଷପରେ ଏହି ଜମିଟି ଚାରିଦଶନ୍ଧି ତଳୁ ସ୍ଥାନୀୟ ଜୟବଜରଙ୍ଗ କ୍ଳବର ଦଖଲରେ ରହି ଆସିଥିଲେ ହେଁ ପ୍ରଶାସନ ପକ୍ଷରୁ ନୂତନ ସରକାରୀ ନିର୍ମାଣକୁ ସେମାନେ ବିରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଏହି ଦାବି ପତ୍ର ଗ୍ରହଣ କରିଥିଲେ।

## ■ ୧୭ ଦଫା ଦାବିରେ ଟ୍ରେଡ୍ ୟୁନିୟନର ବିକ୍ଷୋଭ

# ଜୁଲାଇ ୯ରେ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ




ରାଉରକେଲା, ୨୦।୫ (ସମିସ): ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ବିଶେଷ କରି ଆଇଏନଟିୟୁସି, ସିଆଇଟିୟୁ, ଏଚଏମ୍ ଏସ, ଏଆଇଟିୟୁସି, ଏଆଇୟୁଟି ୟୁସି, ଏଆଇସିସିଟିୟୁ ଓ ସ୍ଥାନୀୟ ସ୍ତରରେ ଜିଏମ୍‌ଏମ୍ ଓ ସିୟର ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନ ବିରୋଧୀ ନୀତି ବିରୋଧରେ ଓ ୧୭ ଦଫା ଦାବିରେ ପୂର୍ବରୁ ମେ' ୨୦ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦେଇଥିଲେ। ୨୨ ଏପ୍ରିଲ ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣ ପରେ ଜୁଲାଇ ୯ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ବିଶ୍ରା ଛକ ଆରଏସପି ପାୱାର ଗେଟ୍ ସମ୍ମୁଖରେ ମିଳିତ ଟ୍ରେଡ ୟୁନିୟନମାନଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇ ଜୁଲାଇ ୯ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲାର ଶ୍ରମିକ ଶ୍ରେଣୀ ଓ ସାଧାରଣ ଜନତାଙ୍କୁ ଆହ୍ୱାନ କରାଯାଇଛି। ଏହି ବିକ୍ଷୋଭରେ ଆଇଏନଟିୟୁସି ନେତା ପ୍ରଶାନ୍ତ ବେହେରା, ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ନିହାର ଦାସ, ସୁରେଶ ପାଣିଗ୍ରାହୀ, ସତ୍ୟ ସାହୁ, ବି କେ ଶେଖର ଦେଓ, ରଘୁନାଥ ପ୍ରଧାନ, ମାନସ ରଞ୍ଜନ ବେହେରା, ସାରସ କିଷାନ, ଗୌରାଙ୍ଗ ପରିଜା, ସିଆଇଟିୟୁ ନେତା ବିମାନ ମାଇତି, ଶ୍ରୀମନ୍ତ ବେହେରା, ସଦାନନ୍ଦ ସାହୁ, ରମେଶ ସେଠୀ, କୈଳାସ ବେହେରା, ଅଜିତ୍ ନାୟକ, ବିଷ୍ଣୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ■ ଡକାୟତି ଯୋଜନା ପଣ୍ଡ

# ବିଭିନ୍ନ ମାରଣାସ୍ତ୍ର ଜବତ; ୬ ଅଭିଯୁକ୍ତ ଗିରଫ



ସୁନ୍ଦରଗଡ଼, ୨୦।୫ (ସମିସ): ସୁନ୍ଦରଗଡ଼ ସଦର ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। କେପସେ ଫୁଟବଲ ପଡ଼ିଆ ନିକଟରେ ଡକାୟତି ଯୋଜନା କରୁଥିବା ୬ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବାବେଳେ ତାଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଭାଲୁବାହାଲର ପବନ କୁମାର ବେକ (୨୩), କେନାପାଲି ଗ୍ରାମର ତୁଷାର ବାର୍ଲା (୨୨), ଟାଙ୍ଗରପାଲି ଗ୍ରାମର ଚରଣ ମୁଣ୍ଡା (୨୪), ସମୀର ମୁଣ୍ଡା (୨୭), କ୍ରିଷ୍ଣା ମୁଣ୍ଡା (୨୨), କ୍ଷୀର ସାଗର ଯାଦବ (୨୨)। ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ, ଗୋଟିଏ ବାଇକ, ଛୁରୀ, ବର୍ଚ୍ଛା, କଟୁରୀ, ଲଙ୍କାଗୁଣ୍ଡ ସହିତ ୧୪୪୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ପୁଲିସ କୌଣସି ସୂତ୍ରରୁ ଖବରପାଇ ଅତର୍କିତ ଚଢ଼ଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରା ଯାଇଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାକୁ ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆ ଯାଇଛି।

# ଗଜା ମାଝୀଙ୍କ ତିରୋଧାନ ଦିବସ ପାଳିତ

ବାଲିଶଙ୍କରା, ୨୦।୫ (ସମିସ): ତଳସରା ନିର୍ବାଚନମଣ୍ଡଳୀରେ ତଳସରା ଫାଟକ ନିକଟରେ ଆଜି ସ୍ୱର୍ଗତ ଗଜାଧର ମାଝୀଙ୍କ ୧୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଗଜାଧର ମାଝୀଙ୍କ ଟ୍ରଷ୍ଟବୋର୍ଡ ସଭାପତି ତ୍ରିବେଣୀ ମାଝୀଙ୍କ ନେତୃତ୍ୱରେ ହୋଇଯାଇଥିବା ତିରୋଧାନ ଉତ୍ସବରେ ପୂର୍ବତନ ବିଧାୟକ ଡ଼. ପ୍ରଫୁଲ୍ଲ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଭାବେ ବାଲେଶ୍ୱର ପ୍ରଧାନ, ଶୁଭେନ୍ଦୁ ନାଏକ, ଅଜୟ ବହିଦାର, ଅଶୋକ ପ୍ରସାଦ, ପର୍ଶୁରାମ ସରାଫ, ରିଙ୍କୁ ବହିଦାର, ନେହେରୁ ବହିଦାର, ପ୍ରଦୀପ ରାଏ, ସୁଦସୁ ପଶାୟତ, ନେହେରୁ ଓରାମ, ବଳରାମ ନାଏକ, ଶିଶିର ସାହୁ, ବ୍ରହ୍ମାନନ୍ଦ ମାଝୀ, ଧନେଶ୍ୱର ନାଏକ, ମଙ୍ଗଳ ଭିତ୍ରିଆ ପ୍ରମୁଖ ଯୋଗଦେଇ ଥିଲେ। ତଳସରା ନିର୍ବାଚନ ମଣ୍ଡଳୀ ଆଦିବାସୀ ଶିକ୍ଷାଲାଭ ପାଇଁ ଅନେକ ବିଦ୍ୟାଳୟ ସ୍ଥାପନ କରିଥିଲେ ବୋଲି ଆଲୋଚନା ହୋଇଥିଲା।

# ପ୍ରଦେଶ କଂଗ୍ରେସ କମିଟିରେ ନୂତନ ନିଯୁକ୍ତି

ବାଲିଶଙ୍କରା, ୨୦।୫ (ସମିସ): ବାଲିଶଙ୍କରା ବ୍ଲକରେ କଂଗ୍ରେସ କର୍ମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଏଆଇସିସି ଦ୍ୱାରା ପ୍ରଦେଶ କଂଗ୍ରେସ କମିଟିରେ ନୂତନ ଭାବେ ବିଭିନ୍ନ ପଦାଧିକାରୀ ନିଯୁକ୍ତିକୁ ବାଲିଶଙ୍କରା ବ୍ଲକ କଂଗ୍ରେସ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଛି। ସୁନ୍ଦରଗଡ଼ ଆଦିବାସୀ ବହୁଳ ଜିଲ୍ଲାକୁ ପ୍ରାଧାନ୍ୟ ଦେଇ ରାଜଗାଙ୍ଗପୁରର ଲଢୁଆ ଆଦିବାସୀ ନେତା ତଥା ବର୍ତ୍ତମାନର ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କାଙ୍କୁ ପ୍ରଦେଶ କଂଗ୍ରେସର ଉପସଭାପତି ଓ ଅନିମା ମିଞ୍ଜଙ୍କୁ ସମ୍ପାଦିକା ଭାବେ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଁ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ବାଲିଶଙ୍କରା ବ୍ଲକ କଂଗ୍ରେସର ସୁଧାଂଶୁ ପଶାୟତ, ବିଷ୍ଣୁଚରଣ ଦାସ, ସଞ୍ଜୀବ ଏକ୍କା, ଗଣେଶ ମାଝୀ, ପିଟର କୁଲୁ, କୁଅଁର ତିର୍କି, ବଳରାମ ନାଏକ, ଜ୍ୟୋତି ଟେଟେ, ଅଶୋକ ପଟେଲ, ଆଲୋକ ଭୋଇ, ସନ୍ତୋଷ ଓରାମ, ହିରାଧର ଓରାମ ଧନ୍ୟବଦ ଜ୍ଞାପନ କରିଥିଲେ।





## ■ ସର୍ବଭାରତୀୟ ଧର୍ମଘଟ

# ବିଭିନ୍ନ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ସୁନ୍ଦରଗଡ଼, ୨୦।୫ (ସମିସ): ଆଇଟିୟୁସିର ସର୍ବଭାରତୀୟ ଧର୍ମଘଟ ପରିପ୍ରେକ୍ଷୀରେ ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। କମଳ ଷଣ୍ଢଙ୍କ ନେତୃତ୍ୱରେ ଏହା ପ୍ରଦାନ କରା ଯାଇଥିବା ବେଳେ ଅଙ୍ଗନବାଡ଼ି ନେତ୍ରୀ ନନ୍ଦିନୀ ପଟେଲ, ସୁରଭି ପଣ୍ଡା, ସସ୍ମିତା ମାଝୀ, ଜୟନ୍ତୀ ଭୋଇ, ନିରାଶି ମାଝୀ, ଆଶା କର୍ମୀ ଟିକେଶ୍ୱରୀ ପାଣ୍ଡେ, ଦିଲେନ୍ଦ୍ରୀ ଗନ୍ଧା, ମାମିନା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହେମଗିରି ବ୍ଲକରେ ରଶ୍ମିରେଖା ଧୂଆ, ସନ୍ତୋଷିନୀ ପାଣ୍ଡ, କୁନ୍ତି ପ୍ରଧାନ, ଅମ୍ବିକା ମହାକୁଲଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିକାରୀଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରା ଯାଇଥିବାବେଳେ ଲେଫ୍ରିପଡ଼ା ବ୍ଲକରେ ଗୀତା ସା, ତାରା ବିରଗଣ୍ଡିଆ, ସୂର୍ଯ୍ୟ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହା ପ୍ରଦାନ କରା ଯାଇଛି। ଉକ୍ତ ସ୍ମାରକ ପତ୍ର ଗୁଡିକରେ ବିଭିନ୍ନ ଦାବି ରହିଛି।

## ଅନୁମତି ବିନା ଚାଲିଛି ପିଚୁ କାରଖାନା

# ସମ୍ପୂର୍ଣ୍ଣ ବନ୍ଦ ଦାବିକଲେ ସ୍ଥାନୀୟ ବାସିନ୍ଦା

ସୁନ୍ଦରଗଡ଼, ୨୦।୫ (ସମିସ)




ଦୁଇବର୍ଷ ତଳୁ ବଡ଼ଗାଁ ବ୍ଲକ ଅଧୀନ ଫୁଲବାରୀ ଗ୍ରାମ ନିକଟରେ ଏକ ପିଚୁ କାରଖାନା ଚାଲିଥିବା ଅଭିଯୋଗ ହୋଇଛି। ଏହି ପିଚୁ କାରଖାନା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ

**● ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କାରଣଦର୍ଶାଅ ନୋଟିସ**

ପ୍ରଦୂଷଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିବାପରେ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ପକ୍ଷରୁ କାରଖାନା କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ସ୍ଥାନୀୟ ଗ୍ରାମବାସୀ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରୁଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବେଆଇନ କାରଖାନା ଯୋଗୁଁ ଅଞ୍ଚଳରେ ପ୍ରଦୂଷଣ ହେଉଛି। ଦୁର୍ଗନ୍ଧରେ ଲୋକେ ଅଣନିଶ୍ୱସୀ ହୋଇ ପଡୁଛନ୍ତି। ଏହି ପିଚୁ କାରଖାନା ସ୍ଥାପନ ନେଇ କୌଣସି ଅନୁମତି ନ ଥିବା ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଅଞ୍ଚଳରେ କୌଣସି କାରଖାନା ପ୍ରତିଷ୍ଠା ହେଲେ ଗ୍ରାମସଭା, ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏକ ଏନ୍‌ଓସି ପ୍ରଦାନ ଆଦିର ନିୟମ ରହିଛି। ତେବେ ଏହି କାରଖାନା ପାଇଁ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୌଣସି ଏନଓସି ଦିଆଯାଇନାହିଁ କି ଗ୍ରାମସଭା ହୋଇନାହିଁ। ପ୍ରଦୂଷଣ ପ୍ରମାଣପତ୍ର ମଧ୍ୟ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଗ୍ରାମବାସୀ ବଡ଼ଗାଁ ତହସିଲଦାରଙ୍କୁ ଅଭିଯୋଗ କରିବାପରେ ତହସିଲଦାର ଝରଣା ପ୍ରଧାନ ଏହି ବିଷୟରେ ସୁନ୍ଦରଗଡ଼ ଉପ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଗତ ଦୁଇଦିନ ତଳେ ପ୍ରଦୂଷିତ ନିୟନ୍ତ୍ରଣ ବୋର୍ଡ ରାଉରକେଲା ପକ୍ଷରୁ ଏହି କାରଖାନାକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଅପରପକ୍ଷରେ ଏହି ପିଚୁ କାରଖାନା ଅଧିକାଂଶ ସରକାରୀ ଜମିକୁ ଜବରଦଖଲ କରିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି।

## ନୂଆପଡ଼ା ଜିଲ୍ଲା ପରିଷଦର ଅଷ୍ଟମ ବୈଠକ

# ସମସ୍ତଙ୍କ ସହଯୋଗରେ ବିକାଶ କାର୍ଯ୍ୟ ସମ୍ଭବ

- ଅସମ୍ପୂର୍ଣ୍ଣ କାମଗୁଡ଼ିକ ଶୀଘ୍ର ସାରିବାକୁ ଗୁରୁତ୍ୱ
- ହିତାଧିକାରୀ ଚୟନ ବେଳେ ଜନ ପ୍ରତିନିଧିଙ୍କୁ ସାମିଲ ଦାବି
- ଷ୍ଟ୍ରିଟ ଲାଇଟ୍ ପଞ୍ଚାୟତକୁ ହସ୍ତାନ୍ତର କରାଯିବାକୁ ନିଷ୍ପତ୍ତି
- ବିନା ସୂଚନା ଫଳକରେ କୌଣସି ଉନ୍ନତିମୂଳକ କାମ ହେବନି
- ସମସ୍ତ ଉନ୍ନୟନ ମୂଳକ କାମରେ ଜନ ପ୍ରତିନିଧିଙ୍କ ମତାମତ ନିଆଯିବ

ନୂଆପଡ଼ା, ୨୦।୫(ସମିସ):

ସ୍ଥାନୀୟ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ସଭାପତିତ୍ୱ କରି ସମସ୍ତଙ୍କ ସହଯୋଗରେ ବିକାଶ କାର୍ଯ୍ୟ ସମ୍ଭବ ବୋଲି କହିଛନ୍ତି। କୃଷି, ମତ୍ସ୍ୟ, ଯୋଗାଣ, ଜିଲ୍ଲା ମଙ୍ଗଳ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ସମସ୍ତ ବିଭାଗର ତ୍ରୟ ମାସିକ ପ୍ରଗତି ବିବରଣୀର ସମୀକ୍ଷା ହୋଇଥିଲା। ବିଗତ ବୈଠକରେ ସଦସ୍ୟମାନେ ଉତ୍ଥାପନ କରିଥିବା ସମସ୍ତ ଅଭିଯୋଗ ଉପରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ଉପରେ ଅଧିକାରୀ ମାନେ ନିଜ ନିଜ ମନ୍ତବ୍ୟ ରଖିଥିଲେ। ବିଗତ ଦିନରେ ହୋଇଥିବା ଅସମ୍ପୂର୍ଣ୍ଣ କାମଗୁଡ଼ିକୁ ଶୀଘ୍ର ସମାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଉନ୍ନତିମୂଳକ କାମ ବିଶେଷ କରି କୃଷି, ଉଦ୍ୟାନ କୃଷି ଇତ୍ୟାଦି ଯୋଜନାରେ ହିତାଧିକାରୀ ଚୟନ କରିବା ବେଳେ ଜନ ପ୍ରତିନିଧିଙ୍କୁ ସାମିଲ କରିବା ଉପରେ ଜିଲ୍ଲା ପରିଷଦ ସଦସ୍ୟମାନେ ଦାବି କରିଥିଲେ। ସବୁ ଷ୍ଟ୍ରିଟ ଲାଇଟକୁ ପଞ୍ଚାୟତକୁ ହସ୍ତାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତ ବିଜୁଳି ଓ ପାଣି ବିଲ ସଂଗ୍ରହ କରିବ। ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନାରେ ଏଥର ଲକ୍ଷ୍ୟ ୧୦୮ ହେକ୍ଟର ଥିବାରୁ ଠିକ୍ ସମୟରେ ଏହାକୁ ସାରିବା ପାଇଁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ବିନା ସୂଚନା ଫଳକରେ କୌଣସି ଉନ୍ନତିମୂଳକ କାମ ହେବନାହିଁ। ସମସ୍ତ ଉନ୍ନୟନ ମୂଳକ କାମରେ ଜନ ପ୍ରତିନିଧିଙ୍କ ମତାମତ ନେବାକୁ ଗୁରୁତ୍ୱ ଦିଆଯାଇଛି। ଧାନମଣ୍ଡିରେ ଦଲାଲରାଜ ଏବଂ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ହେବ। ତିଖାଲି ଡ୍ୟାମର ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଆଲୋଚନା ହୋଇଥିଲା। ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଓ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି। ପ୍ରତି ସହର ଓ ଗ୍ରାମର ସମସ୍ତ ବ୍ୟକ୍ତିଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ପରିମଳ ଭଳି ଅତ୍ୟାବଶ୍ୟକ ସେବା ସୁବିଧାରେ ଯୋଗାଇ ଦେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦିଆଯାଇଛି। ଏହି ବୈଠକରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ବିଭାଗ ମହାଦେବ ବଡାଇକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷ ଯୋଗ ଦେଇଥିଲେ।

## ଗଛ ଉପୁଡି ରାସ୍ତା ଅବରୋଧ



ତରଭା, ୨୦।୫(ସମିସ): ତରଭା ବ୍ଲକ ମରାଡୁଗୁଛା ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ରେ ପ୍ରବଳ ଝଡ଼ ତୋଫାନ ଯୋଗୁଁ ଅନେକ ଗଛ ଉପୁଡି ପଡ଼ିଛି। ମରାଡୁଗୁଛା-ତରଭା ରାସ୍ତା ମରାଡୁଗୁଛାରୁ ୧୦୦ ଫୁଟ ଦୂର ବହିଦାର ଘିବେଲାଙ୍କ ଘର ନିକଟରେ ଗୋଟିଏ ଗଛ ଉପୁଡି ଯିବାରୁ ରାସ୍ତା ଅବରୋଧ ହୋଇଥିଲା। ଏହା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସେହିଭଳି ମରାଡୁଗୁଛା-ବନ୍ଧକେଡା ମଦଭାଟି ନିକଟରେ ଗଛ ଭାଙ୍ଗି ୧୧ କେଭି ଇଲେକ୍ଟ୍ରିକ ତାର ଉପରେ ପଡ଼ିବାରୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତରଭା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ସଫା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବୌଦ୍ଧ ପଞ୍ଚାୟତ ସମିତିର ବୈଠକ




ବୌଦ୍ଧ, ୨୦।୫(ସମିସ): ବୌଦ୍ଧ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ବିଡ଼ିଓ ଯୁଧିଷ୍ଠିର ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା କରା ଯାଇଥିଲା।

## ହସ୍ତତନ୍ତ ବାନ୍ଧକଳା ପ୍ରଶିକ୍ଷଣ ଶିବିର



ବୀରମହାରାଜପୁର, ୨୦।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲାଠାରେ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ତାଲିମ ଯୋଜନା ଅଧିନରେ ରେଶମ ହସ୍ତ ବାନ୍ଧକଳା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୦ଜଣ ଅନୁସୂଚିତ ଜାତିର ମହିଳା ୨୭ଦିନ ଧରି ୨୦୦ଘଣ୍ଟାର ଟ୍ରେନିଂ ନେଇଥିଲେ। ନୂତନ କୌଶଳରେ ରଙ୍ଗକରିବା, ନୂତନ ଶାଢ଼ୀର ଡିଜାଇନ୍ ବାନ୍ଧ ବାନ୍ଧିବା, ବିଭିନ୍ନ ରଙ୍ଗର ପାଟଶାଢ଼ୀରେ କିପରି ଓଡ଼ିଶାର ସଂସ୍କୃତି ସ୍ଥାନ ପାଇବ, ଶାଢ଼ୀର ମୁହଁ ଡିଜାଇନ୍ କରିବା ଆଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ତାଲିମ ନେଇଥିବା ମହିଳାମାନଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ବ୍ରାଇଟ ହ୍ୟୁମାନ ଆକ୍ସନ ଏଣ୍ଡ ଭଏସ ଦ୍ୱାରା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରାଇଟ୍ ହ୍ୟୁମାନ ଆକ୍ସନ ଏଣ୍ଡ ଭଏସର ପ୍ରଦୀପ କୁମାର ରାଉତ ନିରୀକ୍ଷକ ଭାବେ ରହିଥିଲେ। ପ୍ରୋସେସିଂ ମ୍ୟାନେଜର ଭାବେ ଲଳିତ ମେହେର, ଅପରେସନାଲ ଅଫିସର ଭାବେ ପଞ୍ଚାନନ ମେହେର ପ୍ରମୁଖ ପରିଚାଳନା କରୁଥିଲେ। ମାଷ୍ଟର ଟ୍ରେନର ପ୍ରିୟଙ୍କା ଭୋଇ ଓ ରାମକୃଷ୍ଣ ମେହେର ବନ୍ଧକଳା ଉପରେ ତାଲିମ୍ ଦେଇଥିଲେ।

## ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ୪୪ ପୋଥି ପ୍ରଦାନ

ଭବାନୀପାଟଣା, ୨୦।୫(ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ଆଉ ୪୪ଟି ବିରଳ ପୋଥି ମିଳିଛି। ପ୍ରାଚୀନ ପୋଥିର ଉଦ୍ଧାର ଓ ସଂରକ୍ଷଣ, ମୂଳପାଠ ନିର୍ଣ୍ଣୟ ସହ ଛାତ୍ରଛାତ୍ରୀଙ୍କୁ ପୋଥି ବିଷୟରେ ଅବଗତ କରିବା ଏହି ଅଭିଯାନର ଲକ୍ଷ୍ୟ। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ, ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡୋଲାମଣି ଧରୁଆ ଓ ଡକ୍ଟର ଦାଶରଥି ଆଚାର୍ଯ୍ୟ ଏହି ପୋଥି ସଂଗ୍ରହ କ୍ଷେତ୍ରରେ ଭୂମିକା ଗ୍ରହଣ କରିଛନ୍ତି। ଭବାନୀପାଟଣା ସହରସ୍ଥିତ ମନ୍ଦାର ବଗିଚାପଡ଼ାର ସଂସ୍କୃତ ବିଶାରଦ ସ୍ୱର୍ଗତ ବାଚସ୍ପତି ପଣ୍ଡିତ ଗଣେଶ୍ୱର ରଥଶର୍ମାଙ୍କ ଘରେ ଡକ୍ଟର ଦାଶରଥି ଆଚାର୍ଯ୍ୟ ପୋଥି ଠାବ କରିଥିଲେ। ବାଚସ୍ପତି ପଣ୍ଡିତ ଶ୍ରୀ ଗଣେଶ୍ୱର ରଥ ଶର୍ମା ଜଣେ ସଂସ୍କୃତ ପଣ୍ଡିତ ହୋଇଥିବାରୁ ତାଙ୍କ ଘରେ ଅନେକ ଗୁଡିଏ ସଂସ୍କୃତ ଓ ଓଡ଼ିଆ ଦୁର୍ଲଭ ପୋଥି ରଖିଥିଲେ। ଜଣେ ସଂସ୍କୃତ ବିଦ୍ୱାନ ଭାବରେ ସେ ଓଡ଼ିଶାରେ ସୁପରିଚିତ। ସଂସ୍କୃତରେ ପାରଦର୍ଶିତା ଅର୍ଜନ କରିଥିବାରୁ କଳାହାଣ୍ଡିର ମହାରାଜ ତାଙ୍କୁ ବାଚସ୍ପତି ଉପାଧିରେ ଭୂଷିତ କରିଥିଲେ। ତାଙ୍କ କନିଷ୍ଠ ପୁତ୍ରବଧୂ ସୁକାନ୍ତି ରଥ, ନାତି ସୁନୀଲ ରଥ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ୪୪ଟି ଦୁର୍ଲଭ ପୋଥି ଅର୍ପଣ କରିଛନ୍ତି। ସେହି ପୋଥିଗୁଡିକ ମଧ୍ୟରେ ପ୍ରକ୍ରିୟା କୌମୁଦୀ, ବୈଜଲ କାରିକା, ଅମରକୋଷ, ଶ୍ରୀମଭାଗବତଗୀତା, ଅନର୍ଘ ରାଘବ ନାଟକ, କୁମାର ସମ୍ଭବ କାବ୍ୟ, ଗ୍ରହ ଶାନ୍ତି ବିଧି ଇତ୍ୟାଦି ୪୪ ଖଣ୍ଡ ରହିଛି। ଏହି ପୋଥିଗୁଡିକୁ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହାଳୟରେ ସାଇତି ରଖାଯାଇଛି। ପୋଥିଗୁଡିକ ଓଡ଼ିଆ ଓ ସଂସ୍କୃତ ଛାତ୍ରଛାତ୍ରୀ ତଥା ଗବେଷକଙ୍କ ଗବେଷଣା ପାଇଁ ସହାୟକ ହେବ।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



କଲମପୁର, ୨୦।୫(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ତେନ୍ତୁଳିଖୁଣ୍ଟି ଗ୍ରାମର ଜଣେ ଯୁବକଙ୍କ ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ମୃତକ ହେଲେ ତରୁଣ ମାଝିଙ୍କ ପୁଅ ତୁଳାରାମ ମାଝି (୨୫)। ସେଠାରେ ସେ ଏକାଧିକ ମହଲା ବିଶିଷ୍ଟ ଏକ ଘରର ତଳେ ପଡ଼ିଯିବାରୁ ଜୀବନ ଯାଇଛି। ପରିବାର ଲୋକେ ଶବ ଆଣିବାକୁ ଯାଇଛନ୍ତି।

## ସ୍ୱାମୀ ଆଗରେ ସ୍ତ୍ରୀର ମୃତ୍ୟୁ

ନୂଆପଡ଼ା, ୨୦।୫ (ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଏକତା ଛକରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କାରେ ସ୍ୱାମୀ ଆଗରେ ସ୍ତ୍ରୀର ଜୀବନ ଚାଲିଛି। ଦୁର୍ଘଟଣାରେ ସ୍ୱାମୀ ଗୁରୁତର ହୋଇପଡ଼ିଛନ୍ତି। ମୃତ ମହିଳା ଜଣକ ହେଲେ କୋମନା ଥାନା ଦର୍ଲିପଡ଼ା ପଞ୍ଚାୟତ ରେଙ୍ଗାବାହଲ ଗାଁର ରୁକ୍ମଣୀ ସାହୁ (୪୫)। ସ୍ୱାମୀ ଛବିଲାଲ ସାହୁ (୫୦) ଓ ରୁକ୍ମଣୀ ଏକ ବାଇକରେ ଘରୁ ବାହାରି ନୂଆପଡ଼ା ବ୍ଲକ ବୁଢ଼ୀପାଲି ପଞ୍ଚାୟତ ଜାମଲି ଗାଁ ଶ୍ୱଶୁର ଘରକୁ ଯାଉଥିଲେ। ସେହି ସମୟରେ ନୂଆପଡ଼ା ଏକତା ଛକଠାରେ ତାଙ୍କ ବାଇକକୁ ପଛ ପଟୁ ଆସୁଥିବା ଟ୍ରକ ଧକ୍କା ଦେବାରୁ ଉଭୟ ଦମ୍ପତି ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପୁଲିସ କର୍ମଚାରୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରୁକ୍ମଣୀଙ୍କୁ ମୃତ ଘୋଷଣା କରିଥିଲେ। ଛବିଲାଲଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା, ୨୦।୫(ସମିସ): ଭବାନୀପାଟଣା ସହରସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ମଙ୍ଗଳବାର ପ୍ରତ୍ୟୁଷରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ଶତ୍ରୁଘ୍ନ ସତନାମୀ (୪୫)। ସେ ସହରର ଇରିଗେସନ୍ କଲୋନୀର ବୋଲି ଜଣାପଡ଼ିଛି। ମଙ୍ଗଳବାର ସକାଳୁ ଶତ୍ରୁଘ୍ନ ଦୈନନ୍ଦିନ ନିତ୍ୟକର୍ମ ପାଇଁ ପାଖରେ ଥିବା ରାମ ସାଗର ପଡ଼ା ପୋଖରୀକୁ ଯାଇଥିଲେ। ଏହି ସମୟରେ ସେ ୨୬ ନମ୍ବର ଜାତୀୟ ରାଜପଥ ପାରି ହେବା ବେଳକୁ କେସିଙ୍ଗା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଏହାଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡ଼ା, ୨୦।୫(ସମିସ): ବୌଦ୍ଧ ଅବକାରୀ ବିଭାଗ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ମାଫିଆ ଫେରାର ମାରିଛି। ବାଉଁଶୁଣି ଥାନା ଜଡ଼ାପାଳ ଜଙ୍ଗଲ ନିକଟରେ ମଦ ପ୍ରସ୍ତୁତ ଚାଲିଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୧୮୦ କେଜି ମହୁଲ ପୋଚ ଓ ୧୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି।

## ବିଦ୍ୟୁତ୍ ବିଭାଗର ତଦନ୍ତ

ଶଗଡ଼ା, ୨୦।୫(ସମିସ): କନ୍ଧମାଳ ବ୍ଲକ ଲମ୍ବସରି ପଞ୍ଚାୟତ ବେହେରାପଡ଼ା ଗ୍ରାମ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଛେଳି ମୃତ୍ୟ ଘଟଣାର ତଦନ୍ତ ହୋଇଛି। ରେକଡୋଲ ଗ୍ରାମର ବିଶ୍ୱନାଥ କର୍ମୀଙ୍କ ଏକ ଛେଳିର ମୃତ୍ୟୁ ଘଟିଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ଛେଳିର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ମଙ୍ଗଳବାର ବିଦ୍ୟୁତ ବିଭାଗର ଏକ ଟିମ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି। ତେବେ ଗ୍ରାମର ବିରାସନ ବଗର୍ତ୍ତୀଙ୍କ ଘର ଭାଙ୍ଗି ଯାଇଥିବାରୁ ବିଦ୍ୟୁତ୍ ମିଟର ସହ ତାର ଝୁଲି ରହିଛି। ସେଠାକୁ ତଳେ ଝୁଲାଇ ତାର ନିଆଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ବିଦ୍ୟୁତ୍ ବିଭାଗ ଏସଡ଼ିଓ ଡିଲେଶ୍ୱର ଆଚାରୀ ସୂଚନା ଦେଇଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ କନ୍ଧମାଳ ଥାନାରେ ଅଭିଯୋଗ କରାଯାଇଛି।

## କବି ସତ୍ୟନାରାୟଣ ମଲ୍ଲିକ ସମ୍ବର୍ଦ୍ଧିତ

ଶଗଡ଼ା/ମନମୁଣ୍ଡା, ୨୦।୫(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗୋଛା ଗ୍ରାମର କବି ସତ୍ୟନାରାୟଣ ମଲ୍ଲିକଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ୱାର୍ଲ୍ଡ ଚାରିଟେବଲ ଫେୟାର ଫାଉଣ୍ଡେସନ ଦ୍ୱାରା ଆୟୋଜିତ ସମାବେଶରେ ଶ୍ରୀ ମାଲିକଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି।



## ଜିଲ୍ଲା ଜଜ୍‌ଙ୍କୁ ଓକିଲ ସଂଘର ସମ୍ବର୍ଦ୍ଧନା

**ବୀରମହାରାଜପୁର, ୨୦।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଓଲିଲ ସଂଘ ପକ୍ଷରୁ ନୂତନ ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାପତି ରାଧାକାନ୍ତ ମହାକୁଡଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୀରମହାରାଜପୁର ଏସଡିଜେଏମ୍ ପୁନନ୍ ସେଠ୍ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମହାପାତ୍ର, ଶଙ୍କର୍ଷଣ ପଣ୍ଡାଙ୍କ ସମତେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଜିଲ୍ଲା ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ନୂତନ ଜିଲ୍ଲା ଜଜ୍ ଶ୍ରୀ ସେନାପତି ବୀରମହାରାଜପୁରର ବିର ଓ ଜ୍ଞାନ ମାଟିରୁ କିଛି ଶିଖିବାର ଅଛି ବୋଲି କହିବା ସହ ଓକିଲ ଓ ବିଚାରପତି ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ କୋର୍ଟ ଠିକ୍ ଭାବରେ ଚାଲିପାରିବ ବୋଲି କହିଥିଲେ। ବରିଷ୍ଠ ଓକିଲ ଶ୍ରୀଧର ଦାସ, ବଳଦେବ ବେଦବାଗ, ସଂଘର ଉପସଭାପତି ସନ୍ତୋଷ କୁମାର ଚାନ୍ଦ, ଯତୀନକୁମାର ପାଣିଗ୍ରାହୀ, ଯୁଧିଷ୍ଠିର ସହୁ, ପ୍ରଦୀପ କୁମାର ରଥ, ଛବିଳ କର୍ଣ୍ଣ, ସବିତା ପଣ୍ଡା, କୁନ୍ଦନ ପଧାନ, ସତ୍ୟନାରାୟଣ ପୁରୋହିତ, ସଞ୍ଜୀବ ପଧାନ, ଚିତ୍ତ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ସମ୍ପାଦକ ଉମାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରାଇଭରଙ୍କ ଧର୍ମଘଟ ଯୋଗୁଁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ବନ୍ଦ

**ତରଭା, ୨୦।୫(ସମିସ):** ତରଭା ବ୍ଲକ ସମେତ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ (ଲକ୍ଷ୍ମୀବସ)ର ଡ୍ରାଇଭରମାନେ ଦରମା ବୃଦ୍ଧି ଦାବିରେ ଧର୍ମଘଟକୁ ଓହ୍ଲାଇଛନ୍ତି। ଏଣୁ ମଙ୍ଗଳବାର ଲକ୍ଷ୍ମୀବସ୍ ଚଳାଚଳ ବନ୍ଦ ରହିଛି। ତରଭା ବ୍ଲକରେ ଚଳାଚଳ କରୁଥିବା ୪ଟି ଯାକ ବସ୍ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଥିଲା। ବିନା ପୂର୍ବ ସୂଚନାରେ ଆନ୍ଦୋଳନ ଆରମ୍ଭ କରାଯାଇଥିବାରୁ ସାଧାରଣ ଯାତ୍ରୀ ଅସୁବିଧା ଭୋଗ କରିଛନ୍ତି। ରାଜ୍ୟ ଓଏସଆରଟିସି ମାଧ୍ୟମରେ ଆଉଟସୋର୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ବସରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ୧୫ ମାସ ହେଲା ଦରମା ବୃଦ୍ଧି କରିବା ପାଇଁ ବିଭାଗ ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆ ନ ଯିବାରୁ ଡ୍ରାଇଭରମାନେ ଧର୍ମଘଟ ଡାକରା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବସ ଚଳାଉଥିବା ଡ୍ରାଇଭରମାନଙ୍କୁ ଦିଆ ଯାଉଥିବା ଦରମା ୧୮ହଜାର ଟଙ୍କାରୁ କଟି ବର୍ତ୍ତମାନ ୧୩, ୫୦୦ଟଙ୍କା ଦିଆଯାଉଛି। ଦରମା ବୃଦ୍ଧି ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ନା ଏ ଦିଗରେ ଆଉଟ ସୋର୍ସିଂ ସଂସ୍ଥା ନା ଓ ଏସଆରଟିସି ଦୃଷ୍ଟି ଦେଉଛି। ତେବେ ମୁଖ୍ୟମନ୍ତ୍ରୀ ବସ୍ କାହିଁକି ଚଳାଚଳ କରୁନାହିଁ ବୋଲି ଭାରପ୍ରାପ୍ତ ବିଡ଼ିଓ ନିରଞ୍ଜନ ନାଏକଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

## ନିର୍ମାଣାଧୀନ ଡିଏଚ୍‌ଏଚ୍ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ



**ବୌଦ୍ଧ, ୨୦।୫(ସମିସ):** ବୌଦ୍ଧରେ ନିର୍ମାଣାଧୀନ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍‌ଏଚ୍) ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ସୁବ୍ରତ ପଣ୍ଡା। ଜୁନ ଶେଷ ସୁଦ୍ଧା ଡାକ୍ତରଖାନା ଶୁଭାରମ୍ଭ ପାଇଁ ଧାର୍ଯ୍ୟ ରଖା ଯାଇଛି। ଜିଲ୍ଲାପାଳ ନିର୍ମାଣ କାମ ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ସହ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନେଇ ନିର୍ମାଣାଧୀନ ଡାକ୍ତରଖାନା ପରିସରରେ ଏକ ବୈଠକରେ ସମୀକ୍ଷା କରିଥିଲେ। ସମସ୍ତ ବିଭାଗ ନିଜ ନିଜ କାର୍ଯ୍ୟ ତୁରନ୍ତ ସାରିବାକୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଜିଲ୍ଲା ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ଚନ୍ଦ୍ର ପଟ୍ଟନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଳସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ (ଜିଇଡି) ପଦ୍ମାଳୟା ଦେହୁରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର, ସାହୁ, ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦର୍ପଣ ସାଗରକୁ ଜୀବନ୍ୟାସ ପାଇଁ ପ୍ରୟାସ

- ଅଣ୍ଟା ଭିଡି କାମରେ ଲାଗିଲେ ଅଞ୍ଚଳବାସୀ
- ପୁରାତନ ଜଳାଶୟର ସୁରକ୍ଷା ପାଇଁ ଶପଥ

ଭବାନୀପାଟଣା, ୨୦।୫(ସମିସ):



ଦର୍ପଣ ସାଗର ହେଉଛି ଭବାନୀପାଟଣାର ଅନେକଗୁଡିଏ ଜଳାଶୟ ମଧ୍ୟରୁ ଅନ୍ୟତମ। ଏହା ଉପରେ ସହରର ୧୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ବହୁ ପୂର୍ବରୁ କଳାହାଣ୍ଡି ରାଜାଙ୍କ ଦ୍ୱାରା ନିର୍ମିତ ଏହି ଜଳାଶୟ ଭବାନୀପାଟଣାସହରର ଏକ ପ୍ରମୁଖ ଅଞ୍ଚଳ ପାଇଁ ଜୀବନ ରେଖା ପାଲଟିଥିଲା; କିନ୍ତୁ ଏହାର ଅସ୍ତିତ୍ୱ ହଜି ହଜି ଯାଉଛି। ଏହାର ଶଯ୍ୟାକୁ କବଳିତ କରିବା ଉଦ୍‌ବେଗର କାରଣ ସାଜିଛି। ଏହି ପୋଖରୀ ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ଏହାକୁ ଜମିରେ ପରିଣତ କରି ବିକ୍ରି କରିବା ପାଇଁ ଅପଚେଷ୍ଟା ଚାଲିଛି। ପୂର୍ବରୁ ଏ ନେଇ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ନେଇଛନ୍ତି। ଏହି ଜଳାଶୟର ସୁରକ୍ଷା ପାଇଁ ନିବେଦନ ମଧ୍ୟ କରାଯାଇଥିଲା। ତେବେ ତାହାର ସୁଫଳ ମିଳି ପାରିନାହିଁ। ତେଣୁ ବାଧ୍ୟ ହୋଇ ଶହ ଶହ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ଶ୍ରମଦାନ କରି କଟା ଯାଇଥିବା ଏହାର ହୁଡ଼ାକୁ ମାଟି ପକାଇ ବନ୍ଦ କରିଛନ୍ତି। ଦର୍ପଣ ସାଗର ସୁରକ୍ଷା ସଂଗ୍ରାମ ସମିତି, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ, ଜନ୍ମ ମାଟି ସୁରକ୍ଷା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବାସିନ୍ଦା ଓ ଏହି ସଂଗଠନର କର୍ମୀମାନେ ସକାଳ ୬ରେ ସେଠାରେ ଏକାଠି ହୋଇ ଶ୍ରମଦାନ କରିଥିଲେ। ଏଥିରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ତଥା ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲ୍ଲା ଆବାହକ ଜ୍ୟୋସ୍ନା ବଗର୍ତ୍ତି, ବେଣୁ ଦୁର୍ଗା, ମନ୍ଦାକିନୀ ବଣ୍ଡୁଆ, ଦର୍ପଣ ସାଗର ସୁରକ୍ଷା ସଂଗ୍ରାମ ସମିତିର ସଭାପତି ସନ୍ତୋଷ ଧଙ୍ଗଡ଼ା ମାଝୀ, ଜନ୍ମମାଟି ସୁରକ୍ଷା ସଂଗ୍ରାମ ସମିତିର ସଭାପତି ବିଜୟ ସାହୁ ଓ ଆବାହକ ଗିରିଧାରୀ ପାତ୍ର, ସୁରେଶ ମାଝୀ, ପ୍ରଦୀପ ନାୟକ, ଯୋଗେଶ୍ୱରି ଧଙ୍ଗଡ଼ା ମାଝି ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏହି ଜଳାଶୟ ସମେତ ସହରର ଅନ୍ୟ ପୋଖରୀ ଗୁଡ଼ିକର ସୁରକ୍ଷା ପାଇଁ ଦାବି କରିଥିଲେ।

# ସ୍ୱର୍ଣ୍ଣ ମନ୍ଦିରରେ ଅସ୍ତ୍ର ମୁତୟନ ପାଇଁ ଅନୁମତି ଦିଆଯାଇନି



ଅମୃତସର,୨୦।୫(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ପାକ୍ ସେନା ଅମୃତସର ସ୍ୱର୍ଣ୍ଣ ମନ୍ଦିର ଉପରେ ଜୋରଦାର ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସ୍ୱର୍ଣ୍ଣମନ୍ଦିରକୁ ଟାର୍ଗେଟ କରି ପାକିସ୍ତାନ ସେନା ବହୁ ଡ୍ରୋନ୍ ଛାଡିଥିଲେହେଁ ଏହାକୁ ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିଦେଇଥିଲା। ସ୍ୱର୍ଣ୍ଣ ମନ୍ଦିରକୁ ସୁରକ୍ଷିତ ରଖିବାକୁ ଏହା ପରିସରରେ ଏୟାର ଡିଫେନ୍ସ ଗନ୍ ମୁତୟନ କରାଯାଇଥିଲା ବୋଲି ଭାରତୀୟ ସେନାର ଏୟାର ଡିଫେନ୍ସ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ କହିଥିଲେ। କିନ୍ତୁ ମନ୍ଦିର ପରିସରରେ କୌଣସି ଅସ୍ତ୍ରଶସ୍ତ୍ର ମୁତୟନ କରିବାକୁ ଅନୁମତି ଦିଆଯାଇ ନାହିଁ ବୋଲି ସ୍ୱର୍ଣ୍ଣମନ୍ଦିର ମୁଖ୍ୟ ଗ୍ରନ୍ଥୀ ବା ପୂଜକ କହିଛନ୍ତି। ଅପରେସନ ସିନ୍ଦୂର ବେଳେ ସ୍ୱର୍ଣ୍ଣମନ୍ଦିର ପରିସରକୁ ସୁରକ୍ଷା ଦେବା ଲାଗି ଏୟାର ଡିଫେନ୍ସ ଗନ୍ ମୁତୟନ କରାଯିବା ସହିତ ଏଠାରେ ସମସ୍ତ ଆଲୁଅ ବନ୍ଦ କରିଦିଆଯାଇଥିଲା। ସ୍ୱର୍ଣ୍ଣମନ୍ଦିର ଭିତରେ ଅସ୍ତ୍ର ମୁତୟନ କରିବାକୁ ମନ୍ଦିର କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ ଯାହାକି ବିରଳ ଘଟଣା ଥିଲା ବୋଲି ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ କହିଥିଲେ। କିନ୍ତୁ ତାଙ୍କର ଏହି ଟିପ୍ପଣୀ ପରେ ମନ୍ଦିର ମୁଖ୍ୟ ଗ୍ରନ୍ଥୀ ଅସ୍ୱୀକାର କରିଛନ୍ତି। ମନ୍ଦିର କମିଟି ପକ୍ଷରୁ ସେମାନଙ୍କୁ ଏଭଳି କୌଣସି ଅନୁମତି ଦିଆଯାଇ ନାହିଁ ବୋଲି ସେ କହିଛନ୍ତି।

■ ସର୍ବଦଳୀୟ ସଂସଦୀୟ କମିଟି

## ୟୁସୁଫଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ ସାମିଲ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ସୀମାପାର ଆତଙ୍କବାଦକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସର୍ବଦଳୀୟ ସଂସଦୀୟ କମିଟି ଗଠନ କରିଛି। ତେବେ ୭ଟି ପ୍ରତିନିଧିମଣ୍ଡଳରେ ଥିବା ସଦସ୍ୟଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ପରେ ଟିଏମସି ଏହା ଉପରେ ପ୍ରଶ୍ନ ଉଠାଇଛି। ଟିଏମସି ସାଂସଦ ୟୁସୁଫ ପଠାନ ଏହି ଦଳରୁ ଓହରିଯିବା ପରେ ରାଜନୀତି ତେଜିଛି। ଦଳର ବିନା ଅନୁମତିରେ କେନ୍ଦ୍ର ସାଂସଦଙ୍କୁ ଟିମ୍‌ରେ ସାମିଲ କରିଥିଲା ବୋଲି ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ କହିଥିଲେ। କେନ୍ଦ୍ର ଯୋଗାଯୋଗ କଲେ ସେ ଜବାବ ଦେବେ ବୋଲି ଉଲ୍ଲେଖ କରିଥିଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ମଙ୍ଗଳବାର ମମତାଙ୍କ ସହ କଥା ହୋଇଥିଲେ। ଏବେ ଟିଏମ୍‌ସି ୟୁସୁଫଙ୍କ ସ୍ଥାନରେ ଅଭିଷେକଙ୍କୁ ଏହି ଟିମ୍‌ରେ ସାମିଲ କରିଛି। ରିଜିଜୁ ନିଜେ ଏହି ସୂଚନା ଦେଇଛନ୍ତି। ତେବେ ଏହି ପ୍ରତିନିଧିମଣ୍ଡଳ କେବେ ବିଦେଶ ଗସ୍ତ କରିବ ତାହାର ସୂଚନା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

## ଗୁଇନ୍ଦା ବିଭାଗ ମୁଖ୍ୟ ତପନ ଡେକାଙ୍କ କାର୍ଯ୍ୟକାଳ ବୃଦ୍ଧି



ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): କେନ୍ଦ୍ର ସରକାର ଗୁଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ କୁମାର ଡେକାଙ୍କ କାର୍ଯ୍ୟକାଳକୁ ବର୍ଷେ ପାଇଁ ବଢ଼ାଇ ଦେଇଛନ୍ତି। କ୍ୟାବିନେଟ ନିଯୁକ୍ତି କମିଟି ଏହାକୁ ମଞ୍ଜୁରୀ ଦେଇଛି। ଜୁନ୍ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ୧୯୮୮ ବ୍ୟାଚ୍‌ର ଆଇପିଏସ ଅଧିକାରୀ ଶ୍ରୀ ଡେକା ଏବେ ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଏବେ ଆତଙ୍କବାଦ, ସାଇବର-ୱାରଫେୟାର, ଆର୍ଥିକ ଅପରାଧ ଆଦି ସମ୍ବନ୍ଧିତ ମାମଲାରେ ଏଜେନ୍ସି କାର୍ଯ୍ୟ ଜାରି ରହିଥିବାବେଳେ ସରକାର ପ୍ରମୁଖ ପଦରେ କୌଣସି ପରିବର୍ତ୍ତନ ଚାହୁଁନାହାନ୍ତି। ସୂଚନାଯୋଗ୍ୟ ଯେ ୨୦୨୨ରେ ଡେକାଙ୍କୁ ୨ ବର୍ଷ ପାଇଁ ଆଇବି ମୁଖ୍ୟ ନିଯୁକ୍ତ କରାଯାଇଥିଲା।

## ଇସ୍ରାଏଲ ଉପରେ ଲାଗିଲା ବ୍ରିଟେନର କଟକଣା

ତେଲ ଆଭିଭ, ୨୦।୫ (ଏଜେନ୍ସି): ପାଶ୍ଚାତ୍ୟ ଦେଶଗୁଡିକ ଖୋଲାଖୋଲି ଭାବେ ଇସ୍ରାଏଲକୁ ବିରୋଧ କରିବା ଆରମ୍ଭ କରିଦେଇଛନ୍ତି। ଗାଜାରେ ଯୁଦ୍ଧ ରୋକିବାକୁ ନେଇ ବ୍ରିଟେନ, ଫ୍ରାନ୍ସ ଏବଂ କାନାଡ଼ା ଇସ୍ରାଏଲକୁ କହିଛନ୍ତି। ଏପରି ନ କଲେ ତେଲ ଆଭିଭ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ମିଳିତ ବିବୃତ୍ତି ଜାରି କରି ତିନି ଦେଶ କହିଛନ୍ତି ଯେ ଇସ୍ରାଏଲ ରବିବାର ଗାଜାକୁ ପଠାଇଥିବା ସହାୟତା ଯଥେଷ୍ଟ ନୁହେଁ। ଏହା ସହିତ ବନ୍ଦୀ ବନାଇ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଶୀଘ୍ର ମୁକ୍ତି କରିବା ପାଇଁ ଆତଙ୍କବାଦୀ ସଂଗଠନ ହମାସକୁ କହିଛନ୍ତି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହି ତିନି ଦେଶକୁ କଡ଼ା ଜବାବ ଦେଇଛନ୍ତି।

# ୟୁଟ୍ୟୁବରଙ୍କୁ ଅସ୍ତ୍ର କରିଥିଲା ପାକିସ୍ତାନ

■ ଭାରତୀୟ ଏଜେଣ୍ଟଙ୍କୁ ଧରାଉଥିଲେ ଜ୍ୟୋତି
■ ଆଇଏସ୍‌ଆଇ ଏଜେଣ୍ଟ ସହ ସାମ୍ନାକୁ ଆସିଲା ଚାଟ୍
■ କ୍ଲାଉଡ୍ ଷ୍ଟୋରେଜରୁ ମିଳିଲା ଭାରତୀୟ ସେନା ଠିକଣା



ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ନାମ ଯେମିତି କାମ ତା'ର ବିପରୀତ। ଦେଶକୁ ଜ୍ୟୋତି ଦେଖାଇବା ପରିବର୍ତ୍ତେ ଅନ୍ଧାରରେ ରଖିଥିଲେ। ଶତ୍ରୁକୁ ଗୁପ୍ତ ସୂଚନା ଦେଇ ଦେଶ ସହ ବିଶ୍ୱାସଘାତ କରିଥିଲେ। ଭାରତର ସୁରକ୍ଷାକୁ ବିପଦରେ ପକାଇ ଟଙ୍କା ଏବଂ ବିଳାଶପୂର୍ଣ୍ଣ ଜୀବନଯାପନ ପାଇଁ ପାକିସ୍ତାନର ଗୁପ୍ତଚର ସାଜିଥିଲେ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା। ଆଉ ଆତଙ୍କବାଦୀଙ୍କୁ ସହାୟତା କରୁଥିବା ପାକିସ୍ତାନ ତାଙ୍କୁ ଭାରତ ବିରୋଧରେ ପ୍ରୟୋଗ କରୁଥିଲା। ଭାରତୀୟ ଅଣ୍ଡରକଭର ଏଜେଣ୍ଟଙ୍କୁ ଚିହ୍ନଟ କରିବାରେ ବ୍ୟବହାର କରୁଥିଲା। ୫ ଦିନ ପାଇଁ ପୁଲିସ ହେପାଜତରେ ଥିବା ଜ୍ୟୋତି ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଏନଆଇଏ, ଗୁଇନ୍ଦା ବିଭାଗ (ଆଇବି) ଏବଂ ହରିୟାଣା ପୁଲିସର ମିଳିତ ଟିମ୍ ତାଙ୍କୁ ଏବେ ଜେରା କରୁଛି। ଜ୍ୟୋତିଙ୍କ ଘରୁ ପୁଲିସ ଏକ ଡାଏରୀ ମଧ ଜବତ କରିଛି। ଏଥିରେ ସେ ନିଜ ଅନ୍ତର୍ଜାତୀୟ ଗସ୍ତ ବିଷୟରେ ଲେଖିଛନ୍ତି। ଏହି ଡାଏରୀରେ ୧୦-୧୧ ପୃଷ୍ଠା ରହିଛି। ୮ ପୃଷ୍ଠା ଇଂରାଜୀ ଏବଂ ହିନ୍ଦୀରେ ଲେଖାଥିବା ୩ ପୃଷ୍ଠାରେ ପାକିସ୍ତାନ ବିଷୟରେ ଲେଖାଯାଇଛି। ଏଥିରେ ଅନେକ ଗୁମର ଥାଇପାରେ ବୋଲି କୁହାଯାଉଛି। ଏହି ଡାଏରୀରେ ସବିତାଙ୍କ ନାମ ରହିଛି। ସେ କିଏ? ଜ୍ୟୋତିଙ୍କ ପରିବାର ସହ ତାଙ୍କର କ'ଣ ସମ୍ପର୍କ ତାହା ଜାଣିବା ପାଇଁ ଏଜେନ୍ସି ପ୍ରୟାସ କରୁଛି।

ଏହା ମଧ୍ୟରେ ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାମ କରୁଥିବା ଅଲି ହାସନଙ୍କ ସହ ଜ୍ୟୋତି ହ୍ୱାଟସ୍‌ଆପ୍‌ରେ କଥା ହେଉଥିବା ସାମ୍ନାକୁ ଆସିଛି। ଏଥିରେ ସେ ଭାରତର ଅଣ୍ଡରକଭର ଅପରେସନ ବିଷୟରେ ଆଲୋଚନା କରୁଛନ୍ତି। ହାସନ ପଚାରୁଛି ଯେ ଅଟାରୀ ସୀମାକୁ ଯାତ୍ରା ସମୟରେ କୌଣସି ଅଣ୍ଡରକଭର ଏଜେଣ୍ଟଙ୍କୁ ଦେଖିଥିଲେ କି? କାହାକୁ ସ୍ୱତନ୍ତ୍ର ପ୍ରୋଟୋକଲ ମିଳିଥିଲା କି? ଏହାର ଉତ୍ତରରେ ଜ୍ୟୋତି ନା କହିଥିଲେ। ସେମାନେ ଏତେ ମୂର୍ଖ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ନେଇ ଭାରତୀୟ ଏଜେନ୍ସିଙ୍କ ଚିନ୍ତା ବଢ଼ିଛି। ଭାରତୀୟ ଏଜେଣ୍ଟଙ୍କୁ ଚିହ୍ନଟ କରିବା ପାଇଁ ପାକିସ୍ତାନ ଜ୍ୟୋତିଙ୍କୁ ବ୍ୟବହାର କରୁଥିଲା ବୋଲି ସେମାନେ ଆଶଙ୍କା କରୁଛନ୍ତି। ସୀମାରେ ଥିବା ଗୁପ୍ତଚର ନେଟୱର୍କର ସେ ଅଂଶ ଥିଲେ କି ନାହିଁ ତାହା ଜାଣିବାକୁ ଭାରତୀୟ ଏଜେନ୍ସି ଗୁଡିକ ପ୍ରୟାସ କରୁଛନ୍ତି। ସୋମବାର ଜେରା ସମୟରେ ଜ୍ୟୋତିଙ୍କୁ ଆତଙ୍କବାଦୀଙ୍କ ସହ ଲିଙ୍କ ନେଇ ପଚରା ଯାଇଥିଲା। ଏହି ସମୟରେ ତାଙ୍କ ସ୍ମାର୍ଟଫୋନ ଏବଂ ଲାପଟପ୍‌ର ଡିଜିଟାଲ ଫରେନସିକ ଯାଞ୍ଚ କରାଯାଇଥିଲା। ତାଙ୍କ କ୍ଲାଉଡ ଷ୍ଟୋରେଜରେ ବିଏସ୍‌ଏଫ୍ କାର୍ଯ୍ୟକଳାପ, ରାଡାର ଲୋକେସନ, ହାଇ ସିକ୍ୟୁରିଟି ଜୋନ୍ ଦେଖାଯାଉଥିବା ଅନେକ ଭିଡିଓ ମିଳିଥିଲା। ସେହିପରି ସେ ଏକ ଅନ୍ତର୍ଜାତୀୟ ନମ୍ବର ଏବଂ ଦିଲ୍ଲୀ ସ୍ଥିତ ପାକିସ୍ତାନ ଦୂତାବାସ ସହ କ୍ରମାଗତ ଭାବେ ଯୋଗାଯୋଗରେ ଥିଲେ ବୋଲି କଲ୍ ବିବରଣୀରୁ ଜଣାପଡ଼ିଛି। ସେ ଭାରତରୁ ବହିଷ୍କୃତ ପାକିସ୍ତାନ ଉଚ୍ଚାୟୁକ୍ତ ଦାନିଶଙ୍କ ସମ୍ବନ୍ଧିତ ଜାଲ୍ ପ୍ରୋଫାଇଲ ସହ ଚାଟ୍ ଏବଂ ଗ୍ରୁପରେ ସାମିଲ ଥିଲେ ବୋଲି ଜଣାପଡ଼ିଛି। ପୋଷ୍ଟ କରିଥିବା ଭିଡିଓର ମେଟା ଡାଟା ଅନୁଯାୟୀ ସାଧାରଣ ନାଗରିକଙ୍କ ପାଇଁ ନିଷିଦ୍ଧ ଥିବା ପାକିସ୍ତାନୀ ଅଞ୍ଚଳକୁ ଯାଇଥିଲେ। ପାକିସ୍ତାନୀ ଆଇପିରୁ ଜ୍ୟୋତିଙ୍କ ଜିମେଲ ଖୋଲା ଯାଇଥିଲା ବୋଲି ମଧ ଜଣାପଡ଼ିଛି। ଅନ୍ୟପକ୍ଷରେ ପାକିସ୍ତାନ ସୀମାକୁ ଲାଗି ରହିଥିବା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଡମେରର ମୁନାବାଓ ରେଳ ଷ୍ଟେସନର ଭିଡିଓ ସେ ବନାଇ ଥିଲେ ବୋଲି ଜଣା ପଡିଛି। ଏଥିରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ସୂଚନା ପ୍ରଦାନ କରିଥିଲେ।

ସୁପ୍ରିମ କୋର୍ଟରେ ୱାକଫ୍ ଶୁଣାଣି

# କୋର୍ଟ ହସ୍ତକ୍ଷେପ ପାଇଁ ଠୋସ୍ କାରଣ ଦରକାର: ପ୍ରଧାନ ବିଚାରପତି



■ ଶୁଣାଣି ତିନିଟି ପ୍ରସଙ୍ଗରେ ହିଁ ସୀମିତ ରହୁ: ସରକାର
■ ବିରୋଧ କଲେ ଆବେଦନକାରୀ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ବିବାଦୀୟ ୱାକଫ୍ ସଂଶୋଧନ ଆଇନକୁ ବିରୋଧ କରି ଆଗତ ପିଟିସନ ଉପରେ ଆଜି ସୁପ୍ରିମ କୋର୍ଟରେ ପୁଣି ଶୁଣାଣି ଆରମ୍ଭ ହୋଇଛି। ଆବେଦନକାରୀମାନଙ୍କ ପକ୍ଷରୁ ଏହି ଆଇନ ବିରୋଧରେ ଯୁକ୍ତି ଉପସ୍ଥାପନ କରାଯିବା ସହିତ ଦାବି କରାଯାଇଥିଲା ଯେ ଏହି ଆଇନ ଅସାମ୍ବିଧାନିକ ହୋଇଥିବାରୁ ଏହା ଉପରେ ରୋକ୍ ଲଗାଯାଉ। ଏହି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇ କହିଲେ ଯେ ସଂସଦର ଅନୁମୋଦନ ପରେ ଏହି ଆଇନ ପ୍ରସ୍ତୁତ ହୋଇଛି। ତେଣୁ ଠୋସ୍ କାରଣ ନଥିଲେ ଏହି ମାମଲାରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ। ଜଷ୍ଟିସ ଗଭାଇଙ୍କ ଅଧକ୍ଷତାରେ ଗଠିତ ଏହି ଦୁଇ ଜଣିଆ ବେଞ୍ଚରେ ଜଷ୍ଟିସ ଏଜି ମସିହ ମଧ ଅଛନ୍ତି।

ଆଜି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ଭାରତ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ମାମଲାର ଶୁଣାଣି ଆଇନର ତିନିଟି ବ୍ୟବସ୍ଥାରେ ସୀମିତ ରହିବା ଉଚିତ। ପ୍ରଥମଟି ହେଲା ୱାକଫ୍ ବାଇ ୟୁଜର୍ସ, ଦ୍ୱିତୀୟଟି ହେଲା ୱକଫ ବୋର୍ଡ ଓ ପରିଷଦରେ ଅଣମୁସଲିମଙ୍କ ମନୋନୟନ ଏବଂ ତୃତୀୟ ପ୍ରସଙ୍ଗଟି ହେଉଛି ୱାକଫରେ ସରକାରୀ ଜମିର ଚିହ୍ନଟୀକରଣ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନାଙ୍କ ବେଞ୍ଚ ଏହି ତିନିଟି ବିନ୍ଦୁ ଉପରେ ଫୋକସ୍ କରିଥିଲେ। କେନ୍ଦ୍ର ସରକାର ଏହି ତିନିଟି ପ୍ରସଙ୍ଗ ଉପରେ ତାଙ୍କର ଉତ୍ତର ମଧ ଦାଖଲ କରିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ ଏବଂ ଅଭିଷେକ ମନୁସିଂହଭୀ ଏହାର ବିରୋଧ କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ଏହି ଆଇନରେ ଅନେକ ଅସାମ୍ବିଧାନିକ ବ୍ୟବସ୍ଥା ରହିଛି ଏବଂ ଏହା ଉପରେ ବିଚାର ହେବା ଉଚିତ। ମାମଲା ତିନିଟି ପ୍ରସଙ୍ଗରେ ସୀମିତ ରହିପାରିବ ନାହିଁ। ଯୁକ୍ତି ଆରମ୍ଭ କରି କପିଲ ଶିବଲ କହିଲେ, ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୱାକଫ୍ ସଂପତ୍ତିକୁ ଛଡ଼ାଇନେବା। ନୂଆ ଆଇନ ବ୍ୟବସ୍ଥାରେ କୌଣସି ବ୍ୟକ୍ତି ବା ଗ୍ରାମ କମିଟି ଅଭିଯୋଗ ଆଣିବା ମାତ୍ରେ ସେହି ସଂପତ୍ତି ଆଉ ୱାକଫ୍ ହୋଇ ରହିପାରିବ ନାହିଁ। ସରକାରୀ ଅଧିକାରୀ ବିଚାରପତିର ଭୂମିକା ନେଇ ସରକାରଙ୍କ ସପକ୍ଷରେ ରାୟ ଦେବେ। ସେ କହିଲେ ଯେ ୱାକଫ୍ ଏକ ଧର୍ମନିରପେକ୍ଷ ବ୍ୟବସ୍ଥା ନୁହେଁ। ଜଣେ ମୁସଲିମ ଭଗବାନଙ୍କ ନାମରେ ତାର ସଂପତ୍ତିକୁ ଉତ୍ସର୍ଗ କରିଛି। ଏହା ହେଉଛି ମୁସଲମାନଙ୍କ ସଂପତ୍ତି ଏବଂ ଏହାର ପରିଚାଳନା ବ୍ୟବସ୍ଥାରେ ଅଣ-ମୁସଲିମ ବ୍ୟକ୍ତିଙ୍କର କୌଣସି ଭୂମିକା ରହିବା ଉଚିତ ନୁହେଁ। କିନ୍ତୁ ୱାକଫ୍ ପରିଚାଳନାକୁ ନୂଆ ଆଇନରେ ମୁସଲମାନଙ୍କ ହାତରୁ କାଢ଼ି ନିଆଯାଇଛି।


ଆବେଦନକାରୀଙ୍କ ପକ୍ଷରୁ ଅନ୍ୟତମ ଆଡଭୋକେଟ୍ ଅଭିଶେକ ସିଂହଭୀ କହିଥିଲେ ଯେ ନୂଆ ଆଇନରେ ୱାକଫ୍ ପଞ୍ଜୀକରଣ ପାଇଁ ବ୍ୟବସ୍ଥାକୁ ଏମିତି ଜଟିଳ କରାଯାଇଛି ଯେ ଜଣେ ବ୍ୟକ୍ତି ଜୀବନସାରା ଅଫିସ ଦୌଡୁଥିବ। ୱାକଫ୍ ସଂପତ୍ତି ଉପରେ ପ୍ରଶ୍ନ ଉଠିବା ମାତ୍ରେ ଏହା ୱାକଫ୍ ହୋଇ ଆଉ ରହିବନାହିଁ। କେବଳ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରାଯାଉଛି। ଦେବୋତ୍ତର ସଂପତ୍ତି ସବୁ ଧର୍ମରେ ରହିଛି। କିନ୍ତୁ ଦାନ ପାଇଁ କାହାକୁ ନିଜର ଧର୍ମର ପ୍ରମାଣ ଲାଗି ସର୍ତ୍ତ ରଖାଯାଇ ନାହିଁ। ଯଦି ଅନ୍ୟ ଧର୍ମରେ ନାହିଁ, ତେବେ ମୁସଲିମଙ୍କ ପାଇଁ ୱାକଫରେ ଏଭଳି ବ୍ୟବସ୍ଥା କଣ ପାଇଁ ବୋଲି ସେ ପ୍ରଶ୍ନ କରିଥିଲେ। ମାମଲାର ଶୁଣାଣି ଆସନ୍ତାକାଲି ମଧ ଜାରି ରହିବ।

ସୂଚନାଯୋଗ୍ୟ ଯେ ଗତମାସ ଠାରୁ ଲାଗୁ ହୋଇଥିବା ୱାକଫ୍ ସଂଶୋଧନ ଆଇନକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଛି। ଅନେକ ମୁସଲିମ ସଂସ୍ଥା ଅଭିଯୋଗ କରିଛନ୍ତି ଯେ ନୂଆ ଆଇନ ହେଉଛି ମୁସଲମାନଙ୍କ ଅଧିକାର ଉପରେ ଆକ୍ରମଣ। ୱାକଫ୍ ସଂପତ୍ତି ହଡ଼ପ କରିବା ଉଦ୍ଦେଶ୍ୟରେ ଏହି ଆଇନ ତିଆରି କରାଯାଇଛି। ଅନ୍ୟପକ୍ଷରେ ସରକାର ଯୁକ୍ତି କରିଛନ୍ତି ଯେ ୱାକଫ୍ ସଂପତ୍ତି ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବୀ କରିବା ଲାଗି ନୂଆ ଆଇନ ଜରୁରୀ। ସୁପ୍ରିମ କୋର୍ଟରେ ଏହି ମାମଲା ପହଞ୍ଚିବା ପରେ କୋର୍ଟ ନୂଆ ଆଇନର ତିନିଟି ବ୍ୟବସ୍ଥା ଉପରେ ମଧ୍ୟବର୍ତ୍ତିକାଳୀନ ରୋକ୍ ଲାଗଇଥିଲେ।

# ବେଙ୍ଗାଲୁରୁରେ ପ୍ରବଳ ବର୍ଷା: ୫ ମୃତ

ବେଙ୍ଗାଲୁରୁ, ୨୦।୫ (ଏଜେନ୍ସି): ଭାରତର ସିଲିକନ୍ ଭ୍ୟାଲି ଭାବେ ପରିଚିତ ବେଙ୍ଗାଲୁରୁ ପ୍ରବଳ ବର୍ଷାରେ ବେହାଲ ହୋଇଯାଇଛି। ଏହି ସହରର ଭିତ୍ତିଭୂମି ବ୍ୟବସ୍ଥାର ଦୁର୍ବଳ ଚିତ୍ରକୁ ବର୍ଷା ପଦାରେ ପକାଇ ଦେଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ସହରର ପ୍ରାୟ ସବୁ ରାସ୍ତାଘାଟ ଜଳମୟ ହୋଇଯାଇଛି। ଲୋକେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଭୟରେ କେହି ଘରୁ ବାହାରୁ ନାହାନ୍ତି। ତଥାପି ବି ଯନ୍ତ୍ରଣାରୁ ଲୋକେ ନିସ୍ତାର ପାଉ ନାହାନ୍ତି। ଗତ ତିନି ଦିନ ହେଲା ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଘରେ ବି ପାଣି ପଶି ଯାଇଛି। ଘର ଭିତରେ ଅଣ୍ଟେ ଅଣ୍ଟେ ପାଣି ଲହରୀ ମାରୁଛି। ୫୦୦ରୁ ଅଧିକ ଘରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଗଲାଣି। ବିଟିଏମ ଲେଆଉଟରେ ପାଣି ଭର୍ତ୍ତି ହୋଇଯିବାରୁ କରେଣ୍ଟ ଲାଗି ୧୨ ବର୍ଷୀୟ ଶିଶୁ ଏବଂ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ହ୍ୱାଇଟଫିଲ୍ଡରେ କାନ୍ଥ ପଡ଼ି ଜଣେ ମହିଳା ପ୍ରାଣ ହରାଇଛନ୍ତି। ଆଜି ମଧ ସ୍ଥିତି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କାରଣ ପାଣିପାଗ ବିଭାଗ ବର୍ଷାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି। ଏବେ ହେବଲ ଜଙ୍କସନ, ଆଉଟର ରିଙ୍ଗ ରୋଡ, ହୋସର ରୋଡ, ବୋମାନାହାଲି, ଟିଣ୍ଡଲୁ ଅଣ୍ଡରପାସ, କରମଙ୍ଗଲ, ସିଲ୍କ ବୋର୍ଡ ଜଙ୍କସନ, ହେନୁର, ଟିଣ୍ଡଲୁ ଅଣ୍ଡରପାସ, ରେସିଡେନ୍ସ ରୋଡ ଆଦିରେ ପାଣି ଜମିଥିବାବେଳେ ବର୍ଷା ହେଲା ସ୍ଥିତି ଆହୁରି ବିଗିଡି ଯିବାର ସମ୍ଭାବନା ରହିଛି। ଏହା ମଧ୍ୟରେ କମ୍ପାନୀ ଗୁଡିକ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କହିଛନ୍ତି। ତେବେ ସହରରେ ଆସିଥିବା ଏହି କୃତ୍ରିମ ବନ୍ୟା ଯୋଗୁଁ ଦରଦାମ ବୃଦ୍ଧି ପାଇଛି। କ୍ୟାବ୍, ଅଟୋ ଆଦି ଭଡ଼ା ୩୦ରୁ ୭୦ ପ୍ରତିଶତ ବଢ଼ି ଯାଇଛି। ବହୁତ କମ ଅଟୋ ଉପଲବ୍ଧ ରହୁଛି। ବନ୍ୟା ସ୍ଥିତି ଯୋଗୁଁ ଅନେକ ରାସ୍ତାଘାଟ ମଧ ବନ୍ଦ ରହିଛି। ଅନ୍ୟପକ୍ଷରେ ଝଡ଼ ତୋଫାନକୁ ନେଇ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ସମେତ ୧୧ ରାଜ୍ୟକୁ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ବଜ୍ରପାତରେ ଝାଡ଼ଖଣ୍ଡରେ ୫ ଜଣ, ଏବଂ ମହାରାଷ୍ଟ୍ରରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବର୍ଷା ତାମିଲନାଡୁରେ ୨ ଜଣଙ୍କ ଜୀବନ ନେଇଛି।

# ପାକିସ୍ତାନର ସବୁ ସ୍ଥାନକୁ ଟାର୍ଗେଟ କରିପାରିବ ଭାରତ




■ ପାକ୍ ସେନା ନିଜ ସୁରକ୍ଷା ପାଇଁ ବଡ଼ ଗର୍ତ୍ତ ଖୋଜିବା ଆରମ୍ଭ କରୁ
■ ରାୱଲପିଣ୍ଡିରୁ ମୁଖ୍ୟାଳୟ ସ୍ଥାନାନ୍ତର କଲେ ପାକିସ୍ତାନ୍ ଲୁଚିବାକୁ ଗାତ ଖୋଜିବ

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ପାକିସ୍ତାନର ପ୍ରତ୍ୟେକ ସ୍ଥାନକୁ ଟାର୍ଗେଟ କରିବାକୁ ଭାରତୀୟ ସେନା ସମର୍ଥ। କାରଣ ସମ୍ପୂର୍ଣ୍ଣ ପାକିସ୍ତାନ ଭାରତୀୟ ସେନାର 'ଷ୍ଟ୍ରାଇକ୍ ରେଞ୍ଜ' ମଧ୍ୟରେ ରହିଛି। ଯଦି ପାକିସ୍ତାନ ସେନା ସୁରକ୍ଷା ପାଇଁ ନିଜର ମୁଖ୍ୟାଳୟ ବଦଳାଇବାକୁ ଚାହୁଁଥାଏ ତେବେ ଏଥିପାଇଁ ବଡ଼ ଗର୍ତ୍ତ ଖୋଜବା ଦରକାର ବୋଲି ଭାରତୀୟ ସେନାର ଏୟାର ଡିଫେନ୍ସ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ ଡି'କୋଞ୍ଜା କହିଛନ୍ତି। ପାକିସ୍ତାନର ସବୁ ଭାଗ ଏବଂ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର କ୍ଷମତା ଭାରତୀୟ ସେନା ନିକଟରେ ରହିଛି ବୋଲି ସେ ଦୃଢୋକ୍ତି କରିଛନ୍ତି। ଅପରେସନ ସିନ୍ଦୂର ପରେ ଭାରତୀୟ ସେନାର ଦକ୍ଷତା ଏବଂ କ୍ଷମତାକୁ ନେଇ ଏବେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଚାଲିଛି। ଏହିକ୍ରମରେ ଏଏନଆଇକୁ ସେନାର ଦକ୍ଷତା ସମ୍ପର୍କରେ ଏକ ସାକ୍ଷାତକାର ଦେବା ଅବସରରେ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଏହା କହିବା ସହିତ ଯଦି ପାକିସ୍ତାନ ସେନା ରାୱଲପିଣ୍ଡିରୁ ଏହାର ମୁଖ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚାହୁଁଥାଏ ତେବେ ଏହାକୁ ଲୁଚାଇବା ପାଇଁ ଏକ ଗଭୀର ଗାତ ଖୋଜିବ ଦରକାର ବୋଲି କହିଛନ୍ତି। ଅର୍ଥାତ୍ ପାକିସ୍ତାନ ସେନା ନିଜର ମୁଖ୍ୟାଳୟ ଯେକୌଣସି ଭାଗକୁ ସ୍ଥାନାନ୍ତର କଲେ ବି ଏହା ଭାରତୀୟ ସେନା ନିଶାଣରୁ ବର୍ତ୍ତିପାରିବ ନାହିଁ ବୋଲି ସେ ପରୋକ୍ଷରେ ସୂଚାଇ ଦେଇଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନ ବିପକ୍ଷରେ ଲଢେଇ ପାଇଁ ଭାରତ ନିକଟରେ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ସମ୍ବଳ ରହିଛି। ତେଣୁ ପାକିସ୍ତାନ ସେନା ମୁଖ୍ୟାଳୟକୁ ରାୱଲପିଣ୍ଡିରୁ ପଶ୍ଚିମ ଭାଗରେ ରହିଥିବା ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର କରାଗଲେ ମଧ ଏହା ଭାରତୀୟ ସେନା ଲକ୍ଷ୍ୟରୁ ବର୍ତ୍ତିପାରିବ ନାହିଁ ବୋଲି ସେ କହିଛନ୍ତି।

# ଫିଲ୍ଡ ମାର୍ଶାଲ ହେଲେ ଜେନେରାଲ ମୁନିର



ଇସଲାମାବାଦ,୨୦।୫(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କୁ ପାକିସ୍ତାନ ସରକାର ଫିଲ୍ଡ ମାର୍ଶାଲ ଭାବେ ପଦୋନ୍ନତି ଦେଇଛନ୍ତି। ପାକିସ୍ତାନ ବିପକ୍ଷରେ ଭାରତର ଅପରେସନ ସିନ୍ଦୂର ପରେ ଅପ୍ରତ୍ୟାଶିତ ଭାବେ ପାକିସ୍ତାନ ସରକାରଙ୍କ ଏହି ନିଷ୍ପତ୍ତି ବିଭିନ୍ନ ମହଲକୁ ବିସ୍ମିତ କରିଛି। ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫଙ୍କ ନେତୃତ୍ୱରେ କ୍ୟାବିନେଟ୍ କମିଟି ଏଥିପାଇଁ ଅନୁମୋଦନ ଦେବା ପରେ ମୁନିରଙ୍କୁ ଏଭଳି ବିରଳ ପଦୋନ୍ନତି ମିଳିଥିବା କୁହାଯାଇଛି। ବିଗତ ବହୁ ବର୍ଷ ଧରି ପାକିସ୍ତାନ ସେନାର ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରି ଆସିଥିବା ମୁନିର ନିକଟରେ ଭାରତ ବିରୋଧରେ ବିଷୋଦଗାର କରିବା ସହିତ ଭାରତ ବିରୋଧୀ ନାରାବାଜି କରିଥିଲେ। ଏହାପରେ ପହଲଗାମ ଆତଙ୍କ ହମଲା ଘଟଣାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବା ସହିତ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଭାରତ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ଆରମ୍ଭ କରି ଏହାର ବହୁ ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଦେବା ସହିତ ୧୦ରୁ ଅଧିକ ସାମରିକ ଘାଟିକୁ ମଧ ନଷ୍ଟ କରି ଦେଇଥିଲା। ଏହାସତ୍ତ୍ୱେ ମୁନିରଙ୍କୁ ଏହି ପଦୋନ୍ନତି ମିଳିବା ଚର୍ଚ୍ଚାର ବିଷୟ ହୋଇଛି।

ପାକ୍ ଅଧିକୃତ କଶ୍ମୀର ନେତାଙ୍କ ବୟାନ

# ପାକିସ୍ତାନର ୫୦ ପ୍ରତିଶତ ମସଜିଦ୍ ଆତଙ୍କୀ କାର୍ଯ୍ୟକଳାପ ସହ ଲିପ୍ତ



ଇସଲାମାବାଦ,୨୦।୫(ଏଜେନ୍ସି): ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ୱସମୁଦାୟକୁ ଅବଗତ କରିବା ଲାଗି ଭାରତୀୟ ସାଂସଦମାନଙ୍କୁ ନେଇ ପ୍ରତିନିଧି ମଣ୍ଡଳ ବିଭିନ୍ନ ଦେଶ ଗସ୍ତ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇସାରିଛି। ସାଂସଦମାନେ ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଭାରତର ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଅପରେସନ ସିନ୍ଦୂର ମସପର୍କରେ ସେମାନେ ବିଭିନ୍ନ ଦେଶକୁ ଅବଗତ କରିବେ। କିନ୍ତୁ ପାକିସ୍ତାନ ମାଟିର କିଛି ନେତା ମଧ ଏହିକ୍ରମରେ ଆହୁରି ଆଗୁଆ ରହିଛନ୍ତି। ପାକିସ୍ତାନର ୫୦ ପ୍ରତିଶତ ମସଜିଦ୍ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ ରହିବା ସହିତ ଆତଙ୍କବାଦୀମାନଙ୍କୁ ଏଠାର ପ୍ରୋତ୍ସାହନ ଦିଆଯାଉଛି ବୋଲି ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ନେତା ପ୍ରଫେସର ସଜ୍ଜାଦ ରାଜା କହିଛନ୍ତି। ଜମ୍ମୁ-କଶ୍ମୀର-ଗିଲଗିଟ୍ ବାଲ୍ଟିସ୍ତାନ ଓ ଲଦାଖ ନ୍ୟାସନାଲ ଇକ୍ୱାଲିଟି ପାର୍ଟି ଅଧ୍ୟକ୍ଷ ରହିଥିବା ସଜ୍ଜାଦ ପାକିସ୍ତାନ ସରକାରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଆସୁଥିବା ପିଓକେବାସୀଙ୍କ ଦୁର୍ଦ୍ଦଶା ବଖାଣିବା ସହିତ ଏଠାରେ ଆତଙ୍କବାଦକୁ କିଭଳି ପ୍ରୋତ୍ସାହନ ଦିଆଯାଉଛି ତାହାକୁ ମଧ ଦର୍ଶାଇଛନ୍ତି। ଭାରତ ବିରୋଧରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଥିବା ବହୁ ସଂଗଠନ ପିଓକେରେ ରହିଛି ବୋଲି ଭାରତୀୟ ସେନା ଅପରେସନ ସିନ୍ଦୂରରେ ଏହି ଅଞ୍ଚଳକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। କିନ୍ତୁ କେବଳ ପିଓକେ ନୁହେଁ, ପାକିସ୍ତାନର ସବୁ ଅଞ୍ଚଳରେ ମସଜିଦ୍‌ଗୁଡିକରେ ମଧ ଆତଙ୍କାବାଦ କାର୍ଯ୍ୟ ଚାଲିଛି ବୋଲି ପ୍ରଫେସର ସଜ୍ଜାଦ କହିଛନ୍ତି। ସାରା ଦେଶରେ ଯେତିକି ସଂଖ୍ୟକ ମସଜିଦ୍ ରହିଛି ସେଥିମଧ୍ୟରୁ ୫୦ ପ୍ରତିଶତ ମସଜିଦ୍‌ରେ ଏହି କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହାବ୍ୟତୀତ ପାକିସ୍ତାନ ସେନା ସାମାଜିକ ସ୍ତର ଠାରୁ ଆରମ୍ଭ କରି ଅର୍ଥନୀତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ମନୋମୁଖୀ ଶାସନ ଚଳାଇଛି ସେ ସମ୍ପର୍କରେ ମଧ ସେ ଦର୍ଶାଇଛନ୍ତି।

### ଭାରତୀୟ ପ୍ରତିନିଧିଙ୍କ ସହ ସାମିଲ ହେବାକୁ ମିର୍ଜାଙ୍କ ଆଗ୍ରହ

ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ଆନ୍ତର୍ଜାତିକ ମହଲକୁ ଅବଗତ କରିବା ଲାଗି ଭାରତୀୟ ସାଂସଦମାନଙ୍କୁ ନେଇ ଗଠନ କରାଯାଇଥିବା ପ୍ରତିନିଧି ମଣ୍ଡଳରେ ଅନ୍ୟତମ ପିଓକେ ନେତା ଏବଂ ମାନବାଧିକାର କର୍ମୀ ଅମଜାଦ ଆୟୁବ ମିର୍ଜା ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିବା ସହିତ ଏଥିପାଇଁ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ, ପକିସ୍ତାନ ଅବୈଧ ଭାବେ ପିଓକେକୁ ମାଡି ବସିଥିଲା ବେଳେ ଏଠାରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଛି। ଯଦ୍ୱାରା ପିଓକେବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଶ୍ୱସମୁଦାୟ ପିଓକେବାସୀଙ୍କ ସ୍ୱର ମଧ ଶୁଣିବା ଦରକାର। ଏଥିପାଇଁ ତାଙ୍କୁ ମଧ ଭାରତୀୟ ପ୍ରତିନିଧି ମଣ୍ଡଳରେ ସାମିଲ କରାଯିବା ଉଚିତ ବୋଲି ମିର୍ଜା କହିଛନ୍ତି।

# ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ

ଇସଲାମାବାଦ, ୨୦।୫ (ଏଜେନ୍ସି): ପାକିସ୍ତାନକୁ ଡବଲ୍ ଝଟ୍‌କା ଲାଗିବାକୁ ଯାଉଛି। ଭାରତ ପରେ ଆଫଗାନିସ୍ତାନ ଆତଙ୍କବାଦକୁ ପାଳୁଥିବା ପାକିସ୍ତାନକୁ ପାଣି ନ ଦେବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ କୁନାର ନଦୀରେ ବନ୍ଧ ନିର୍ମାଣ କରାଯାଉଛି। ତାଲିବାନ ସରକାରର ଆର୍ମି ଜେନେରାଲ ମୁବିନ ଏହି ସୂଚନା ଦେଇଛନ୍ତି। ସେ ବନ୍ଧ ନିର୍ମାଣ ସ୍ଥଳ ବୁଲି ଦେଖିଛନ୍ତି। ବଲୁଚ ନେତା ମିର ୟାର ବଲୁଚ ସୋମବାର ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ବନ୍ଧ ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରିବାକୁ ତାଲିବାନକୁ ଜେନେରାଲ ମୁବିନ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଏହି ପାଣି ହେଉଛି ଆମ ରକ୍ତ ସଦୃଶ। ଆମେ ନିଜ ରକ୍ତକୁ ପ୍ରବାହିତ ହେବାକୁ ଦେବୁ ନାହିଁ। ପାଣିକୁ ଅଟକାଇ ଦେବୁ। ଏହା ଦ୍ୱାରା ବିଦ୍ୟୁତ ଆବଶ୍ୟକତା ପୂରଣ ହେବ। ଅନ୍ୟପକ୍ଷରେ ଘନିଷ୍ଠ ବନ୍ଧୁ ପାକିସ୍ତାନକୁ ସହାୟତା କରିବାକୁ ପୁଣି ଚୀନ୍ ଆଗେଇ ଆସିଛି। ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରି ପାକିସ୍ତାନକୁ ପାଣି ଦେଉନାହିଁ। ଏଥିଯୋଗୁଁ ପାକିସ୍ତାନରେ ଗୁରୁତର ଜଳ ସଙ୍କଟ ସୃଷ୍ଟି ହୋଇଛି। ଏହାରି ମଧ୍ୟରେ ଆମେରିକା ଶୁଳ୍କ ଯୁଦ୍ଧରୁ ବର୍ତ୍ତିବା ଲାଗି ଭାରତକୁ ହାତ ଯୋଡୁଥିବା ଚୀନ୍ ପାକିସ୍ତାନକୁ ସହାୟତା କରିବାକୁ ମୋହମ୍ମଦ ବନ୍ଧ ନିର୍ମାଣକୁ ଜୋରଦାର କରିବ ବୋଲି ଘୋଷଣା କରିଛି। ଖୈବର ପଖତୁନଖ୍ୱାର ସ୍ୱାତ ନଦୀ ଉପରେ ଚୀନ୍‌ର ସରକାରୀ କମ୍ପାନୀ ଦ୍ୱାରା ୨୦୧୯ରୁ ନିର୍ମାଣ ହେଉଥିବା ଏହି ବନ୍ଧ ଉଚ୍ଚତା ୭୦୦ ଫୁଟ ହେବ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହାନ କିଣିବେ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହାନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

## ଆଜିର ଇତିହାସ

- ୧୮୪୦- ନ୍ୟୁଜିଲାଣ୍ଡ ବ୍ରିଟିଶ୍ ଉପନିବେଶର ଅଂଶ ହେଲା।
- ୧୮୮୧- ଆମେରିକାରେ ରେଡ୍‌କ୍ରସ୍ ସଂସ୍ଥାର ସ୍ଥାପନା।
- ୧୯୭୦- ସୋଭିଏତ୍ ରୁଷର ଆଣବିକ ପରୀକ୍ଷଣ।
- ୧୯୯୧- ବୋମା ବିସ୍ଫୋରଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିହତ।
- ୧୯୯୪- ସୁସ୍ମିତା ସେନ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୦୬- ଶ୍ରୀନଗରରେ କଂଗ୍ରେସ ରାଲି ଉପରେ ଆକ୍ରମଣ।

## ଆତଙ୍କବାଦ ବିରୋଧୀ ଦିବସ



ମେ' ୨୧କୁ ପ୍ରତିବର୍ଷ ଭାରତରେ ଆତଙ୍କବାଦ ବିରୋଧୀ ଦିବସ ରୂପେ ପାଳନ କରାଯାଏ। ଆତଙ୍କବାଦ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହା ବିରୋଧରେ ଏକତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଏହି ଦିନର ମୂଳ ଉଦ୍ଦେଶ୍ୟ। ବିଶେଷକରି ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ପଥରୁ ଦୂରେଇ ରଖିବା ପାଇଁ ଏହି ଦିବସରେ ବାର୍ତ୍ତା ଦିଆଯାଏ। ଆଜି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ୧୯୯୧ ମସିହାରେ ଆଜିର ଦିନରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁର ଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବାବେଳେ ଏଲ୍‌ଟିଟିଇ ଆତଙ୍କବାଦୀଙ୍କ ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଭାରତ ସରକାରଙ୍କ ପକ୍ଷରୁ ମେ' ୨୧କୁ ଆତଙ୍କବାଦ ବିରୋଧୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ଆତଙ୍କବାଦ ବିରୋଧୀ ଦିବସ ଅବସରରେ ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଠିଆ ହେବା ଏବଂ ହିଂସା ଓ ଆତଙ୍କବାଦରୁ ସାରା ବିଶ୍ୱକୁ ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଏ। ଆତଙ୍କବାଦ ଦେଶର ନିରାପତ୍ତା ଏବଂ କଲ୍ୟାଣ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ଉଦ୍ଦେଶ୍ୟ ହେଉଛି ଭୟ ସୃଷ୍ଟି କରିବା, ସାମାଜିକ ଶୃଙ୍ଖଳାକୁ ବାଧା ଦେବା ଏବଂ ଶାନ୍ତିପୂର୍ଣ୍ଣ ସହଭାଗିତାକୁ ସମର୍ଥନ କରୁଥିବା ମୌଳିକ ମୂଲ୍ୟବୋଧକୁ ଦୁର୍ବଳ କରିବା। ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱାରା ନିରୀହ ଜୀବନ ନଷ୍ଟ ହୋଇପାରେ, ଭିତ୍ତିଭୂମି ନଷ୍ଟ ହୋଇପାରେ, ଅର୍ଥନୈତିକ ଅସ୍ଥିରତା ଏବଂ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ନଷ୍ଟ ହୋଇପାରେ। ଗତ ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୬ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଜରିଆରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଆତଙ୍କବାଦ ବିରୋଧୀ ଦିବସ ପାଳନ ହେବା ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଦିବସ ଅବସରରେ ସ୍କୁଲ୍ ଓ କଲେଜଗୁଡ଼ିକରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ଆତଙ୍କବାଦ ଓ ଏହାର ପରିଣାମ ଉପରେ ଆଲୋଚନା କରାଯାଏ। ସରକାରୀ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୂରେଇ ଦେବା ପାଇଁ ଶପଥ ନିଆଯାଏ।

## ମନ୍ଦୋଦରୀ ଭୂମିକାରେ କାଜଲ



ଦକ୍ଷିଣ ଇଣ୍ଡଷ୍ଟ୍ରୀର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି କାଜଲ ଅଗ୍ରୱାଲ। ସେ ଅନେକ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଏବେ ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ କାଜଲଙ୍କ ଏଣ୍ଟ୍ରି ହୋଇଛି। ଏଥିରେ ସେ ମନ୍ଦୋଦରୀ ଭୂମିକାରେ ଦେଖାଯିବେ। ପୂର୍ବରୁ ଏଥିରେ ସାକ୍ଷୀ ତନୱାର ମନ୍ଦୋଦରୀ ଭୂମିକାରେ ଅଭିନୟ କରିବେ ବୋଲି କୁହାଯାଉଥିଲା। ହେଲେ ଏବେ କାଜଲଙ୍କୁ ଏହି ଭୂମିକା ମିଳିଛି। ଇତିମଧ୍ୟରେ କାଜଲ୍ ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏନେଇ ପ୍ରଡକ୍ସନ୍ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି- 'ରାମାୟଣରେ ମନ୍ଦୋଦରୀଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ଏଥିରେ ଯଶ୍ ରାବଣ ଭୂମିକାରେ ଅଭିନୟ କରୁଥିବାରୁ ତାଙ୍କର ପତ୍ନୀ ଭାବେ ଜଣେ ସୁନ୍ଦରୀ ଅଭିନେତ୍ରୀଙ୍କୁ ଖୋଜା ଚାଲିଥିଲା। ସବୁଠୁ ବଡ଼ କଥା ହେଉଛି, ଏପରି ଜଣେ ଅଭିନେତ୍ରୀ ଖୋଜା ଯାଉଥିଲା ଯିଏ ଏକାଧିକ ଭାଷା ଜାଣିଥିବେ। କାଜଲ ଉଭୟ ବଲିଉଡ୍ ଓ ସାଉଥ୍‌ରେ କାମ କରିଛନ୍ତି। ଶେଷରେ କାଜଲଙ୍କ ନାମ ଫାଇନାଲ କରାଯାଇଥିଲା।' 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରା ଓ ଯଶ୍ ଅଛନ୍ତି। ଏଥିରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ନଜର ଆସିବେ। ସେହିଭଳି ଜଟାୟୁ ଭୂମିକାରେ ଅମିତାଭ ବଚ୍ଚନ, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, କୈକେୟୀ ଭୂମିକାରେ ଲାରା ଦତ୍ତା, ସୂପର୍ଣ୍ଣଖା ଭୂମିକାରେ ରକୁଲ ପ୍ରୀତ ସିଂହ, ରାଜା ଦଶରଥଙ୍କ ଭୂମିକାରେ ଅରୁଣ ଗୋଭିଲ, ହନୁମାନ ଭୂମିକାରେ ସନ୍ନି ଦେଓଲ, ବିଭୀଷଣ ଭୂମିକାରେ ହରମନ୍ ବାବେଜା ନଜର ଆସିବେ। ୨୦୨୬ ଦୀପାବଳିରେ ଏହାର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଦ୍ୱିତୀୟ ପାର୍ଟ ଆସିବ।

## ହୃଦୟ ପାଇଁ ଭଲ ଶିଢ଼ି ଚଢ଼ିବା



ଶିଢ଼ି ଚଢ଼ିବା ଓ ଓହ୍ଲାଇବା ହେଉଛି ଏକପ୍ରକାର କାର୍ଡିଓ ଏକ୍ସରସାଇଜ୍। ଏଣୁ ଘର, ଅଫିସ୍ ହେଉ କି ସପିଂ ମଲ୍, ଲିଫ୍ଟ ବଦଳରେ ଶିଢ଼ି ଚଢ଼ି ଯିବା ଭଲ। ସେହିପରି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଶିଢ଼ି ଚଢ଼ିବା ଦ୍ୱାରା ଜଣେ ଲୋକ କେବଳ ଫିଟ୍ ରହିବ ତାହା ନୁହେଁ ବରଂ ଏହା ଆୟୁ ବୃଦ୍ଧିରେ ସାହାଯ୍ୟ କରେ। ଅଧ୍ୟୟନରେ ୫,୦୦,୦୦୦ ଲୋକଙ୍କ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା। ଏହି ଅଧ୍ୟୟନ ଅନୁସାରେ, ନିୟମିତ ଶିଢ଼ି ଚଢୁଥିବା ଲୋକଙ୍କଠାରେ ମୃତ୍ୟୁ ଆଶଙ୍କା ୨୪ ପ୍ରତିଶତ କମ୍ ଥିଲା। ସେହିଭଳି ହୃଦ୍ ରୋଗ ଯୋଗୁଁ ମୃତ୍ୟୁ ହେବା ଆଶଙ୍କା ୩୯ ପ୍ରତିଶତ କମ୍ ଥିଲା। ଆଜିକାଲି ମୃତ୍ୟୁର ପ୍ରମୁଖ କାରଣ ହୃଦ୍‌ରୋଗ ପାଲଟି ଯାଇଛି। ବିଶେଷଜ୍ଞଙ୍କ ଅନୁସାରେ, ଶିଢ଼ି ଚଢ଼ିବା ସମୟରେ ଶରୀର ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ ଗତି କରେ। ଖାସ୍ ଏହି କାରଣରୁ ଶିଢ଼ି ଚଢ଼ିବା ଅନ୍ୟ ଶାରୀରିକ ବ୍ୟାୟାମ ତୁଳନାରେ କଷ୍ଟକର ହୋଇଥାଏ। ଶିଢ଼ି ଚଢ଼ିବା ଦ୍ୱାରା କାର୍ଡିଓରେସପରେଟରି ଫିଟ୍‌ନେସ୍‌ରେ ସୁଧାର ଆସିଥାଏ ଏବଂ ମାଂସପେଶୀ ମଜଭୁତ ହୋଇଥାଏ। ସେହିପରି କେତେ ଶିଢ଼ି ଚଢ଼ିବା ଲାଭଦାୟକ ତାହାର ସଠିକ୍ ଉତ୍ତର ଏଯାଏଁ ଆସିନାହିଁ। ତେବେ ନିତିଦିନ ୫୦ ଶିଢ଼ି ଚଢ଼ିବା ଦ୍ୱାରା ଏଥେରୋସ୍କ୍ଲେରୋସିସ୍ (ଧମନୀରେ ଫ୍ୟାଟ୍, କୋଲେଷ୍ଟ୍ରଲ ଆଦି ଜମାହେବା) ଆଶଙ୍କା ୨୦ ପ୍ରତିଶତ କମ୍ ହୋଇଥାଏ।

# ସମ୍ଭାବନା



## କିଭଳି ରହିବ ଚାକିରି ସୁରକ୍ଷିତ



କମ୍ପାନି ସବୁବେଳେ ଭଲ କାମ କରୁଥିବା କର୍ମଚାରୀଙ୍କୁ ପ୍ରାଥମିକତା ପ୍ରଦାନ କରିଥାଏ। ସେହିପରି ଅଫିସ୍ କାମ ଠିକ୍‌ରେ ନ କରିବା, ସମୟ ପୂର୍ବରୁ କାମ ନ ସାରିବା, ନିୟମିତ ଅନୁପସ୍ଥିତି ରହିବା ଦ୍ୱାରା ଚାକିରି ଯିବାର ଆଶଙ୍କା ଯଥେଷ୍ଟ ଥାଏ। ସେହିପରି କିଛି କମ୍ପାନି ମାନ୍ଦାବସ୍ଥା ଦେଇ ଗତି କଲେ କର୍ମଚାରୀଙ୍କୁ ଛଟେଇ କରିଥାନ୍ତି। ତେଣୁ ଏଭଳି ସ୍ଥିତିରେ କମ୍ପାନିରେ ନିଜ ଚାକିରିକୁ ସୁରକ୍ଷିତ ରଖିବା ପାଇଁ କିଛି ଦିଗ ଉପରେ ଗୁରୁତ୍ୱ ଦେବା ଜରୁରି।

- କମ୍ପାନିରେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ଉଚିତ ଓ ଠିକ୍ ସମୟରେ କାମ ପୂରା କରିବା ଉପରେ ଗୁରୁତ୍ୱ ଦେବା ଦରକାର।
- ଅଲଗା ଅଲଗା କାମ କରିବାର କ୍ଷମତା ବା ଦକ୍ଷତା ଥିଲେ, ଆପଣଙ୍କ ଗୁରୁତ୍ୱ କମ୍ପାନିରେ ବଢ଼ିଥାଏ। ଏଣୁ ନୂଆ ଟେକ୍ନୋଲୋଜି ଏବଂ କଳା କୌଶଳ ଶିଖିବାର ଆବଶ୍ୟକତା ଅଛି।
- କମ୍ପାନି ପାଇଁ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା କାମକୁ ପ୍ରାଥମିକତା ଦିଅନ୍ତୁ। ତା'ସହ ଯେଉଁ କାମକୁ ଅନ୍ୟ କୌଣସି କର୍ମଚାରୀ ଯେଭଳି କରିପାରୁ ନ ଥିବେ, ତାହା ଉପରେ ଗୁରୁତ୍ୱ ଦେବା ଉଚିତ।
- ଟିମ୍ ସହିତ ଭଲ ସମ୍ବନ୍ଧ ଏବଂ ସହଯୋଗ ରକ୍ଷା କରନ୍ତୁ।
- କଠିନ ପରିସ୍ଥିତିରେ ସକାରାତ୍ମକ ଚିନ୍ତାଧାରାରେ ରୁହନ୍ତୁ। ଏହା ଦ୍ୱାରା ସହକର୍ମୀ ଓ ମ୍ୟାନେଜମେଣ୍ଟ ଉପରେ ଭଲ ପ୍ରଭାବ ପଡ଼େ।
- ଯଦି କାମର ମୂଲ୍ୟକୁ ଗୁରୁତ୍ୱ ଦିଆଯାଉ ନାହିଁ, ତେବେ ମ୍ୟାନେଜରଙ୍କ ସହିତ ଆଲୋଚନା କରନ୍ତୁ।
- ନିଜର ଉପଲବ୍ଧି ସମ୍ପର୍କରେ ନିଜ ମାଲିକଙ୍କୁ ଅବଗତ କରାନ୍ତୁ।

## ଅଫିସ୍‌ରେ ଏଆଇର ବ୍ୟବହାର



**ସମ୍ପ୍ରତି ଅଫିସ୍‌ଗୁଡ଼ିକରେ ଚାଟ୍‌ଜିପିଟି, ଜେମିନି ଭଳି ଏଆଇ ଟୁଲ୍‌କୁ ବ୍ୟବହାର କରାଯାଉଛି। ତେବେ ଏହାର ବ୍ୟବହାର କର୍ମଚାରୀଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରୁଥିବା ନିକଟରେ ଆମେରିକାର ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।**

ଏବେ ଅଫିସ୍ କାମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିର ବ୍ୟବହାର ବହୁଳ ଭାବେ କରାଯାଉଛି। ତେଣୁ ଏହାକୁ ଉପଯୋଗ କରୁଥିଲେ ସତର୍କ ରହିବା ଜରୁରି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହାକୁ ଉପଯୋଗ କରୁଥିବା କର୍ମଚାରୀଙ୍କ ସହକର୍ମୀ ଭାବନ୍ତି ସେମାନେ ପରିଶ୍ରମୀ ନୁହଁନ୍ତି, ବରଂ ଅଳସୁଆ ଏବଂ ଅଣକୁଶଳୀ। ଆମେରିକାର ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଏହି ଗବେଷଣା କରିଛି। ଯଦିଓ ଏଆଇ କାମର ବେଗ ଓ ପ୍ରଡକସନ ବୃଦ୍ଧିରେ ସାହାଯ୍ୟ କରେ, ତଥାପି ଅଫିସ୍‌ରେ ଏହାର ସାମାଜିକ କ୍ଷତି ରହିଛି। ଯାହାକି ଲୋକଙ୍କ ନଜରରେ ଜଣକ ବ୍ୟକ୍ତିତ୍ୱକୁ ଖରାପ କରିଥାଏ। ସେହିପରି ଏକଥା ଜାଣିବା ପାଇଁ ୪,୪୦୦ ଜଣଙ୍କ ଉପରେ ଚାରୋଟି ଅଲଗା ଅଲଗା ଅନଲାଇନ୍ ଗବେଷଣା କରାଯାଇଥିଲା। ଏଥିରୁ ଦେଖାଯାଇଥିଲା ଯେ, ଏଆଇ ବ୍ୟବହାର କରୁଥିବା ଲୋକଙ୍କୁ ଅନ୍ୟମାନେ କାମଚୋର, କମ୍ ପରିଶ୍ରମୀ, କମ୍ ଦକ୍ଷତା ସମ୍ପନ୍ନ ଭାବିଥାନ୍ତି। ସେହିପରି ଏଭଳି କର୍ମଚାରୀଙ୍କ ବଦଳି ସହଜରେ ହୋଇଥାଏ ବୋଲି ଆଉ କିଛି କର୍ମଚାରୀ ମତପୋଷଣ କରିଛନ୍ତି। ତେବେ ଅଫିସ୍‌ରେ ଏଆଇ କାମକୁ ସହଜ କରିଲେ ବି ଅନ୍ୟମାନେ ଏହାକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି ଓ କ୍ୟାରିୟର ଉପରେ ଏହା କିଭଳି ପ୍ରଭାବ ପକାଏ, ସେ କଥା ଏକପ୍ରକାର ସାମ୍ନାକୁ ଆସିଛି।

ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ, ଏହା କ୍ୟାରିୟରକୁ ପ୍ରଭାବିତ କରୁଛି। ତେଣୁ ସମାଜର ଚିନ୍ତାଧାରା ନ ବଦଳିଥିଲେ, ଏଭଳି ସ୍ଥିତିରେ ଏଆଇର ପ୍ରୟୋଗ ବିପଦପୂର୍ଣ୍ଣ ହୋଇପାରେ। ଅବଶ୍ୟ ଏବେ ବଦଳୁଥିବା ସମୟକୁ ଦେଖିଲେ ଏଆଇର ବ୍ୟବହାର ଲୋକଙ୍କ ଆବଶ୍ୟକତା ହୋଇଛି। ଏଣୁ ସତର୍କତାର ସହ ଏହାକୁ ବ୍ୟବହାର କରିବା ଦରକାର। ଅନ୍ୟପକ୍ଷରେ ଏହି ଅଧ୍ୟୟନ ପ୍ରୋସେଡିଂସ୍ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶିତ।

## କ୍ଲାସ୍ ନୋଟ୍




ପାଠପଢ଼ାରେ କ୍ଲାସ୍ ନୋଟ୍ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ। ତେଣୁ ଶିକ୍ଷକ କ୍ଲାସ୍‌ରେ ପଢ଼ାଇବା ସମୟରେ ସେମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଜରୁରି ପଏଣ୍ଟକୁ ଖାତାରେ ଲେଖନ୍ତୁ। ଶିକ୍ଷକ ପଢ଼ାଉଥିବା ପୂରା କାହାଣୀକୁ ନ ଲେଖି, ଗୁରୁତ୍ୱପୂର୍ଣ୍ଣ ପଏଣ୍ଟକୁ ଲେଖନ୍ତୁ। ଏସବୁକୁ ସହଜ ଭାଷାରେ ଲେଖନ୍ତୁ। ଏହା ଦ୍ୱାରା ସେହି ବିଷୟ ସହଜରେ ମନେ ରହେ। ସେହିପରି କ୍ଲାସ୍ ନୋଟ୍‌କୁ ଅଧିକ ଲମ୍ବା ବାକ୍ୟରେ ଲେଖନ୍ତୁ ନାହିଁ। ବାକ୍ୟ ଛୋଟେ ହେଲେ ବିଷୟ ବୁଝିବା ସହଜ ହୁଏ।

କ୍ଲାସ୍‌ରେ ନୋଟ୍ କରୁଥିବା ଜରୁରି ପଏଣ୍ଟକୁ ହାଇଲାଇଟ୍ କରନ୍ତୁ। ଏହା ଦ୍ୱାରା ନୋଟ୍ ଭଲ ଦେଖାଯାଏ। ତା'ସହ ପ୍ରମୁଖ ପଏଣ୍ଟ ଉପରେ ଶୀଘ୍ର ଦୃଷ୍ଟି ପଡ଼େ। ପ୍ରତି ନୋଟ୍ ଉପରେ ବିଷୟର ନାଁ ଓ ତାରିଖ ଲେଖନ୍ତୁ। ବିଜ୍ଞାନ ବିଷୟକ ନୋଟ୍‌ରେ ଚାହିଁଲେ ଚିତ୍ର କରିପାରିବେ। ସେହିପରି ନୋଟ୍ ଲେଖିବା ବେଳେ କିଛି ସ୍ଥାନକୁ ଖାଲି ଛାଡ଼ନ୍ତୁ। ସେହି ବିଷୟ ସମ୍ବନ୍ଧିତ କିଛି ନୂଆ ତଥ୍ୟ ପରେ ପରେ ଜାଣିଲେ, ସେହି ସ୍ଥାନରେ ଲେଖି ହୁଏ। ଯେଉଁ ନୋଟ୍ ତିଆରି କରୁଛନ୍ତି, ତାହାକୁ ପ୍ରତିଦିନ ପଢ଼ନ୍ତୁ। ଏହା ଦ୍ୱାରା ସେହି ପାଠ ଶୀଘ୍ର ମନେ ରହିଥାଏ।

## ଫେଲର ଅର୍ଥ ନୁହେଁ, ବିଫଳତା

**ଅନେକ ପିଲା ପରୀକ୍ଷାରେ କମ୍ ମାର୍କ ରଖିଥାନ୍ତି। ପୁଣି କେହି କେହି ଫେଲ୍ ମଧ୍ୟ ହୋଇଥାନ୍ତି। ଏହାକୁ ନେଇ ଅଭିଭାବକମାନେ ସେମାନଙ୍କୁ ତାଗିଦ୍ କରି ପାଟି କରନ୍ତି। ହେଲେ ଏଭଳି ବ୍ୟବହାର ନ ଦେଖାଇ, ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏହା ହିଁ ସେମାନଙ୍କୁ ଆଗକୁ ଯିବାରେ ସାହାଯ୍ୟ କରିବ।**

- ବାପାମାଆ ପ୍ରଥମେ ନିଜକୁ ଶାନ୍ତ ରଖିବା ଉଚିତ। ଫେଲ୍ ତଥା କମ୍ ମାର୍କକୁ ନେଇ କ୍ରୋଧ ପ୍ରକଟ କରିବା ସ୍ୱାଭାବିକ କଥା। ହେଲେ ଏଭଳି ସ୍ଥିତିରେ ପିଲା ସ୍ନେହ ଶ୍ରଦ୍ଧା ଲୋଡ଼ନ୍ତି। ପିଲାଙ୍କ ସହିତ ଶ୍ରଦ୍ଧାରେ କଥାବାର୍ତ୍ତା କରନ୍ତୁ।
- ପଢ଼ାରେ କ'ଣ ସମସ୍ୟା ଥିଲା ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ। ବିଫଳତାକୁ ନେଇ ପିଲାଙ୍କୁ ଦୋଷ ଦିଅନ୍ତୁ ନାହିଁ। ଏହା ଦ୍ୱାରା ସେମାନେ ଅଧିକ ନିରାଶ ହୋଇଥାନ୍ତି।
- ଫେଲ୍ ପଛର ଅସଲି କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସ୍କୁଲର ପରିବେଶ ଠିକ୍ ଅଛି କି ନାହିଁ ପଚାରି ବୁଝନ୍ତୁ। ସେହିପରି ପିଲାଙ୍କ ଶିକ୍ଷକଙ୍କ ମତ ନିଅନ୍ତୁ। ପିଲାଙ୍କଠାରେ କ'ଣ ଦୁର୍ବଳତା ବା ସମସ୍ୟା ଅଛି ଜାଣନ୍ତୁ।
- ପିଲାଙ୍କ ସହିତ ମିଶି ଆଗାମୀ ପଢ଼ାର ଯୋଜନା କରନ୍ତୁ। ପିଲାଙ୍କୁ ପ୍ରୋତ୍ସାହିତ କରିବା ସହିତ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ।
- ପରୀକ୍ଷାରେ ଫେଲ୍ ହେବାର ଅର୍ଥ ବିଫଳତାକୁ ସୂଚାଇ ନ ଥାଏ। ତେଣୁ ପୂର୍ବ ସଫଳତାକୁ ମନେ ପକାଇ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାନ୍ତୁ।



# କ୍ରୀଡ଼ା



# ଅହମ୍ମଦାବାଦରେ ଫାଇନାଲ, ମୁଲାନପୁରରେ ୨ଟି ମୁକାବିଲା



## ଦିଗବେଶ ରାଠୀ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ

ଅଭିଷେକ ଶର୍ମାଙ୍କ ସହ ଯୁକ୍ତିତର୍କ ଓ ସିଗ୍ନେଚର ଷ୍ଟାଇଲରେ ବିଦାୟ ଦେବା ଘଟଣା ଲକ୍ଷ୍ନୌ ସୁପର ଜାଏଣ୍ଟସର ସ୍ପିନ ବୋଲର ଦିଗବେଶ ସିଂ ରାଠୀଙ୍କୁ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ଘଟଣା ଫଳରେ ଆଇପିଏଲ୍ ଆଚରଣ ସଂହିତା ଲେଭଲ-୧ ଭଙ୍ଗ କରିବା ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ କରାଯାଇଛି। ଏହା ସହ ତାଙ୍କ ମ୍ୟାଚ୍ ଫି'ର ୫୦ ଭାଗ ଅର୍ଥ କାଟିନିଆଯାଇଛି। ଏହା ସହ ଏଭଳି ଆଚରଣ ପୁନରାବୃତ୍ତି ନ କରିବାକୁ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତକାଲି ସ୍ଥାନୀୟ ଏକନ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ବନାମ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରୁଥିବା ହାଇଦରାବାଦ୍‌ର ଅଭିଷେକ ଶର୍ମା ତାଙ୍କ ବୋଲିଂରେ ଆଉଟ ହୋଇଥିଲେ। ଚଳିତ ସିଜନରେ ଆଇପିଏଲ୍ ଡେବ୍ୟୁ କରିଥିବା ଘରୋଇ କ୍ରିକେଟ ଟିମ୍ ଦିଲ୍ଲୀର ଏହି ସ୍ପିନର ସିଗ୍ନେଚର ଷ୍ଟାଇଲ୍‌ରେ ବ୍ୟାଟରଙ୍କୁ ବିଦାୟ ରାସ୍ତା ଦେଖାଇଥିଲେ। ଏହାକୁ ବିରୋଧ କରିଥିଲେ ଅଭିଷେକ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅମ୍ପାୟାରଙ୍କ ହସ୍ତକ୍ଷେପ ବଳରେ ଉଭୟ ଖେଳାଳି ଶାନ୍ତ ହୋଇଥିଲେ। କିନ୍ତୁ ରାଠୀଙ୍କ ବ୍ୟବହାର ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲା। ଏହା ଆଚରଣ ସଂହିତାର ଲେଭଲ-୧ ଅପରାଧ ଓ ତାଙ୍କୁ ୨ଟି ଡିମେରିଟ୍ ପଏଣ୍ଟ ମିଳିଥିଲା। ପୂର୍ବରୁ ସେ ଏଭଳି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦୁଇଥର ଦଣ୍ଡିତ ହୋଇଥିଲେ। ଏଥିଯୋଗୁ ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ଓ ୩୦ ଭାଗ ମ୍ୟାଚ୍ ଫି କାଟିନିଆଯାଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୫ ହେବାରୁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ ହେବାକୁ ପଡ଼ିଛି। ସେ ଗୁରୁବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିପାରିବେ ନାହିଁ।

## ଆଇପିଏଲ୍-୧୮ ପ୍ଲେ ଅଫ୍ ଖେଳସୂଚୀ

ନୂଆଦିଲ୍ଲୀ,୨୦।୫ (ଏଜେନ୍ସି)

ଭାରତରେ ଚାଲିଥିବା ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ୧୮ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏଠାରେ ମଧ୍ୟ କ୍ୱାଲିଫାୟର-୨ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ନୂଆ ଚଣ୍ଡିଗଡସ୍ଥିତ ମୁଲାନପୁରରେ ପ୍ଲେ ଅଫ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଖେଳାଯିବ। ମେ ୨୯ରେ କ୍ୱାଲିଫାୟର-୧ ଓ ମେ ୩୦ରେ ଏଲିମିନେଟର ମୁକାବିଲା ଅନୁଷ୍ଠିତ ହେବ। ବିସିସିଆଇ ସୂତ୍ରରୁ ମଙ୍ଗଳବାର ଏହା ଜଣାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଘୋଷଣା କରାଯାଇନାହିଁ। ଆଇପିଏଲ୍ ସ୍ଥଗିତ ହେବା ପୂର୍ବରୁ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଏହି ମ୍ୟାଚ୍ ଦୁଇଟି ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ସେହିପରି ହାଇଦରାବାଦ୍‌ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଆଇପିଏଲ୍ ଏକ ସପ୍ତାହ ସ୍ଥଗିତ ରହିବା ପରେ ଖେଳସୂଚୀରେ ପରିବର୍ତ୍ତନ କରିବାକୁ ବିସିସିଆଇ ବାଧ୍ୟ ହୋଇଛି। ଏହା ମଧ୍ୟରେ ଭାରତରେ ମୌସୁମୀ ବାୟୁ ପ୍ରବେଶ କରିସାରିଛି। କ୍ୱାଲିଫାୟର-୨ ଓ ଫାଇନାଲ ଆୟୋଜନ ବେଳକୁ କୋଲକାତାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନାକୁ ଆଖି ଆଗରେ ରଖି ପ୍ଲେ ଅଫ୍ ମ୍ୟାଚ୍ ଗୁଡିକୁ ସ୍ଥାନାନ୍ତର କରାଯାଇଛି। ଆସନ୍ତା ୧୫ ଦିନରେ ଅହମ୍ମଦାବାଦ୍ ଓ ମୁଲାନପୁରରେ ବର୍ଷା ହେବାର ଖୁବ୍ କମ୍ ସମ୍ଭାବନା ଥିବାରୁ ଏହି ଦୁଇଟି ଭେନ୍ୟୁରେ ପ୍ଲେ ଅଫ୍ ମ୍ୟାଚ୍ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ମଙ୍ଗଳବାର ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ବୈଠକରେ ଏହା ସ୍ଥିର ହୋଇଛି। ସ୍ଥଗିତ ପରେ ଆଇପିଏଲ୍‌ର ବାକିଥିବା ୧୩ଟି ଲିଗ୍ ମ୍ୟାଚ୍‌ର ଖେଳସୂଚୀ ଘୋଷଣା କରାଯାଇଥିଲେ ମଧ୍ୟ ପ୍ଲେ ଅଫ୍ ମ୍ୟାଚ୍ ଭେନ୍ୟୁ ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିଲା।

### ■ ଲକ୍ଷ୍ନୌରେ ବେଙ୍ଗାଲୁରୁ-ହାଇଦରାବାଦ୍ ମୁକାବିଲା

ବେଙ୍ଗାଲୁରୁରେ ଗୁରୁବାର ବେଳକୁ ଭୀଷଣ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଏଠାରେ ମେ ୨୩ରେ ରୟାଲ ଚ୍ୟାଲେଞ୍ଜର୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଇଛି। ଏବେ ବେଙ୍ଗାଲୁରୁ ତାହାର ଶେଷ ଦୁଇଟି ମ୍ୟାଚ୍ ଲକ୍ଷ୍ନୌର ଏକନ ଷ୍ଟାଡିୟମ୍‌ରେ ଖେଳିବ। ମେ ୨୩ ପରେ ୨୭ରେ ବେଙ୍ଗାଲୁରୁ ତାହାର ଶେଷ ଲିଗ୍ ମ୍ୟାଚ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ଏଠାରେ ଖେଳିବ ବୋଲି ଜଣାଯାଇଛି। ବେଙ୍ଗାଲୁରୁ-ଲକ୍ଷ୍ନୌ ମୁକାବିଲା ଚଳିତ ଆଇପିଏଲ୍‌ର ମଧ୍ୟ ଶେଷ ଲିଗ୍ ମ୍ୟାଚ୍ ହେବ। ପୂର୍ବରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବର୍ଷା ଯୋଗୁଁ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମେ ୧୭ ତାରିଖ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ କରିବାକୁ ପଡ଼ିଥିଲା। ଗତକାଲି ଲକ୍ଷ୍ନୌକୁ ହରାଇବା ପରେ ଆଜି ଅର୍ଥାତ୍ ମଙ୍ଗଳବାର ହାଇଦରାବାଦ୍ ଟିମ୍ ଏଠାରୁ ଯିବାର ଥିଲା। କିନ୍ତୁ ସେଠାରେ ରହିବାକୁ ବିସିସିଆଇ ଟିମ୍‌କୁ ନିର୍ଦ୍ଦେଶ ଦେଇଛି।


### ■ ଏକ ଘଣ୍ଟା ବଢ଼ିଲା ଅତିରିକ୍ତ ସମୟ

କ୍ରମାଗତ ବର୍ଷା ଯୋଗୁ ଆଇପିଏଲ୍ ଖେଳ ବାରମ୍ବାର ବାଧାପ୍ରାପ୍ତ ହେବା ଓ ୩ଟି ମ୍ୟାଚ୍ ବାତିଲ ହେବା ପରେ ବିସିସିଆଇ ଅତିରିକ୍ତ ଖେଳ ସମୟ ବୃଦ୍ଧି କରିଛି। ଏବେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ କର୍ମକର୍ତ୍ତାମାନେ ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ୧ ଘଣ୍ଟା ପରିବର୍ତ୍ତେ ଏବେ ୨ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ। ମ୍ୟାଚ୍ ବାତିଲ ହେବା ଯୋଗୁଁ ଦର୍ଶକ ନିରାଶ ହେବା ସହ ପ୍ରସାରଣକାର ସଂସ୍ଥା କ୍ଷୁବ୍ଧ ହୋଇଥିଲା। ଏହାକୁ ଆଖି ଆଗରେ ରଖି ଆଇପିଏଲ୍ ପ୍ଲେଇଂ କଣ୍ଡିସନ ଧାରା ୧୩.୭.୩ ଅନୁଯାୟୀ କେବଳ ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍ ଲାଗି ଏହି ନିୟମ ଧାର୍ଯ୍ୟ କରାଯାଇଛି।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

### ଆଇପିଏଲ୍‌ରେ ଆଜି



ଦିଲ୍ଲୀ ବନାମ ମୁମ୍ବାଇ

ମୁମ୍ବାଇ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ବିଜୟ ସହ ରାଜସ୍ଥାନର ଅଭିଯାନ ଶେଷ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୨ତମ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ଏହାର ଶେଷ ଲିଗ୍ ମୁକାବିଲାରେ ବିଜୟ ହାସଲ କରି ଅଭିଯାନ ଶେଷ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ ରାଜସ୍ଥାନ ୬ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଫଳରେ ରାଜସ୍ଥାନ ୧୪ତମ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ୮ ପଏଣ୍ଟ ସହ ୯ମ ସ୍ଥାନରେ ରହି ସିଜନ ଶେଷ କରିଛି। ଦଳ ପୂର୍ବରୁ ପ୍ଲେ-ଅଫ୍ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ୧୦ମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ରହିଛି। ଚେନ୍ନାଇ ଶେଷ ଲିଗ୍‌ରେ ମେ ୨୫ରେ ଗୁଜରାଟ ଟାଇଟନ୍ସକୁ ଭେଟିବ। ମଙ୍ଗଳବାର ଅନୁଷ୍ଠିତ ଏହି ଅନୌପଚାରିକ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ୭୮ ରନ ମଧ୍ୟରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସଙ୍କଟକୁ ଚାଲିଯାଇଥିଲା। ତେବେ ଅନ୍ୟତମ ଓପନର୍ ଆୟୁଷ ମହାତ୍ରେ ୪୩, ଡେୱାଲ୍ଡ ବ୍ରେଭିସ ୪୨ ଓ ଶିଭମ ଦୁବେ ୩୯ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ରାଜସ୍ଥାନ ପକ୍ଷରୁ ଯୁଦ୍ଧବୀର ସିଂ ଚରକ ଓ ଆକାଶ ମାଧୱାଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ରାଜସ୍ଥାନ ୧୪ ବର୍ଷୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଅର୍ଦ୍ଧଶତକ (୫୭ ରନ, ୩୩ ବଲ) ବଳରେ ୧୭.୧ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଞ୍ଜୁ ସାମସନ ୪୧, ଯଶସ୍ୱୀ ଜୟସ୍ୱାଲ ୩୬, ଧ୍ରୁବ ଜୁରେଲ ଅପରାଜିତ ୩୧ ରନ କରିଥିଲେ। ଚେନ୍ନାଇର ରବିଚନ୍ଦ୍ରନ ଅଶ୍ୱିନ ସଫଳ ବୋଲର ଭାବେ ୨ଟି ୱିକେଟ୍ ନେଇଥିଲେ।

## ଏଥର ସିନିଅରବର୍ଗରେ ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍

ଭୁବନେଶ୍ୱର, ୨୦।୫ (ସମିସ): ସ୍ଥାନୀୟ ବିଜେବି ନଗରସ୍ଥିତ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଚଳିତ ମାସ ୨୫ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଉଭୟ କଟକ ଓ ଭୁବନେଶ୍ୱରର ୮ ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ମ୍ୟାଚ୍ ୪୦ ଓଭରବିଶିଷ୍ଟ ଏବଂ ରେଡ୍ ବଲରେ ଖେଳାଯିବ। ସେହିଭଳି ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ରନର୍ସଅପ୍ ହୋଇଥିବା ଦଳ ୩୦ ହଜାର ଟଙ୍କା ଦିଆଯିବ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାରାମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ ଜେନା କହିଛନ୍ତି। ତେବେ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଜୁନିଅରବର୍ଗରେ ଖେଳାଯାଉଥିବାବେଳେ ଏଥର କିନ୍ତୁ ସିନିଅରବର୍ଗରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା, ବି. ଦେବୀଦତ୍ତ ବାବୁ, ସୁଧୀର ପରିଡ଼ା ଓ ପ୍ରସନ୍ନ ନରେନ୍ଦ୍ର ଉପସ୍ଥିତ ରହିଥିଲେ।



## ୬୯ କୋଟି ଟଙ୍କାରେ ଘର କିଣିଲେ ଧାୱନ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ବର୍ତ୍ତମାନ ତାଙ୍କର ଭିନ୍ନ ଜୀବନଶୈଳୀକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଧାୱନ ଗୁରୁଗ୍ରାମରେ ଏକ ବିଶାଳ ଆପାର୍ଟମେଣ୍ଟ କ୍ରୟ କରିଛନ୍ତି। ରିଅଲ୍ ଇଷ୍ଟେଟ୍ ଡାଟା ଆନାଲାଟିକ୍ ଫାର୍ମ 'କ୍ରେ ମାଟ୍ରିକ୍ସ' ରିପୋର୍ଟ ମୁତାବକ ୬,୦୪୦ ସ୍କୋୟର ଫୁଟ୍‌ର ଏହି ଆପାର୍ଟମେଣ୍ଟର ମୂଲ୍ୟ ୬୯ କୋଟି ଟଙ୍କା ହେବ। ସମ୍ପତିର ମୂଲ୍ୟ ୬୫.୬୧ କୋଟି ହୋଇଥିବାବେଳେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୩.୨୮ କୋଟି ଟଙ୍କା ଦେବାକୁ ପଡ଼ିଛି।

## ରୀନା ଓ ବାଲମତି ଏଆଇଏଫ୍‌ଏଫ୍ ରେଫରୀ

କଟକ,୨୦।୫(ସମିସ): ୯ ବର୍ଷ ବ୍ୟବଧାନ ପରେ ରାଜ୍ୟ ଫୁଟବଲର ଦୁଇ ଜଣ ମହିଳା ଜାତୀୟ ରେଫରୀ କାର୍ଯ୍ୟକ୍ରମରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରାକ୍ଟିକାଲ, ଭାଇଭା, ଥିଓରୀ ଏବଂ ଫିଜିକାଲ ଫିଟନେସ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରି ଉଭୟ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଏଆଇଏଫଏଫ ରେଫରୀ ଭାବେ ଯୋଗ୍ୟତା ହାସଲ କରିଥିବା ଏହି ଦୁଇଜଣ ହେଲେ ରୀନା ତିର୍କୀ ଏବଂ ବାଲମତି ଓରାମ। ଉଭୟଙ୍କ ଘର ସୁନ୍ଦରଗଡ଼ ଜିଲ୍ଲାରେ। ଗତ ମାର୍ଚ୍ଚ ୨୨ରୁ ୨୪ ପର୍ଯ୍ୟନ୍ତ ଗ୍ୱାଲିୟରରେ ଫିଜିକାଲ ଫିଟନେସ ଏବଂ ଥିଓରୀ ପରୀକ୍ଷା ହୋଇଥିଲା। ପରେ ମେ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ବିହାରରେ ପ୍ରାକ୍ଟିକାଲ ଏବଂ ଭାଇଭା ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମସ୍ତ କର୍ମକର୍ତ୍ତା ଉଭୟ ଏଆଇଏଫଏଫ ରେଫରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





## ଜାନୁଆରୀ ୫ରୁ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ଆଗାମୀ ୨୦୨୬ ସଂସ୍କରଣ ଜାନୁଆରୀ ୫ ତାରିଖରୁ ଆରମ୍ଭ ହେବ। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଲାନାଥ ସିଂ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ଦୀର୍ଘ ୭ ବର୍ଷ ଏଚ୍‌ଆଇଏଲ୍ ଆୟୋଜନ ବନ୍ଦ ରହିବା ପରେ ଗତବର୍ଷ ପୁଣିଥରେ ଆରମ୍ଭ ହୋଇଥିଲା। ପୂର୍ବପରି ପୁରୁଷ ଏଚ୍‌ଆଇଏଲ୍ ୮ଟି ଦଳକୁ ନେଇ ଆୟୋଜନ ହେବ। କିନ୍ତୁ ମହିଳା ଏଚ୍‌ଆଇଏଲ୍‌ରେ ଏଥର ୬ଟି ଦଳ ଅଂଶଗ୍ରହଣ କରିବେ। ଗତବର୍ଷ ମହିଳା ଏଚ୍‌ଆଇଏଲ୍‌ରେ ୪ଟି ଦଳ ଭାଗ ନେଇଥିଲେ।

## ଏସୀୟ ଜୁ ଜିତସୁରେ ଭାଗ ନେବେ ୪ ଓଡ଼ିଆ

ଭୁବନେଶ୍ୱର,୨୦।୫(ସମିସ): ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନରେ ଆସନ୍ତା ୨୩ରୁ ୨୫ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୯ମ ଏସୀୟ ବରିଷ୍ଠ ଜି ଜିତସୁ ପ୍ରତିଯୋଗିତାରେ ତାରକା ମହିଳା ଖେଳାଳି ଅନୁପମା ସ୍ୱାଇଁଙ୍କ ସମେତ ମୋଟ୍ ୪ ଜଣ ଓଡ଼ିଆ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଜୁ ଜିତସୁ ସଂଘ ତରଫରୁ ପ୍ରତିନିଧିତ୍ୱ କରି ଏହି ଖେଳାଳିମାନେ ଗତ ବରିଷ୍ଠ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକରି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଗତ ୪ଟି ଏସୀୟ ଜୁ ଜିତସୁ ପ୍ରତିଯୋଗତାରେ କ୍ରମାଗତ ଭାବେ ପଦକ ହାସଲ କରିଥିବା ତଥା ଗତ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ଦେଶର ୧ ନଂ ଜୁ ଜିତସୁ ଖେଳାଳି ଅନୁପମା ସ୍ୱାଇଁ ମହିଳା ୫୨ କେଜି ନି-ୱାଜା, କଣ୍ଟାକ୍ଟ ଓ ଫାଇଟ୍‌ରେ ଭାଗ ନେବେ। ସେହିପରି ସ୍ୱରାଜ ଜାନୀ ନି- ୱାଜ ଓ କଣ୍ଟାକ୍ଟରେ, ଦେବାଶିଷ ସାମନ୍ତରାୟ ନି- ୱାଜା ଓ କଣ୍ଟାକ୍ଟ ଏବଂ ସନ୍ତୋଷ ସିଂ ନି- ୱାଜା ଓ ଫାଇଟିଂ ବିଭାଗରେ ଭାଗ ନେବେ। ଖେଳାଳିମାନେ ଜୋର୍ଡାନ ଅଭିମୁଖେ ଯାତ୍ରା କରିଛନ୍ତି।




## ୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ଦିବ୍ୟଜ୍ୟୋତି ଓ ସ୍ୱୟଂମ୍ଭୁଙ୍କ ଶତକ

କଟକ,୨୦।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଭଦ୍ରକର ସ୍ୱୟଂମ୍ଭୁ ପଲାଇ ଏବଂ ନୟାଗଡ଼ର ଦିବ୍ୟଜ୍ୟୋତି ପଟ୍ଟନାୟକ ଶତକ ସଂଗ୍ରହ କରିଛନ୍ତି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ରାୟଗଡ଼ା ବିପକ୍ଷ ମ୍ୟାଚ୍‌ରେ ଭଦ୍ରକ ୮ ୱିକେଟ ବିନିମୟରେ ୩୪୪ ରନ କରିଥିଲା। ସ୍ୱୟମ୍ଭୁ ୧୦୯ ବଲରୁ ୧୪୧ ରନ କରିଥିଲେ। ଅମିତାଂଶୁ ମଲ୍ଲିକ ୨୮ ବଲରୁ ଦ୍ରୁତ ୪୫ରନ କରିଥିଲେ। ରାୟଗଡାର ହରିଶ ବାଗ ଏବଂ ପୂର୍ଣ୍ଣ ଭାସ୍କର ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ତେବେ ୩୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ରାୟଗଡ଼ା ମାତ୍ର ୯୭ ରନରେ ଅଲଆଉଟ ହେବା ସହ ବୃହତ୍ ବ୍ୟବଧାନରେ ପରାଜୟ ବରଣ କରିଥିଲା। ଭଦ୍ରକର ଆଶିଷ ମହାପାତ୍ର ଏବଂ ଅମିତାଂଶୁ ମଲ୍ଲିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ସ୍ୱୟଂମ୍ଭୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ଡ୍ରିମସ କ୍ରିକେଟ ଷ୍ଟାଡିୟମରେ ନୟାଗଡ଼ ଏବଂ ନବରଙ୍ଗପୁର ଦଳ ମୁହାଁମୁହିଁ ହୋଇଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ ୧୭୦ ରନରେ ଅଲଆଉଟ ହୋଇଥିଲା। ଦଳର ଲଗାତର ୱିକେଟ ପତନ ସତ୍ତ୍ୱେ ଦିବ୍ୟଜ୍ୟୋତି ପଟ୍ଟନାୟକ ୧୧୧ ରନର ସଂଘର୍ଷପୂର୍ଣ୍ଣ ଶତକୀୟ ପାଳି ଖେଳିଥିଲେ। ନବରଙ୍ଗପୁରର ଶୁଭମ ନାୟକ ଏବଂ ଦିଲ୍ଲୀପ ବିଶୋୟୀ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ ନବରଙ୍ଗପୁର ୧୦୪ ରନରେ ଅଲଆଉଟ ହୋଇଥିବା ବେଳେ ଦିବ୍ୟଜ୍ୟୋତି ୩ଟି ୱିକେଟ ହାସଲ କରି ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜି ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୧୮୭ ରନରେ ବୌଦ୍ଧକୁ ପରାସ୍ତ କରିଛି। ୩ରନ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିବା ଭୁବନେଶ୍ୱର ଦଳର ଶୁଭକାନ୍ତ ପରିଡ଼ା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ସମ୍ବଲପୁର-ବି ୫ ୱିକେଟରେ ଯାଜପୁରକୁ, ଝାରସୁଗୁଡା ୬ ୱିକେଟରେ ସୋନପୁରକୁ, ଖୋର୍ଦ୍ଧା ୧୨୪ରନରେ କିଟକୁ ହରାଇଛି।





## ଓଡ଼ିଶା ଏଫ୍‌ସି- କ୍ରୀଡ଼ା ବିଭାଗ ମଧ୍ୟରେ ଅଚଳାବସ୍ଥା ଜାରି

ଭୁବନେଶ୍ୱର,୨୦।୫(ସମିସ)

କ୍ରୀଡ଼ା ଓ ଯୁବସେବା ବିଭାଗ ଓ ରାଜ୍ୟର ଏକମାତ୍ର ପେସାଦାର ଫୁଟବଲ କ୍ଲବ ଓଡ଼ିଶା ଏଫ୍‌ସି ମଧ୍ୟରେ ସୃଷ୍ଟି ହୋଇଥିବା ଅଘୋଷିତ ଶୀତଳ ଯୁଦ୍ଧ ଏବେ ପଦାରେ ପଡିଛି। ରାଜ୍ୟ ଫୁଟବଲ ତଥା କ୍ରୀଡ଼ା ପ୍ରଶଂସକଙ୍କ ମଧ୍ୟରେ ଓଡ଼ିଶା ଏଫ୍‌ସିର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି। ସରକାରଙ୍କ କ୍ରୀଡ଼ା ବିଭାଗ ଓ କ୍ଲବ୍ ମଧ୍ୟରେ 'ଅଲ ଇଜ୍ ନଟ୍ ୱେଲ' ଅର୍ଥାତ ସବୁକିଛି ଠିକ୍‌ଠାକ ଚାଲିନାହିଁ ଏକଥା ଫୁଟବଲର ସବୁ ଅଂଶଧାରକ ଏବେ ହୃଦୟଙ୍ଗମ କଲେଣି। ରାଜ୍ୟ ଫୁଟବଲର ବୃହତ୍ତର ସ୍ୱାର୍ଥ ପାଇଁ ଏହି ଭୁଲ୍ ବୁଝାମଣା ଓ ଅଚଳାବସ୍ଥା ଦୂର ହେବାର ଆବଶ୍ୟକତା ରହିଛି। କିନ୍ତୁ ଦୁଇପକ୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ବିରୋଧାଭାସ ସ୍ଥିତିକୁ ଆହୁରି ଜଟିଳ କରିଛି। ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି ବୋଲି କ୍ଲବ ତରଫରୁ କୁହାଯାଇଛି। କିନ୍ତୁ ସମାଧାନ ପାଇଁ କ୍ଲବ ଆଲୋଚନାକୁ ଆସୁନାହିଁ। ବରଂ କ୍ଲବ ବାହାରେ ଅମୂଳକ ଅଭିଯୋଗ ଆଣୁଛି ବୋଲି କ୍ରୀଡ଼ା ବିଭାଗ ତରଫରୁ କୁହାଯାଇଛି। ତେଣୁ ରାଜ୍ୟରେ ଫୁଟବଲର ବିକାଶ ପାଇଁ ଗତ ବିଜେଡି ସରକାର ୨୦୧୯ରେ ଦିଲ୍ଲୀ ଡାଇନାମୋସ ଦଳକୁ ଓଡ଼ିଶାର ଏଫ୍‌ସିର ନାମ ଦେଇ ଯେଉଁ ଅଭିଯାନ ଆରମ୍ଭ କରିଥିଲେ, ଏବେ ତାହା ଅନିଶ୍ଚିତତା ଆଡକୁ ଗତି କରୁଛି।

### ● ଚର୍ଚ୍ଚା ସୃଷ୍ଟି କରିଥିଲା ରୋହନଙ୍କ ପୋଷ୍ଟ

ସର୍ବଭାରତୀୟ ଫୁଟବଲ ଫେଡେରେସନର କ୍ଲବ ଲାଇସେନ୍ସିଂ କମିଟି ଶନିବାର ଓଡ଼ିଶା ଏଫ୍‌ସିର ଲାଇସେନ୍ସ ରଦ୍ଦ କରିବା ଓ ଓଡ଼ିଶା ଏଫ୍‌ସି ମାଲିକ ରୋହନ ଶର୍ମା ସାମାଜିକ ଗଣମାଧ୍ୟମ ଏକ୍ସ'ରେ ନିଜର ଅସନ୍ତୋଷ ଖୋଲାଖୋଲି ଭାବେ ଜାହିର କରିବା ପରେ ଖବର ଲୋକଲୋଚନକୁ ଆସିଥିଲା। ରୋହନ କ୍ରୀଡ଼ା ବିଭାଗର ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଥିଲେ ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ମଧ୍ୟ କ୍ରୀଡ଼ାବିଭାଗ ମଧ୍ୟ ଆନୁଷ୍ଠାନିକ ଭାବେ ଏ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନ ଥିଲା। ଫଳରେ ଦୁଇ ପକ୍ଷ ମଧ୍ୟରେ ସମ୍ପର୍କ ଚରମସୀମାରେ ପହଞ୍ଚିଛି ବୋଲି ଆଶଙ୍କା ପ୍ରକାଶ ପାଇଥିଲା।

### ● ଆଭିମୁଖ୍ୟ ସ୍ପଷ୍ଟ କରୁ କ୍ରୀଡ଼ା ବିଭାଗ

ମିଳିଥିବା ସୂଚନା ଅନୁଯାୟୀ ଖେଳାଳିଙ୍କ ଜର୍ସିରେ ଓଡ଼ିଶା ଲେଖାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ପୁରୁଣା ବୁଝାମଣାକୁ କ୍ଲବ ଆଗକୁ ବଢ଼ାଇବାକୁ ଚାହୁଁନାହିଁ। ଅର୍ଥାତ୍ ଜର୍ସିର ଆଗପଟେ ବା ଖେଳାଳିଙ୍କ ଛାତିରେ ଓଡ଼ିଶା ଲେଖାକୁ କ୍ଲବ ବଜାୟ ରଖିବାକୁ ଚାହୁଁନାହିଁ। ଏହା ଜର୍ସିର ପଛପଟେ ରହିବାକୁ କ୍ଲବ ତରଫରୁ କୁହାଯାଇଛି। କିନ୍ତୁ କ୍ରୀଡ଼ା ବିଭାଗ ଏହାକୁ ଗ୍ରହଣ କରିବାକୁ ନାରାଜ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି। ଏ ସଂକ୍ରାନ୍ତରେ କ୍ରୀଡ଼ା ବିଭାଗ ଖୋଲାଖୋଲି ଭାବେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି। ଏବେ ଆଗକୁ କ'ଣ ହେବ ତାହା ଦେଖିବାକୁ ବାକି ରହିଲା।

### ● କାହିଁକି କଟିଲା ଲାଇସେନ୍ସ

ଏଆଇଏଫ୍‌ଏଫ୍ ଦ୍ୱାରା ଓଡ଼ିଶା ଏଫ୍‌ସିର ଲାଇସେନ୍ସ କଟିବା ନିହାତି ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ। ଏ ଓ ବି ମାନଦଣ୍ଡକୁ ବଜାୟ ରଖିବାରେ ବିଫଳ ହେବା କାରଣରୁ ଓଡ଼ିଶା ଏଫ୍‌ସିର ମାନ୍ୟତାକୁ କାଟି ଦିଆଯାଇଛି ବୋଲି ଏଆଇଏଫ୍‌ଏଫ୍ ତରଫରୁ କୁହାଯାଇଛି। ବିଭିନ୍ନ ବୟସ ବର୍ଗ ଓ ଯୁବ ବିଭାଗର ମୁଖ୍ୟ ଉପଲବ୍ଧତାକୁ ନେଇ ଓଡ଼ିଶା ଏଫ୍‌ସି ବିଫଳ ହେବା କାରଣରୁ ଏଆଇଏଫ୍‌ଏଫ୍ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି। ୨୦୧୯ ଅଗଷ୍ଟ ୩୧ରେ ଓଡ଼ିଶା ଏଫ୍‌ସି ସୃଷ୍ଟି ହୋଇଥିଲା। ଦିଲ୍ଲୀ ଡାଇନାମୋସ ଦଳ ଓଡ଼ିଶା ଏଫ୍‌ସିକୁ ରୂପାନ୍ତରିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS